NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
24 MAY 2026
ରବିବାର
୨୪ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 365 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୬୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇବୋଲା ସମୀକ୍ଷା

# ‘ଭୟଭୀତ ହୁଅନ୍ତୁ ନାହିଁ’



**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସଚିବାଳୟରେ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ଲୋକମାନଙ୍କୁ ଅଯଥା ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଏନ୍‌ଏଚ୍‌ଏମ୍ ଏମ୍‌ଡି ଡ଼. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡ଼ ବିଜୟ ମହାପାତ୍ର, ସ୍ୱତନ୍ତ୍ର ସଚିବ ଡ଼ ନୀଳକଣ୍ଠ ମିଶ୍ର, ଭୁବନେଶ୍ୱର ଏୟାରପୋର୍ଟର ଡିଜିଏମ୍ ଅପରେସନ୍ ଉମାକାନ୍ତ ପଟେଲ, ବରିଷ୍ଠ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ କ୍ରାଇଓଭା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରୋମାନିଆର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୩ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରାଇଓଭା ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଲିଓନାର୍ଡୋ ଜିଓ ମେନେସ୍କୁ ଏବଂ ଅନ୍ୟାନ୍ୟ ବହୁ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୪୭ରେ ପ୍ରତିଷ୍ଠିତ କ୍ରାଇଓଭା ବିଶ୍ୱବିଦ୍ୟାଳୟ ହେଉଛି ରୋମାନିଆର ଅନ୍ୟତମ ସର୍ବପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ। କ୍ରାଇଓଭା ବିଶ୍ୱବିଦ୍ୟାଳୟର ସିନେଟ୍ ପ୍ରଯୁଜ୍ୟ ଆଇନ ଅଧିନରେ ଏହାର ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲା। ଗତ ମାସରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିନେଟ୍‌ର ପୂର୍ଣ୍ଣାଙ୍ଗ ବୈଠକରେ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ସମ୍ମାନପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କ୍ରାଇଓଭା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ ଯେ ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ତାଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

## ଓପିଟିସିଏଲ୍ କର୍ମଚାରୀଙ୍କ ଛୁଟି ବାତିଲ୍

**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ଲହରୀ ମଧ୍ୟରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନର ସଂକଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦ୍ୟୁତ ବିଭାଗର କର୍ମଚାରୀ ଓ ଅଧିକାରୀମାନଙ୍କ ଛୁଟି ଉପରେ କଟକଣା ଜାରି କରାଯାଇଛି। କେବଳ ପ୍ରସୂତୀକାଳୀନ ଏବଂ ଜରୁରୀକାଳୀନ ଚିକିତ୍ସା ଜନିତ ଛୁଟିକୁ ବାଦ୍ ଦେଲେ, ପୂର୍ବରୁ ମଞ୍ଜୁର ହୋଇଥିବା ଅନ୍ୟ ସମସ୍ତ ପ୍ରକାରର ଛୁଟିକୁ ତୁରନ୍ତ ପ୍ରଭାବରୁ ବାତିଲ କରିଦିଆଯାଇଛି। ଏହା ସହିତ ଯେଉଁ କର୍ମଚାରୀମାନେ ବର୍ତ୍ତମାନ ଛୁଟିରେ ଅଛନ୍ତି, ସେମାନଙ୍କୁ ଯଥାଶୀଘ୍ର ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଫେରି ଆସି କାର୍ଯ୍ୟରେ ଯୋଗଦେବା ପାଇଁ ସ୍ପଷ୍ଟ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ ଚାହିଦା ଅତ୍ୟଧିକ ବୃଦ୍ଧି ପାଇଥିବାରୁ ଉପୁଜିଥିବା ସ୍ଥିତିର ସଫଳ ପରିଚାଳନା ଏବଂ ଗ୍ରାହକମାନେ ଯେପରି ବିନା କୌଣସି ବାଧାରେ ବିଦ୍ୟୁତ ସେବା ପାଇପାରିବେ, ସେଥିପାଇଁ ନିଗମ ପକ୍ଷରୁ ଏହି କଠୋର ନିଷ୍ପତ୍ତି ନିଆଯାଇଛି। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, କୌଣସି ବିଦ୍ୟୁତ କର୍ମଚାରୀ କିମ୍ବା ବରିଷ୍ଠ ଅଧିକାରୀ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନ କିମ୍ବା ବିନା ଅନୁମତିରେ ନିଜର ମୁଖ୍ୟ କାର୍ଯ୍ୟାଳୟ ଛାଡ଼ି ଅନ୍ୟତ୍ର ଯାଇପାରିବେ ନାହିଁ। ସମସ୍ତଙ୍କୁ ଆଲର୍ଟ ବା ସତର୍କ ରହିବାକୁ କୁହାଯାଇଛି।

## ୩୧ରେ ବିଏଡ୍ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ଆସନ୍ତା ୩୧ ତାରିଖରେ ଦୁଇ ବର୍ଷିଆ ବିଏଡ୍ ପାଠ୍ୟକ୍ରମ ପାଇଁ ଅନୁଷ୍ଠିତ ହେବ ପ୍ରବେଶିକା ପରୀକ୍ଷା। ଜୁନ୍ ୩ ତାରିଖରେ ବିଏଚ୍‌ଏଡ୍ (ହିନ୍ଦୀ) ଓ ଏମ୍‌ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମେ’ ୩୧ ତାରିଖରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଡ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଭାବେ ଜୁନ୍ ୩ ତାରିଖରେ ସକାଳ ୧୦ ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଚ.ଏଡ଼ (ହିନ୍ଦୀ) ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏମ୍‌ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ମେ’ ୨୭ ତାରିଖ ଦିନ ୧୧ଟାରୁ ବିଏଡ୍ ବିଏଚ୍‌ଏଡ୍ ଓ ଏମ୍‌ଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଷ୍ଟେଟ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି)ର ୱେବ୍‌ସାଇଟ୍‌କୁ ଯାଇ ନିଜର ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଜୁନ୍ ୪ ତାରିଖରେ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି’ ପ୍ରକାଶିତ ହେବ। ପ୍ରୋଭିଜିନାଲ ଆନ୍ସର କି’କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀମାନେ ଜୁନ୍ ୫ରୁ ୭ ତାରିଖ ମଧ୍ୟରେ ଆନ୍ସର କି’ ଚାଲେଞ୍ଜ ପାଇଁ ଆବେଦନ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ।

## ଆଇନଶୃଙ୍ଖଳା ନେଇ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟର ବିଗୁଡ଼ିଥିବା ଆଇନଶୃଙ୍ଖଳାକୁ ନେଇ ପୁଣି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ଦର୍ଶାଇ ନବୀନ କହିଛନ୍ତି ଯେ ଜନପ୍ରତିନିଧିମାନେ ଯଦି ନିଜ କାର୍ଯ୍ୟ କରିବା ବେଳେ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏହାକୁ ଯେତେ ନିନ୍ଦା କଲେ ବି ଭୁଲ ହେବ। ତେଣୁ ତୁରନ୍ତ ହସ୍ତକ୍ଷେପ କରି ଘଟଣାରେ ଜଡ଼ିତ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୁଧାରିବାକୁ ମଧ୍ୟ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ଶନିବାର ଦେଇଥିବା ଚିଠିରେ ନବୀନ କହିଛନ୍ତି ଯେ ଆଠଗଡ଼ ବିଧାନସଭା ଅଞ୍ଚଳର ତିଗିରିଆ ବ୍ଲକରେ ପଞ୍ଚାୟତ ସମିତି ବୈଠକକୁ ଯାଉଥିବାବେଳେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କିଛି ଦୁର୍ବୃତ୍ତ ଅଟକାଇଥିଲେ। ତାଙ୍କୁ ଭୟଭୀତ କରାଯିବା ସହ ଶାରୀରିକ ଭାବେ ବାଧା ଦିଆଯାଇଥିଲା। ଏହି ଘଟଣା କେବଳ ଏକ ସାଧାରଣ ରାଜନୈତିକ ସଂଘର୍ଷ ନୁହେଁ, ବରଂ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ସିଧାସଳଖ ଆକ୍ରମଣ ବୋଲି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ଭାରତ ନେଟ୍ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ ସମୀକ୍ଷା

# ଘରକୁ ଘର ପହଞ୍ଚିବ ହାଇସ୍ପିଡ୍ ଇଣ୍ଟରନେଟ୍



**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଗ୍ରାମୀଣ ଡିଜିଟାଲ୍ ଭିତ୍ତିଭୂମିକୁ ବ୍ୟାପକ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏବଂ ଭାରତ ସଂଚାର ନିଗମ ଲିମିଟେଡ୍ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରି ‘ଭାରତ ନେଟ୍ ପରିଯୋଜନା’

### ଖର୍ଚ୍ଚ ହେବ ୪୦୦୦ କୋଟି

ତୃତୀୟ ପର୍ଯ୍ୟାୟର ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ଡିଜିଟାଲ୍ ଇଣ୍ଡିଆ’ ବା ‘ଡିଜିଟାଲ୍ ଭାରତ’ ସଂକଳ୍ପକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ଏକ ପ୍ରମୁଖ ମାଇଲଷ୍ଟୋନ ସାବ୍ୟସ୍ତ ହେବ ଏବଂ ଉଚ୍ଚ ଗତିସମ୍ପନ୍ନ ଇଣ୍ଟରନେଟ୍ ସେବା ମାଧ୍ୟମରେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ବୈଦ୍ୟୁତିକ ପ୍ରଶାସନ ବା ଇ-ଗଭର୍ନାନ୍ସ ଏବଂ ଡିଜିଟାଲ୍ ଅର୍ଥନୀତିକୁ ଆହୁରି ସୁଦୃଢ଼ କରାଯିବ ବୋଲି ମନ୍ତ୍ରୀ ଡ଼. ମହାଲିଙ୍ଗ ଏହି ଅବସରରେ କହିଛନ୍ତି। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୪୦୦୦ କୋଟି ଟଙ୍କା ବିନିଯୋଗ କରିବେ ଏବଂ ଏହି ସମଗ୍ର ପ୍ରକଳ୍ପକୁ ଆଗାମୀ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କାର୍ଯ୍ୟକାରୀ ପ୍ରଣାଳୀ ଅନୁଯାୟୀ, ପ୍ରତି ବ୍ଲକକୁ ଗୋଟିଏ ୟୁନିଟ ବା ଏକକ ହିସାବରେ ଗ୍ରହଣ କରାଯାଇ ପ୍ରଥମେ ବ୍ଲକ ସ୍ତରୀୟ ଆଲୋକୀୟ ତନ୍ତୁ ବା ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେଠାରୁ ପ୍ରତି ଗ୍ରାମ ପଞ୍ଚାୟତକୁ ଯୋଡ଼ାଯାଇ ପଞ୍ଚାୟତ ସ୍ତରୀୟ ସଂଯୋଗୀକରଣ କେନ୍ଦ୍ର ସ୍ଥାପନ ହେବ ଏବଂ ପରବର୍ତ୍ତୀ ସମୟରେ ପଞ୍ଚାୟତରୁ ଉପଭୋକ୍ତାମାନଙ୍କ ଘରକୁ ଘର ସଂଯୋଗ ଯୋଗାଇ ଦିଆଯିବ। ଏହି ଯୋଜନାରେ ଆବେଦନ କଲାପରେ ଆବେଦନକାରୀଙ୍କୁ ତୁରନ୍ତ ଆଲୋକୀୟ ତନ୍ତୁ ସଂଯୋଗୀକରଣ ସହ ଦୂରଭାଷ ବା ଟେଲିଫୋନ ଏବଂ ବ୍ରୋଡବ୍ୟାଣ୍ଡ ସେବା ଉପଲବ୍ଧ କରାଯିବ। ଏହା ସହିତ ଗ୍ରାମାଞ୍ଚଳରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ମଧ୍ୟ ଏହି ଉଚ୍ଚ ଗତିସମ୍ପନ୍ନ ନେଟୱର୍କ ସହ ଯୋଡ଼ାଯିବ, ଯାହାଫଳରେ ଗ୍ରାମୀଣ ଓଡ଼ିଶାରେ ନିରବଚ୍ଛିନ୍ନ ଇଣ୍ଟରନେଟ୍ ସେବା ଭିତ୍ତିଭୂମି ଅତ୍ୟନ୍ତ ସୁଦୃଢ଼ ହୋଇପାରିବ। ଏହି ସମୀକ୍ଷା ବୈଠକରେ ଭାରତ ସଂଚାର ନିଗମ ଲିମିଟେଡ୍ ବୋର୍ଡର ନିର୍ଦ୍ଦେଶକ (ଉଦ୍ୟୋଗ) ପାପା ସୁଧାକର ରାଓ, ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଡି. କେ. ବେହେରା ଏବଂ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର ବା ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତଙ୍କ ସମେତ ଅନ୍ୟାନ୍ୟ ବହୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ସଫଳ ରୂପାୟନ ସମ୍ପର୍କରେ ନିଜ ନିଜର ବୈଷୟିକ ମତାମତ ଉପସ୍ଥାପନ କରିଥିଲେ।

## ୨୬ରୁ +୨ ନାମଲେଖା ପାଇଁ ଅନଲାଇନ୍ ଆବେଦନ ଆରମ୍ଭ

**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏକାଦଶ ଶ୍ରେଣୀ ବା +୨ ନାମଲେଖା ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହେବାକୁ ଯାଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ସୂଚୀ ଅନୁଯାୟୀ, ଆସନ୍ତା ମେ ମାସ ୨ ତାରିଖ ପୂର୍ବାହ୍ନ ୧୧ଟାରୁ ଛାତ୍ର ଏକାଡେମିକ୍ ପରିଚାଳନା ପ୍ରଣାଳୀ ବା ‘ସାମ୍ସ’ ପୋର୍ଟାଲ୍ (www.samsodisha.gov.in) ମାଧ୍ୟମରେ ଅନଲାଇନ୍ ସାଧାରଣ ଆବେଦନ ଫର୍ମ ଉପଲବ୍ଧ ହେବ। ଆବେଦନର ଶେଷ ତାରିଖ ଜୁନ୍ ୩୦ ରାତ୍ରି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ଓଡ଼ିଶା କିମ୍ବା ଏହାର ସମକକ୍ଷ ବୋର୍ଡରୁ ଦଶମ ଶ୍ରେଣୀ ଉତୀର୍ଣ୍ଣ ହୋଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନେ କଳା, ବିଜ୍ଞାନ, ବାଣିଜ୍ୟ, ବୃତ୍ତିଗତ ଏବଂ ଉପଶାସ୍ତ୍ରୀ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ।

### ଜୁଲାଇ ୨୩ରୁ କ୍ଲାସ୍

ବିଜ୍ଞପ୍ତି ଅନୁସାରେ, ଆବେଦନକାରୀମାନଙ୍କୁ ଦଶମ ଶ୍ରେଣୀର ମାର୍କ ସିଟ୍, ଆଧାର କାର୍ଡ, ଫଟୋଚିତ୍ର ଏବଂ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାସଙ୍ଗିକ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସାଧାରଣ ବର୍ଗ, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ପିଲାଙ୍କ ପାଇଁ ଆବେଦନ ଫି’ ୨୦୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ଏହା ୧୦୦ ଟଙ୍କା ରହିବ। ଅପରପକ୍ଷରେ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ବ୍ୟକ୍ତି, ତୃତୀୟ ଲିଙ୍ଗୀ ଏବଂ ଅନାଥ ପିଲାମାନଙ୍କ ପାଇଁ ଆବେଦନ ସମ୍ପୂର୍ଣ୍ଣ ମାଗଣା କରାଯାଇଛି। ସମସ୍ତ ଚୟନ ପ୍ରକ୍ରିୟା ଛାତ୍ରଛାତ୍ରୀଙ୍କ ଯୋଗ୍ୟତା, ସଂରକ୍ଷଣ ଏବଂ ସେମାନଙ୍କ ପସନ୍ଦ ଅନୁସାରେ କରାଯିବ। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୮ ତାରିଖରେ ପ୍ରକାଶ ପାଇବ ଏବଂ ଜୁଲାଇ ୯ରୁ ୧୫ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ଏହାପରେ ଜୁଲାଇ ୨୩ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବା ସହ ସେହିଦିନ ଠାରୁ ହିଁ ନୂତନ ଶିକ୍ଷାବର୍ଷର ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ ହେବ। ପରବର୍ତ୍ତୀ ସମୟରେ ସ୍ପଟ୍ ନାମଲେଖା ପ୍ରକ୍ରିୟା ଅଗଷ୍ଟ ୧୨ ତାରିଖ ସୁଦ୍ଧା ଶେଷ ହେବ। ଅଧିକ ସୂଚନା ପାଇଁ ସଞ୍ଜୋଗ ସହାୟତା କେନ୍ଦ୍ରର ମାଗଣା ନମ୍ବର ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦ ରେ ଯୋଗାଯୋଗ କରିବାକୁ କୁହାଯାଇଛି। ସମଗ୍ର ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି।

## ଶିଶୁକୁ ଝୁଣିଲା ବୁଲା କୁକୁର

# ୬ ବର୍ଷର ଆରୁଷ ମୁଣ୍ଡରେ ହେବ ପ୍ଲାଷ୍ଟିକ ସର୍ଜରୀ



**ବ୍ରହ୍ମପୁର,୨୩।୫/ଏନ୍‌ଏନ୍‌ଏସ୍:** ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମରେ ଏକ ଅତ୍ୟନ୍ତ ଚିନ୍ତାଜନକ ଏବଂ ହୃଦୟବିଦାରକ ଘଟଣା ଘଟିଯାଇଛି। ଜଣେ ୬ ବର୍ଷର ଶିଶୁକୁ ହିଂସ୍ର ବୁଲା କୁକୁର ପଲ ଆକ୍ରମଣ କରି କ୍ଷତବିକ୍ଷତ କରିବା ସହ ନିର୍ଦ୍ଦୟ ଭାବେ ଝୁଣି ପକାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ଗ୍ରାମର ବିଶ୍ୱକେଶନ ଗୌଡ଼ଙ୍କ ଏକମାତ୍ର ପୁଅ ଆରୁଷ କୁମାର ଗୌଡ଼ (୬) ଚଳିତ ବର୍ଷ ମାମୁଘର ଗାଁ ମହାନଳା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି। ସେ ପାଟପୁର ପଞ୍ଚାୟତ ସାରଙ୍ଗ ବିହାର ଛକ ନିକଟସ୍ଥ ଏକ ଭଡ଼ା ଘରେ ରହୁଥିବା ବେଳେ ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ତାଙ୍କ ସମ୍ପର୍କୀୟ ଭାଇ ଆୟୁଷ ଏବଂ ଅନ୍ୟ ଜଣେ ସାଙ୍ଗ ସୌମ୍ୟଜିତଙ୍କ ସହ ଘର ସମ୍ମୁଖରେ ସାଇକେଲ ଚଳାଇ ଖେଳୁଥିଲେ। ଏହି ସମୟରେ ସୌମ୍ୟଜିତ ସାଇକେଲ ନେଇ ପାଣି ଆଣିବାକୁ ଯାଇଥିବା ବେଳେ ହଠାତ୍ ୫ରୁ ୬ଟି ବୁଲା କୁକୁର ଆରୁଷ ଏବଂ ଆୟୁଷକୁ ଗୋଡ଼ାଇଥିଲେ। ଆୟୁଷ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିବା ବେଳେ ଆରୁଷ ଦୌଡ଼ି ନପାରି ତଳେ ପଡ଼ିଯାଇଥିଲେ, ଯାହାଫଳରେ କୁକୁର ପଲ ତାକୁ କାମୁଡ଼ିବା ଆରମ୍ଭ କରିଥିଲେ। କୁକୁର ପଲ ଆରୁଷର ମୁଣ୍ଡ ଖପୁରୀର କିଛି ଅଂଶକୁ କାମୁଡ଼ି ଚୁଟି ସହିତ ମାଂସ ଟାଣି ନେଇଥିବାରୁ ମୁଣ୍ଡର ଉପରି ଭାଗରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହା ସହିତ ମୁହଁ, ପିଠି ଓ ଶରୀରର ବିଭିନ୍ନ ଅଂଶକୁ କୁକୁର ପଲ କାମୁଡ଼ି ରକ୍ତାକ୍ତ କରିଦେଇଛନ୍ତି। ନିକଟରେ ଥିବା ରାଜମିସ୍ତ୍ରୀ ସୁଶାନ୍ତ ସାହୁ ଏବଂ ତାଙ୍କ ସ୍ତ୍ରୀ ଏହା ଦେଖି କୁକୁର ପଲଙ୍କୁ ଘଉଡ଼ାଇବାରୁ କୁକୁର ପଲ ସେଠାରୁ ଚାଲିଯାଇଥିଲେ। ଏହାପରେ ଆରୁଷକୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା ଏବଂ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥିତ ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଶିଶୁର ଅବସ୍ଥା ସ୍ଥିର ଥିବା ବେଳେ ମୁଣ୍ଡରେ ପ୍ଲାଷ୍ଟିକ ସର୍ଜରୀ କରାଯିବ ବୋଲି ଆରୁଷଙ୍କ ମାମୁ ଜଗନ୍ନାଥ ମହାଙ୍କୁଡ଼ ପ୍ରକାଶ କରିଛନ୍ତି। ଏହି କୁକୁର ଆକ୍ରମଣ ପରେ ସ୍ଥାନୀୟ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଭୟଭୀତ ଅବସ୍ଥାରେ ଅଛନ୍ତି ଏବଂ ଲୋକେ ବାହାରକୁ ନିଜ କାମରେ ବାହାରିବା ବେଳେ ହାତରେ ଠେଙ୍ଗା ବାଡ଼ି ଧରି ଯାତାୟାତ କରୁଛନ୍ତି। ଅଞ୍ଚଳରେ ବିଦ୍ୟୁତ କାଟ, ପାନୀୟ ଜଳାଭାବ ଏବଂ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନଥିବାରୁ ଲୋକେ ଓ ପିଲାମାନେ ବାହାରକୁ ଆସିବା ସମୟରେ ବୁଲା କୁକୁରଙ୍କ ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏକାଧିକ ବ୍ୟକ୍ତି ଏବଂ ଛେଳି, ଗୋରୁ ଆଦି ଗୃହପାଳିତ ପଶୁଙ୍କୁ ବୁଲା କୁକୁର ଆକ୍ରମଣ କରି ଝୁଣି ଦେଇଥିବା ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଡୁ ଆସୁଥିବା ଲାଇନ୍ ଟ୍ରକ୍‌ଗୁଡ଼ିକରେ ସେଠାରୁ କୁକୁର ପଲ ଆଣି ନିୟମିତ ଭାବେ ଏହି ଅଞ୍ଚଳରେ ଛାଡ଼ି ଦିଆଯାଉଛି। ବିଭାଗୀୟ ପ୍ରଶାସନ ତୁରନ୍ତ ଏହାର ଏକ ସ୍ଥାୟୀ ପ୍ରତିକାର କରିବା ସହ ଆହତ ଶିଶୁଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଶ୍ରୀ ଏଜୁକେସନ ଏକାଡେମୀର ବାଜିମାତ୍

# ୯୬% ନମ୍ବର ରଖି ଡିଲେଶ୍ୱର ପଧାନ ଜିଲ୍ଲା ଟପ୍ପର

**ଭବାନୀପାଟଣା,୨୩।୫/ଏନ୍‌ଏନ୍‌ଏସ୍:** ଚଳିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ତୁୟୁଙ୍ଗ ସ୍ଥିତ ଶ୍ରୀ ଏଜୁକେସନ ଏକାଡେମୀ ଆଶାତୀତ ସଫଳତା ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ଗତ ବୁଧବାର ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ, ଏହି ଅନୁଷ୍ଠାନର ଛାତ୍ର ତଥା ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ବିରାମୁଣ୍ଡା ଗ୍ରାମର ଚାଷୀ ଭିକାରି ଚରଣ ପଧାନଙ୍କ ପୁଅ ଡିଲେଶ୍ୱର ପଧାନ ମୋଟ ୯୬ ପ୍ରତିଶତ (୫୭୬ ମାର୍କ) ନମ୍ବର ପାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଅଞ୍ଚଳର ଜସ୍ମିନ ଆଚାର୍ଯ୍ୟଙ୍କ ପୁଅ ଅନ୍ୱେଷ ଅଙ୍କିତ ଆଚାର୍ଯ୍ୟ ମୋଟ ୯୫ ପ୍ରତିଶତ (୫୭୦ ମାର୍କ) ରଖି ଦ୍ୱିତୀୟ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲା ରତଖଣ୍ଡି ଗୌରଘୋଟ ଗ୍ରାମର ଦୁଲେଶ୍ୱର ପଧାନଙ୍କ ପୁଅ ନାରାୟଣ ପଧାନ ୯୪ ପ୍ରତିଶତ (୫୬୩ ମାର୍କ) ନମ୍ବର ସହ ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନର ସୁନାମ ବଢ଼ାଇଛନ୍ତି।







ଚଳିତ ବର୍ଷ ଏହି ଏକାଡେମୀରୁ ମୋଟ ୧୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଅନୁଷ୍ଠାନର ସମଗ୍ର ପାସ୍ ହାର ୯୯ ପ୍ରତିଶତ ରହିଛି, ଯାହା ଏକ ଆକର୍ଷଣୀୟ ସଫଳତା। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡିଲେଶ୍ୱର ପଧାନ ପୂର୍ବରୁ ମେଟ୍ରିକ ପରୀକ୍ଷାରେ ୮୧ ପ୍ରତିଶତ ନମ୍ବର ପାଇଥିଲେ। ମାତ୍ର ଶ୍ରୀ ଏଜୁକେସନ ଏକାଡେମୀର ଉନ୍ନତ ଶିକ୍ଷା ପଦ୍ଧତି, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସରଳ ଶିକ୍ଷା ପ୍ରଣାଳୀ ଏବଂ ସେମାନଙ୍କ ସହଯୋଗ ଯୋଗୁଁ ହିଁ ସେ +୨ ରେ ୯୬ ପ୍ରତିଶତ ମାର୍କ ପାଇବାକୁ ସକ୍ଷମ ହୋଇଛନ୍ତି ବୋଲି ପ୍ରକାଶ କରି ସମସ୍ତ ଶ୍ରେୟ ଅନୁଷ୍ଠାନକୁ ଦେଇଛନ୍ତି। ଅନ୍ୟପଟେ ଏହି ବିପୁଳ ସଫଳତା ସମ୍ପର୍କରେ ଶ୍ରୀ ଏଜୁକେସନ ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପତିଙ୍କୁ ପଚାରିବାରୁ ସେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି କହିଛନ୍ତି ଯେ, ଆଜି ଜଣେ ଗରିବ ଚାଷୀର ପୁଅ ତଥା ଗ୍ରାମାଞ୍ଚଳର ଛାତ୍ର ସାରା ଅଞ୍ଚଳରେ ପ୍ରଥମ ସ୍ଥାନ ଅଧିକାର କରିବା ଆମ ପାଇଁ ଗର୍ବର ବିଷୟ। ଶ୍ରୀ ଏଜୁକେସନ ଏକାଡେମୀର ମୂଳ ଉଦ୍ଦେଶ୍ୟ ବ୍ୟବସାୟ କରିବା ନୁହେଁ, ବରଂ ଗ୍ରାମାଞ୍ଚଳର ଗରିବ ଚାଷୀ ଓ ସାଧାରଣ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ କିଭଳି ଅତି ସୁଲଭ ମୂଲ୍ୟରେ ଗୁଣାତ୍ମକ ଉଚ୍ଚ ଶିକ୍ଷା ଲାଭ କରିପାରିବେ, ତାହା ହିଁ ଆମର ଏକମାତ୍ର ଲକ୍ଷ୍ୟ। ସେଥିପାଇଁ ଆମେ ସର୍ବଦା ଗ୍ରାମାଞ୍ଚଳର ସାଧାରଣ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦେଇଆସୁଛୁ। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପତି, ପ୍ରୋଜେକ୍ଟ ସଂଯୋଜକ ମନୋଜ କୁମାର ପତି, ସଭାପତି ସପନ କୁମାର ପଟ୍ଟନାୟକ, ମେନେଜିଙ୍ଗ ଟ୍ରଷ୍ଟି ସସ୍ମିତା ପତି ଏବଂ ଅଧ୍ୟକ୍ଷା ଅନିଷା ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଅଧ୍ୟାପକ ମଣ୍ଡଳୀ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ଏହି ଅପୂର୍ବ ସଫଳତା ପାଇଁ ସାଧୁବାଦ ଓ ଶୁଭେଚ୍ଛା ଜଣାଇଛନ୍ତି।

NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ ‘ନଜର୍’ ସହ
SUNDAY
24 MAY 2026
ରବିବାର
୨୪ ମେ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 365 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୬୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ଛୁଟି ଦିନରେ ଅଫିସ୍ ଆସିଲେ ମୁଖ୍ୟମନ୍ତ୍ରୀ

# ଆଇନଶୃଙ୍ଖଳା ପରିସ୍ଥିତିର କଲେ ସମୀକ୍ଷା



**ଭୁବନେଶ୍ୱର,୨୩।୫/ଏନ୍ଏନ୍ଏସ୍:**

ରାଜ୍ୟରେ ବିଗୁଡ଼ୁଥିବା ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଛୁଟିଦିନ ଥିଲେ ବି ସେ ଅଫିସ ଆସି ଆଇନ ଶୃଙ୍ଖଳା ବାବଦରେ ସମୀକ୍ଷା କରିଛନ୍ତି। କେବଳ ଆଇନ ଶୃଙ୍ଖଳା ନୁହେଁ ଶିଳ୍ପାୟନ ବାବଦରେ ବି ସମୀକ୍ଷା କରିଛନ୍ତି।

**ରାଜ୍ୟର ବିକାଶ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ: ସିଏମ୍**

**ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ବି କଲେ ଆଲୋଚନା**

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଚତୁର୍ଥ ଶନିବାର ଛୁଟି ଦିନରେ ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିବା ସହିତ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଆଇନ୍‌ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ ପୁଲିସ ପ୍ରଶାସନକୁ କେତେକ ବାସ୍ତବବାଦୀ ପରାମର୍ଶ ଦେଇଥିଲେ। ଆଉ ଶନିବାର ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସହିତ ସେହି ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ପୁଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ▶▶ ୫

## ୧୯ତମ ରୋଜଗାର ମେଳା

# ୫୧ ହଜାର ନିଯୁକ୍ତିପତ୍ର ବାଣ୍ଟିଲେ ମୋଦୀ

**ନୂଆଦିଲ୍ଲୀ,୨୩।୫/ଏନ୍ଏନ୍ଏସ୍:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ, ନିଯୁକ୍ତି ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ‘ନାଗରିକ ଦେବୋ ଭବଃ’ (ନାଗରିକ ହିଁ ଭଗବାନ) ମନ୍ତ୍ର ପ୍ରଦାନ କରିଥିଲେ। ସେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ଜନସେବକଙ୍କ ମୂଳ ଲକ୍ଷ୍ୟ ‘ନାଗରିକ କଲ୍ୟାଣ’ (ଜନସାଧାରଣଙ୍କ ସେବା) ରହିବା ଉଚିତ୍। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଦେଶର ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ।

ଏହାଛଡ଼ା ମୋଦୀ ନିଜ ସମ୍ବୋଧନରେ କହିଥିଲେ ଯେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ପ୍ରତିଶ୍ରୁତି ଆଧାରରେ ଦେଶ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଛି। ଏହା ଯୁବପିଢ଼ିଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଭବିଷ୍ୟତରେ, ଭାରତର ୧୦ଟି ବୃହତ୍ତମ ସେମିକଣ୍ଡକ୍ଟର ୟୁନିଟ୍ ବିଶ୍ୱସ୍ତରରେ ନିଜର ଛାପ ସୃଷ୍ଟି କରିବ। ଏହା ବହୁ ସଂଖ୍ୟକ ଭାରତୀୟ ଯୁବବର୍ଗଙ୍କ ପ୍ରତିଭାକୁ ଉପଯୋଗ କରିବ। ସ୍ୱାଭାବିକ ଭାବରେ ଏହା ନିଯୁକ୍ତି ସୃଷ୍ଟି କରିବ। ସମ୍ପ୍ରତି ଭାରତ ଜାହାଜ ନିର୍ମାଣ ଠାରୁ ଆରମ୍ଭ କରି ଜାହାଜ ମରାମତି ଏବଂ ଓଭରହାଲିଂ ପର୍ଯ୍ୟନ୍ତ ଏକ ଇକୋସିଷ୍ଟମ ସୃଷ୍ଟି କରୁଛି। ଭାରତ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ନିର୍ମାତା। ଭାରତର ସରକାରୀ ଏବଂ ବେସରକାରୀ କ୍ଷେତ୍ର ମିଳିତ ଭାବରେ ଏପରି ଅନେକ ପଦକ୍ଷେପରେ ବ୍ୟାପକ ନିବେଶ କରୁଛନ୍ତି। ଏହି ନିବେଶ ଏଠାରେ ଦେଶର ଯୁବବର୍ଗମାନଙ୍କୁ ନିଯୁକ୍ତି ପ୍ରଦାନ କରୁଛି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରୁଛି।



**ଦେଲେ ‘ନାଗରିକ ଦେବୋ ଭବଃ’ର ଗୁରୁମନ୍ତ୍ର**

**ପ୍ରତ୍ୟେକ ଜନସେବକଙ୍କ ମୂଳ ଲକ୍ଷ୍ୟ ‘ନାଗରିକ କଲ୍ୟାଣ’: ପ୍ରଧାନମନ୍ତ୍ରୀ**

ସେହିପରି ମୋଦୀ କହିଥିଲେ ଯେ ଆଜି ଭାରତର ଯୁବପିଢ଼ିଙ୍କ ପାଖରେ ଯେଉଁ ପ୍ରକାରର ସୁଯୋଗ ଅଛି ତାହା ଅନ୍ୟ କୌଣସି ସୁଯୋଗଠାରୁ ଭିନ୍ନ। ଏସବୁ ବହୁତ ଦ୍ରୁତ ଗତିରେ ଘଟୁଛି। ବିଭିନ୍ନ କ୍ଷେତ୍ରରେ ଅଗଣିତ ସୁଯୋଗ ଆମ ପାଇଁ ଅପେକ୍ଷା କରିଛି। ଆମର ପ୍ରୟାସ ହେଉଛି ଯେ ସର୍ବାଧିକ ଯୁବକ ଏହି ନୂତନ ସୁଯୋଗର ଲାଭ ଉଠାଇପାରିବେ। ଦେଶର ଯୁବପିଢ଼ିଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ପୂର୍ଣ୍ଣ ସୁଯୋଗ ପାଇବାକୁ ସୁନିଶ୍ଚିତ କରିବା ପାଇଁ, ଦକ୍ଷତା ବିକାଶ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଉପରେ ନିରନ୍ତର ଗୁରୁତ୍ୱ ଦିଆଯାଉଛି। ଭାରତ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପରିବର୍ତ୍ତନ କେବଳ ବଡ଼ ସହର ପର୍ଯ୍ୟନ୍ତ ସୀମିତ ନୁହେଁ। ଏହି ପରିବର୍ତ୍ତନରେ ଆମର ମହିଳା ଶକ୍ତିର ଭୂମିକା ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଆଜି, ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ସଂଖ୍ୟା ବହୁଳ ଭାବରେ ଆରମ୍ଭ ହେଉଛି। ଆଜି, ଗାଁ ଏବଂ ଛୋଟ ▶▶ ୫

## ଓଡ଼ିଶାରୁ ୧୮୬

**ଭୁବନେଶ୍ୱର,୨୩।୫/ଏନ୍ଏନ୍ଏସ୍:**

ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଞ୍ଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ▶▶ ୫



## ଗରମ ଗୁଳୁଗୁଳିରେ କଲବଲ ଓଡ଼ିଶା

# ୪୫.୨ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର,୨୩।୫/ଏନ୍ଏନ୍ଏସ୍:**



ରାଜ୍ୟରେ ଅସହ୍ୟ ହେଉଛି ଗରମ ଓ ଗୁଳୁଗୁଳି । ପଶ୍ଚିମରୁ ଉପକୂଳ ସବୁଠି ତାତିର ରାଜୁତି । ଗରମରେ ପୂରା ରାଜ୍ୟବାସୀ ଆଉଟୁପାଉଟୁ ହେଉଥିବାବେଳେ ଶନିବାର ବି ଥିଲା ସମାନ ଅବସ୍ଥା। ୪୫ ଡିଗ୍ରୀରେ ଜଳିଛି ପଶ୍ଚିମ ଓଡ଼ିଶା। ପଶ୍ଚିମ ଓଡ଼ିଶାର ୫ ସହରର ପାରଦ ୪୫ ଡିଗ୍ରୀ ଛୁଇଁଛି। ୪୫.୨ ଡିଗ୍ରୀ ସହ ଝାରସୁଗୁଡ଼ା ପାଲଟିଛି ରାଜ୍ୟର ସବୁଠୁ ଉତ୍ତପ୍ତ। ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ ଓ ବୌଦ୍ଧରେ ୪୫ ଡିଗ୍ରୀ ▶▶ ୫

# କୋଇଲା ଖଣିରେ ବିସ୍ଫୋରଣ, ୯୦ ମୃତ

**ବେଜିଂ,୨୩।୫/ଏଜେନ୍ସି:**

ଚାଇନାର ଶାଙ୍କସି ପ୍ରଦେଶରେ ଥିବା ଏକ କୋଇଲା ଖଣିରେ ଖନନ ଚାଲିଥିବା ବେଳେ ଗ୍ୟାସ ବିସ୍ଫୋରଣ ହୋଇଛି। ଯେଉଁଥିରେ ୯୦ ଜଣ ଶ୍ରମିକପ୍ରାଣ ହରାଇଥିବା ବେଳେ ଆହୁରି ଅନେକ ନିଖୋଜ ଥିବା ଚାଇନିଜ ମିଡିଆ ପକ୍ଷରୁ ସୂଚନା ଦିଆଯାଇଛି। ମିଡିଆ ରିପୋର୍ଟ ଅନୁଯାୟୀ, ଗ୍ୟାସ ବିସ୍ଫୋରଣ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଛି। କ୍ୱିନୟୁଆନ କାଉଣ୍ଟୀରେ ଥିବା ଲିଉଶେନୟୁ କୋଇଲା ଖଣିରେ ହିଁ ବିସ୍ଫୋରଣ ଘଟିଛି। ବିସ୍ଫୋରଣ ସମୟରେ ପ୍ରାୟ ୨୪୭ ଜଣ ଶ୍ରମିକ ଓ କର୍ମଚାରୀ ସେଠାରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ସୁଦ୍ଧା ୯୦ ଜଣଙ୍କ ମୃତଦେହ ସେଠାରୁ ▶▶ ୫

# ପୁଣି ପେଟ୍ରୋଲ୍-ଡିଜେଲ୍ ମହଙ୍ଗା

**ଭୁବନେଶ୍ୱର,୨୩।୫/ଏଜେନ୍ସି:**

**ପେଟ୍ରୋଲ୍ ୮୭ ପଇସା, ଡିଜେଲ୍ ୯୧ ପଇସା ବୃଦ୍ଧି**

**୧୦ ଦିନରେ ତୃତୀୟ ଥର ବଢ଼ିଲା, ପ୍ରାୟ ୫ ଟଙ୍କା ଅଧିକ**

ତେଲ ଦରରେ ଲାଗିଛି ନିଆଁ। ଶନିବାର ପେଟ୍ରୋଲ୍ ଏବଂ ଡିଜେଲ୍ ମୂଲ୍ୟ ପୁଣି ଥରେ ବୃଦ୍ଧି କରାଯାଇଛି। ଗତ ୧୦ ଦିନ ମଧ୍ୟରେ ପେଟ୍ରୋଲ୍ ଏବଂ ଡିଜେଲ୍ ମୂଲ୍ୟରେ ଏହା ତୃତୀୟ ବୃଦ୍ଧି। ପୂର୍ବରୁ ମେ ୧୫ରେ ପେଟ୍ରୋଲ୍ ଏବଂ ଡିଜେଲ୍ ମୂଲ୍ୟ ପ୍ରତ୍ୟେକ ୩ ଟଙ୍କା ବୃଦ୍ଧି କରାଯାଇଥିଲା। ତା’ପରେ, ମେ ୧୯ରେ ପେଟ୍ରୋଲ୍ ୮୭ ପଇସା ଏବଂ ଡିଜେଲ୍ ୯୧ ପଇସା ମହଙ୍ଗା ହୋଇଥିଲା। ଆଉ ଶନିବାର ଠାରୁ ପ୍ରତି ଲିଟର ପେଟ୍ରୋଲ୍ ପିଛା ୮୭ ପଇସା ଓ ଡିଜେଲ୍ ଲିଟର ପିଛା ୯୧ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ପରି ୧୦ ଦିନରେ ପେଟ୍ରୋଲ-ଡିଜେଲ ▶▶ ୫



# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




**ପୁରୀ,୨୩।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଅଧ୍ୟକ୍ଷ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଥିବାରୁ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବନ୍ୟା ଓ ବାତ୍ୟା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗରେ ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁସାରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ଜଳସେଚନ ଡିଭିଜନ, ଡ୍ରେନେଜ ଡିଭିଜନ କ୍ଷେତ୍ର ପରିଦର୍ଶନ ସହ ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିବା, ଦୁର୍ବଳ ନଦୀବନ୍ଧ ଚିହ୍ନଟ କରି ସମୀକ୍ଷା ଓ ମରାମତି କରିବା, ଲୋକ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତାହାର ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ନଦୀବନ୍ଧ ସୁଦୃଢ କରିବା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ବିବିଧ ମତାମତ ପ୍ରଦାନ କରିଥିଲେ । ସରକାର ଓ ଏସ୍ଆର୍‌ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ସଠିକ ଭାବେ ଅନୁପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳ ଗୁଡିକ ର ମରାମତି ଓ ବାସପୋଯୋଗୀ କରିବା, ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ଅତ୍ୟବଶ୍ୟକ ସାମଗ୍ରୀ ଯଥା ଚୁଡା, ଗୁଡ ଇତ୍ୟାଦି ମହଜୁଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା, ଜନପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀମାନଙ୍କ ସହ ଯୋଗାଯୋଗ ମାଧ୍ୟମରେ ଜରୁରୀ ସୂଚନା ପ୍ରଦାନ କରିବା, ଖାଦ୍ୟ, ଔଷଧ, ସାପ କାମୁଡା ଆଣ୍ଟିଭେନମ ଔଷଧ, ଗୋ-ଖାଦ୍ୟ ଇତ୍ୟାଦି ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସପି ସୌମ୍ୟରଞ୍ଜନ ମଲ୍ଲିକ, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଡିପିଓ ସୁକାନ୍ତ ଦାଶ ଓ ଅନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଶିକ୍ଷଣ ସମୟରେ ଶିକ୍ଷୟିତ୍ରୀ ଅଂଶୁଘାତର ଶିକାର



**କୁଆଁପାଳ,୨୩।୫/ଏନ୍ଏନ୍ଏସ୍:** ପ୍ରବଳ ଗ୍ରୀଷ୍ମ ସମୟରେ ଛୁଟିଦିନରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣକୁ ନେଇ ମାହାଙ୍ଗାରେ ଅସନ୍ତୋଷ ବଢୁଥିଲା ବେଳେ ଅଂଶୁଘାତ ଯୋଗୁ ଜଣେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଡାକ୍ତରଖାନାରେ ଚିକିତ୍ସିତ ହେବା ନେଇ ଏବେ ଶିକ୍ଷକ ମହଲରେ ଚର୍ଚ୍ଚା ଜୋରଦାର ଧରିଛି । ଯଦି କିଛି ଅଘଟଣ ଘଟିଯାଏ ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଦାୟୀ ରହିବେ ବୋଲି ଏବେ ଠାରୁ ସାଧାରଣରେ ଆଲୋଚନା ହେଉଥିବା ଜଣାପଡିଛି । ସୂଚନାରୁ ପ୍ରାପ୍ତ ଯେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ଅନୁଯାୟୀ ୫ ଦିନିଆ ଓସିଏଫ-ଏସ୍‌ଇ ୨୦୨୫ ପ୍ରଶିକ୍ଷଣ ଶିବିର ଗତ ୨୧ତାରିଖରୁ ୨୬ ପର୍ଯ୍ୟନ୍ତ ଆର୍‌ଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦା ଓ ପିଏମ୍‌ଶ୍ରୀ ଖଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିର ସକାଳ ୭ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା । ଗତ ୨୧ତାରିଖ ଦିନ ସାଢ଼େ ୧୧ଟା ପରେ ପିଏମ୍‌ଶ୍ରୀ ଖଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟରୁ ପ୍ରଶିକ୍ଷଣ ସାରି ସବଳକଣା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜୀବନଜ୍ୟୋତି ସେନାପତି ଘରକୁ ଫେରୁଥିଲା ବେଳେ ଅଂଶୁଘାତର ଶିକାର ହୋଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ପରେ ସେ ୨୨ ଓ ୨୩ତାରିଖ ଦୁଇଦିନଧରି ପ୍ରଶିକ୍ଷଣ ଶିବିରରେ ଯୋଗଦେଇପାରି ନଥିଲେ । ଦୋଷ ଘୋଡାଇବାକୁ ସଫେଇ ଦିଆଯାଇଥିଲା ଯେ ତାଙ୍କର ଗ୍ୟାସ୍ ବଢ଼ିଯିବା ଯୋଗୁ ଦେହ ଖରାପ ହୋଇଯାଇଥିଲା । ସେହିପରି ଆଜି ପ୍ରଶିକ୍ଷଣ ଚାଲିଥିଲା ବେଳେ ଗୌଡଗୋପ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ରମଣୀ ରାଉତ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଆମ୍ବୁଲାନ୍ସରେ ନ ନେଇ ଅଟୋ ସାହାଯ୍ୟରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ବିଦ୍ୟାଳୟ ପରିସରକୁ ଆମ୍ବୁଲାନ୍ସ ଆସିଲେ କାଳେ ଲୋକେ ଜାଣିଦେବେ ଦୋଷ ଲୁଚାଇବା ପାଇଁ ଏହିଭଳି କରାଯାଇଥିବା ଶୁଣିବାକୁ ମିଳୁଛି । ଅପରପକ୍ଷରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ ଏପରିକି ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ କି ପ୍ରଶିକ୍ଷଣକୁ ବନ୍ଦ କରାଯାଉ ନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପ୍ରଶିକ୍ଷଣକୁ ସାମୂହିକ ବନ୍ଦ ରଖିବାକୁ ଅନୁରୋଧ ପ୍ରକାଶ ପାଇଛି ।

### ଯନ୍ତ୍ରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକା

# ବୈଷୟିକ ନିୟମକୁ ଜଳାଞ୍ଜଳି ଦେଇ ଚାଲିଛି ଦେଉଳିମଠ-ପଞ୍ଚୁମଠ ରାସ୍ତା କାର୍ଯ୍ୟ



**ଅସ୍ତରଙ୍ଗ,୨୩।୫/ଏନ୍ଏନ୍ଏସ୍:** ଅଞ୍ଚଳର ବିକାଶ ନାଁରେ ସରକାରୀ ଅର୍ଥର ବ୍ୟାପକ ହରିଲୁଟ ଚାଲିଥିବା ଅଭିଯୋଗ ହୋଇଛି । ଦେଉଳି ମଠରୁ ପଞ୍ଚୁ ମଠ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ସର୍ଭିସ୍ ରୋଡ଼ କାର୍ଯ୍ୟରେ ସମସ୍ତ ବୈଷୟିକ ନିୟମାବଳୀକୁ ଉଲ୍ଲଂଘନ କରାଯାଇ ନିମ୍ନମାନର କାର୍ଯ୍ୟ କରାଯାଉଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ନିୟମ ଅନୁଯାୟୀ, ରାସ୍ତାର ଗ୍ରେଡ଼ ଓ ସ୍ତରଗୁଡ଼ିକୁ ରୋଲର ସାହାଯ୍ୟରେ ଶକ୍ତ କରିବା କଥା । ମାତ୍ର ଏଠାରେ ବିନା ରୋଲିଂରେ ଗୋଟିଏ ସ୍ତର ଉପରେ ଅନ୍ୟ ଏକ ସ୍ତର ପକାଇ ଠିକାଦାର କାମ ସାରିଦେଉଛନ୍ତି । ରୋଲିଂ ହେଉନଥିବାରୁ ପଥରଗୁଡ଼ିକ ଢିଲା ଅବସ୍ଥାରେ ରହୁଛି, ଯାହା ଫଳରେ ରାସ୍ତାଟି ବହୁତ ଶୀଘ୍ର ଦବିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅନୁମୋଦିତ ନକ୍ସା ଅନୁଯାୟୀ, ରାସ୍ତାର ଦୁଇ ପାର୍ଶ୍ୱରେ ମୋଟ ୧.୨୫ ମିଟର ଓସାରର ବର୍ମ ବା ଶୋଲଡର ରହିବା ଅନିବାର୍ଯ୍ୟ । କିନ୍ତୁ କାର୍ଯ୍ୟସ୍ଥଳରେ ଏହି ବର୍ମ ନିର୍ମାଣ କରାଯାଉ ନାହିଁ । ଏଥିସହିତ ଓ୍ୱାବମ ଗ୍ରେଡ଼ ଏକ ସ୍ତରରେ ବ୍ୟବହାର କରାଯାଉଥିବା ପଥର ମଧ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ସଠିକ୍ ପ୍ରକ୍ରିୟାରେ ହେଉନଥିବାରୁ ବର୍ଷା ଦିନେ ଏହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ । ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏହାର 'ଫିଏଲ୍ଡ଼ ଡେନ୍ସିଟି ଟେଷ୍ଟ' ଏବଂ 'ଟ୍ରିଆଲ ପିଟ୍ସ' ମାଧ୍ୟମରେ ଯାଞ୍ଚ କରିବାକୁ ଦାବି ହୋଇଛି । ଯଦି ଏହି ନିମ୍ନମାନର କାର୍ଯ୍ୟ ବନ୍ଦ ନହୁଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ବନ୍ଧାହେଲେ ୱାରେଣ୍ଟି

**ଡେଲାଙ୍ଗ,୨୩।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ପୋଲିସ ଜିଆର କେସ ବଳରେ ବହୁପୁରାତନ ୱାରେଣ୍ଟି ପ୍ରଦ୍ୟୁମ୍ନ ଜେନା(୩୫)ଙ୍କୁ ଗିରଫ କରିବାରେ ସଫଳ ହୋଇଛି । ପ୍ରାପ୍ତ ସୂଚନା ମୁତାବକ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସହାୟତାରେ ଡେଲାଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମରେ ୱାରେଣ୍ଟି ଧରିବା ପାଇଁ ଚଢ଼ଉ କରିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ବିଶେଷ ସୂତ୍ରରୁ ଖବର ପାଇ କୁଆପଦା ଗ୍ରାମର ପ୍ରଦ୍ୟୁମ୍ନଙ୍କୁ ଗିରଫ କରିଥିଲେ । ସେ କୁଆପଦାସ୍ଥିତ ନିଜବାସଭବନରେ ଥିବା ବେଳେ ପୋଲିସ ବାହିନୀ ତାଙ୍କୁ ଗିରଫ କରିଥିଲେ । ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

# ରଘୁନାଥଜିଉ ରାମଲୀଳା ନାଟ୍ୟ ସମିତିର ପ୍ରଥମ ରାତ୍ର ନାଟକ 'ତାଡ଼କାବଧ'



**କଣ୍ଟିଲୋ,୨୩।୫/ଏନ୍ଏନ୍ଏସ୍:** ଗତକାଲି ଶୁକ୍ରବାର ରାତିରେ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥ ଜିଉ ରାମଲୀଳା ନାଟ୍ୟ ସମିତି, ମାଧବ ଚୌଧୁରୀ ପାଟଣା କଣ୍ଟିଲୋର ଅଭିଜ୍ଞ କଳାକାର ମାନଙ୍କ ଦ୍ୱାରା ପ୍ରଥମ ରାତ୍ରର ନାଟକ ବିଶ୍ୱାମିତ୍ର ଜାଗରକ୍ଷା, ତାଡ଼କାବଧ ଓ ଅହଲ୍ୟା ଉଦ୍ଧାର ପ୍ରଦର୍ଶନ ହୋଇଯାଇଛି । ଏହି ନାଟକରେ ଅଭିନୟ କରିଥିବା ଅଭିଜ୍ଞ କଳାକାରମାନେ ହେଲେ ଯଥାକ୍ରମେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଶୁଭମ୍ ସାହୁ, ରାମାନୁଜ ମହାରଣା ଓ ଶ୍ରୀକାନ୍ତ ମହାପାତ୍ର ଅଭିନୟ କରିଥିଲା ବେଳେ, ବନ୍ଦାପନା ପାଇଁ ଓମ୍, ଦାସ, ଦୀପକ, ରାହୁଲ, ଆଶୀର୍ବାଦ, ପୁପୁନ ଓ ରୁଦ୍ର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସେହିପରି ବିଶ୍ୱାମିତ୍ର, ଦଶରଥ, ଋଷିଗଣ, ମାତାଗଣ, ନାବିକ, ଅସୁରଗଣ,ମରିଚ, ସୁବାହୁ, ତାଡ଼କା, ପଥୁକି, ସେବାଲାଗି, ଅହଲ୍ୟା ଓ ବଶିଷ୍ଠ ଭୂମିକାରେ ବିଶ୍ୱାମିତ୍ର ଭାବେ ବିରଞ୍ଚି, ଦଶରଥ ଭାବେ ଚିତ୍ତ, ଋଷିଗଣ ହେଲେ ପ୍ରଭାତ, ବିଧାନ, ଆଶିଷ, ସୁଶାନ୍ତ ପ୍ରମୁଖ ଅଭିନୟ କରିଥିଲେ । ପ୍ରଥମରାତ୍ର ରାମଲୀଳା ନାଟକକୁ ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ନେତା ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍ଘାଟନ କରିଥିବା ବେଳେ କଣ୍ଟିଲୋ ସମବାୟ ସମିତି ସଭାପତି ତଥା ବିଜେଡି ନେତା ମାଧବ ଚନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ସହଯୋଗ କରିଥିଲେ । ଦ୍ୱିତୀୟ ରାତ୍ର ଶନିବାରର ନାଟକ ଧନୁଭଗ୍ନ ଓ ସୀତା ସ୍ୱୟମ୍ବର ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ପାଇଁ ବୁଥ୍ ଅଧିକାରୀଙ୍କୁ ତାଲିମ୍



**ଆଠଗଡ଼,୨୩।୫/ଏନ୍ଏନ୍ଏସ୍:** ରାଜ୍ୟରେ ଏସଆଇଆର ଅଥବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ କରାଯିବା ପାଇଁ ଘୋଷଣା ହେବା ପରେ ସାରା ରାଜ୍ୟରେ ସାଧାରଣ ପ୍ରଶାସନ ତତ୍ପରତା ପ୍ରକାଶ ପାଇଛି । ଏହାସହିତ ଏହି କାର୍ଯ୍ୟ କରାଯିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ସମୟ ରେଖା ସ୍ଥିରିକୃତ କରାଯାଇଛି । ଏହି କ୍ରମରେ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳିରେ ନିର୍ବାଚନ ପଞ୍ଜିକୃତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ ତିଗିରିଆ କାର୍ଯ୍ୟରତ ସମସ୍ତ ୨୫୫ ଏବଂ ନିଯୁକ୍ତ ହେବାକୁ ଥିବା ୬୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସମେତ ୨୬ ବୁଥ ସ୍ତରୀଥ ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠ ଠାରେ ସହକାରୀ ଜିଲ୍ଲାପାଳ ମାନସ ରଂଜନ ବେହେରା ଏବଂ ଡେପୁଟି କଲେକ୍ଟର ପ୍ରବୁଦତ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଠଗଡ଼ ବ୍ଲକର ସମସ୍ତ ୨୦୦ଜଣ ବିଏଲଓ ଏବଂ ୧୭ ଜଣ ସୁପରଭାଇଜରଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏଥିରେ ସୁପରଭାଇଜର ଲୋକନାଥ ସାହୁ ଏବଂ ବିଏଲଓ ଦିପ୍ତିକାନ୍ତ ବେହେରା ସହଯୋଗ ପ୍ରଦାନ କରିଥିଲେ । ସେହିଭଳି ତିଗିରିଆ ବ୍ଲକର ପବିତ୍ର ମୋହନ ବିଦ୍ୟାପୀଠ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ । ସଂଗ୍ରାମ କେଶରୀ ଭୋଳ ଏବ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମଣି ମିଶ୍ରଙ୍କ ସଂଯୋଜନା ବିଶ୍ୱ ରଞ୍ଜନ ଜେନାଙ୍କ ସହଯୋଗରେ ବ୍ଲକର ମୋଟ ୭୨ଗୋଟି ବୁଥର ଅଧିକାରୀ ଏବଂ ୧୪ଜଣ ସହଯୋଗୀ ବୁଥ ଅଧିକାରୀଙ୍କ ସହିତ ୭ଜଣ ପର୍ଯ୍ୟବେକ୍ଷକଙ୍କୁ ଗତ ଦୁଇଦିନ ଧରି ତାଲିମ ପ୍ରଦାନ କରାଯାଇଛି । ଯାହାକି ଉକ୍ତ ଅଧିକାରୀମାନେ ଆସନ୍ତା ୩୦ ତାରିଖରୁ ନିଜ ନିଜ ବୁଥରେ ଘର ଘର ବୁଲି ପରିଗଣନା ଫର୍ମ ମାନ ପୂରଣ କରି ଆଣିବେ ବୋଲି ବିଡିଓ ଶ୍ରୀ ଭୋଳ ସୂଚନା ଦେଇଛନ୍ତି । ସେହିଭଳି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଟାଙ୍ଗି-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୩୨ ଜଣ ବୁଥ ଅଧିକାରୀ ଏବଂ ୨ଜଣ ପର୍ଯ୍ୟବେକ୍ଷକଙ୍କୁ ବିଡିଓ ଏନଏନ ରାଜଲକ୍ଷ୍ମୀ ଓଝାଙ୍କ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିବା ସହକାରୀ ଜିଲ୍ଲାପାଳ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ବ୍ୟାଙ୍କ ମିତ୍ରଙ୍କ ଜାଲିଆତି ଘଟଣା: ପଇଠକଲେ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

**ଟାଙ୍ଗୀ,୨୩।୫/ଏନ୍ଏନ୍ଏସ୍:** ରାଜ୍ୟରେ ଏବେ ଚର୍ଚ୍ଚାରେ ରହିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ୍ । କେତେବେଳେ ଜନସାଧାରଣମାନଙ୍କ ସଠିକ କାର୍ଯ୍ୟ ନକରି ନେତାଙ୍କ ଆକ୍ରୋଶ ଶିକାର ହେଉଛନ୍ତି ତ ଆଉ କେତେବେଳେ ଫାଇଲ ହଜେଇ । ତେବେ ବ୍ଲକ୍‌ର ଜରିପଡା ପଞ୍ଚାୟତ ବ୍ୟାଙ୍କ ମିତ୍ର ସୀମାରାଣୀ ରାୟ ଚଞ୍ଚକତାକରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୧୦ଲକ୍ଷ ଟଙ୍କା ଋଣ ଉଠାଇ ଜରିପଡ଼ା ପଞ୍ଚାୟତ ଦେଖାଇ ଉଚ୍ଚପଦା ପଞ୍ଚାୟତ ଦମକା ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ତେବେ ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ୪ଜଣ ସଦସ୍ୟାଙ୍କୁ କୌଣସି ସୂଚନା ନ ଦେଇ ସେମାନଙ୍କୁ ବାହାରକରି ୪ଜଣ ନୂଆ ସଦସ୍ୟାଙ୍କୁ ଗ୍ରୁପ୍‌ରେ ଯୋଡ଼ି ସେ ଟଙ୍କା ବଣ୍ଟନ କରାଯାଇଥିଲା । ଯାହାକୁ ନେଇ ପ୍ରଥମ ୪ ମହିଳା ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବା ସହ କାର୍ଯ୍ୟାଳୟରେ ହୋହାଲ୍ଲା ହୋଇଥିଲା । ପରେ ଉକ୍ତ ଘଟଣାର ତଦନ୍ତ ସମୟରେ ବିଡ଼ିଓ ବା ବିପିଏମ୍‌ଙ୍କ ବିନା ଦସ୍ତଖତରେ ୧୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ମିତ୍ରଙ୍କ ଏଭଳି ଜାଲିଆତି ଧରାପଡ଼ିବା ପରେ ଟାଙ୍ଗୀ ଥାନାରେ ମଧ ଅଭିଯୋଗ କରାଯାଇଥିଲା । ଏ ନେଇ ବିଡ଼ିଓ ଏନ୍ଏମ୍ ରାଜଲକ୍ଷ୍ମୀ ଓଝା ଘଟଣା କୁ ନେଇ

**କୋହଳ ମନୋଭାବକୁ ନେଇ ଉଠିଲା ପ୍ରଶ୍ନ**

ଜରିପଡା ପଞ୍ଚାୟତ ମିଶନ ଶକ୍ତି ସଭାପତିକୁ ଚିଠି କରିଥିଲେ ମଧ ବିଡ଼ିଓଙ୍କ ଚିଠିକୁ ପଞ୍ଚାୟତ ମିଶନଶକ୍ତି ସଭାପତି ଫୁ କରି ଉଡ଼େଇ ଦେବା କୋଉଠି ନା କୋଉଠି ନିଜ ଭିତରେ ଥିବା ମଧୁଚନ୍ଦ୍ରିକା ପଦାରେ ପଡ଼ିଛି । ଅନ୍ୟପଟେ ବ୍ଲକ ଅଧିକାରୀଙ୍କ ଚିଠିର କୌଣସି ଉତ୍ତର ନଦେଇ ୨୦ଦିନ ଧରି ଅଣଦେଖା କରିବା ବ୍ଲକ ପ୍ରଶାସନର ପରିବା ପଣିଆରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପଟେ ବ୍ୟାଙ୍କ ମିତ୍ର ସୀମାରାଣୀ ରାୟ ନିଜ ଭାବମୂର୍ତ୍ତି ପଦବୀର ସୁରକ୍ଷିତ ରକ୍ଷା ପାଇଁ ପଞ୍ଚାୟତ ସଭାପତିଙ୍କୁ ଢାଲକରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଟଙ୍କା ପଇଠକରି ଝାଡ଼ି ଝୁଡ଼ି ହୋଇ ବସିଯାଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଗୋଟେ ପଟେ ବିଜେପି ସରକାର ସରକାରୀ କାର୍ଯ୍ୟାଳୟରେ କୌଣସି ଜାଲିଆତି କାର୍ଯ୍ୟ ଚାଲିବ ନାହିଁ ବୋଲି ଡେଙ୍ଗୁରା ପିଟୁଥିବା ବେଳେ ବ୍ୟାଙ୍କ ମିତ୍ରଙ୍କ ନାମରେ ଏଠି ଜାଲିଆତିର ସବୁ ପ୍ରମାଣ ମିଳିସାରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଦଳରେ ମିଶନଶକ୍ତିର ସମସ୍ତ ବିଭାଗୀୟ ଅଧିକାରୀ ସୁରକ୍ଷା ଦେଇ ନିଜ ପକେଟ୍ ଗରମ କରୁଛନ୍ତି ବୋଲି ମତପ୍ରକାଶ ପାଉଛି । ତେବେ ଦେଖିବାକୁ ବାକି ରହିଲା ବିଡ଼ିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ନା ଏମିତି ଆଉ ଜାଲିଆତିର ଅଭିଯୋଗ ଶୁଣିବାକୁ ଅପେକ୍ଷା କରୁଛନ୍ତି ।

# ଦେଶୀ ଓ ବିଦେଶୀ ମଦ ଜବତ, ୨ ଗିରଫ

**ଡେଲାଙ୍ଗ,୨୩।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ଅଞ୍ଚଳରେ ବେଆଇନ୍ ନିଶା କାରବାର ରୋକିବା ପାଇଁ ସ୍ଥାନୀୟ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି । ଶନିବାର ବେଆଇନ୍ ନିଶାକାର କରିବା ନେଇ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ଠାରୁ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ସେମାନେ ହେଲେ ଯମୁନା ଝାରପଡା ଅଞ୍ଚଳର ତ୍ରିଲୋଚନ ଭୂୟାଁ(୩୬) ଓ ରମେଶ ଚନ୍ଦ୍ର ପରିଡା(୩୮) । ମିଳିଥିବା ସୂଚନା ଅନୁଯାୟୀ ବେଆଇନ୍ ନିଶାକାର ନେଇ ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିକଟରେ ଖବର ପହଞ୍ଚିଥିଲା । ଶ୍ରୀ ସେଠୀ ଓ ପୋଲିସ ଟିମ୍‌କୁ ନେଇ ଜମୁନା ଝାରପଡାର କାଜୁଜଙ୍ଗଲ ନିକଟରେ ଚଢାଉ କରିଥିଲେ । ସେଠାରେ ତ୍ରିଲୋଚନ ଏକ ବ୍ୟାଗରେ ଦେଶୀ ଓ ବିଦେଶୀ ମଦ ରଖି ବେଆଇନ୍ ଭାବେ ବିକ୍ରୟ କରୁଥିବା ବେଳେ ପୋଲିସ ଟିମ୍ ତାଙ୍କୁ ଗିରଫ କରିଥିଲା । ତାଙ୍କ ଠାରୁ ୧୫ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିଲା । ସେହିପରି ଜଗଦଳପୁର ଗ୍ରାମର ରମେଶ ତାଙ୍କ ଘର ବାଡିପଟେ ବିଦେଶୀ ମଦ ବିକ୍ରୟ କରୁଥିବା ବେଳେ ତାଙ୍କ ଠାରୁ ୭ଲିଟର ୬୦୦ମିଲି ମଦ ଜବତ କରାଯାଇଥିଲା । ଏନେଇ ଡେଲାଙ୍ଗ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ପଠାଯାଇଥିବା ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

### ଆପ୍ ପକ୍ଷରୁ ସମ୍ମିଳନୀ

# 'ପ୍ରତିଶ୍ରୁତି ଭୁଲିଯାଉଛନ୍ତି ରାଜନୈତିକ ଦଳ'



**ଡେଲାଙ୍ଗ,୨୩।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ଡେଲାଙ୍ଗ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଆମ୍ ଆଦମି ପାର୍ଟି (ଆପ୍)ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆପର ରାଜ୍ୟ ସଭାପତି ସିଦ୍ଧାର୍ଥ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଲଘୁ ସମ୍ପ୍ରଦାୟ ଜିଲା ସଭାପତି ଜୁଲଫୁକର ସାହା, ଡେଲାଙ୍ଗ ବ୍ଲକ ସଦସ୍ୟ ତପନ ସ୍ୱାଇଁ, ପ୍ରଭାସ କୁମାର ବେହେରା, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି, ପାଣି ଓ ରୋଜଗାର ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇ ରାଜନୈତିକ ଦଳମାନେ ସେମାନଙ୍କ ପ୍ରତିଶ୍ରୁତି ଭୁଲିଯାଉଛନ୍ତି । ଯାହାଫଳରେ ଲୋକମାନଙ୍କ ଆଶା ଆଶାରେ ରହିଯାଉଥିବା ନେଇ ଆଲୋଚନା କରାଯାଇଥିଲା । ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତାଟି ଡେଲାଙ୍ଗ ଷ୍ଟେସନ ବଜାର ଓ ହାଟବଜାର ଭଳି ଜନଗହଳି ମଧ ଦେଇ ଯାଇଥିବା ବେଳେ ଏହାର ପ୍ରଶସ୍ତିକରଣ ଓ ପୁନଃଉଦ୍ଧାର ପାଇଁ କାହାରି ଦୃଷ୍ଟିଗୋଚର ହେଉ ନଥିବାରୁ ପ୍ରତିଦିନ ବଜାରରେ ଟ୍ରାଫିକ୍ ସମସ୍ୟା ଉପୁଜିବା ସହିତ ଅନେକ ଦୁର୍ଘଟଣାରେ ଶିକାର ହେଉଛନ୍ତି । ସେହିପରି ଅଦ୍ୟାବଧି ଅନେକ ଗାଁକୁ ପାନୀୟଜଳ ବ୍ୟବସ୍ଥା କରାଯାଇ ନଥିବା ବେଳେ ଲୋକେ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି । ହରିରାଜପୁର ଫାଣ୍ଡିରେ ଅଧିକାରୀ ମୁତୟନ ନହେବା, ଡେଲାଙ୍ଗରେ ଖଣି ଓ ବାଲି ମାଫିଆ ସକ୍ରିୟ ହେବା, ଅଘୋଷିତ ବିଦ୍ୟୁତ କାଟ ହେବା, ଲୁଣା ଓ ଦୟା ନଦୀ ଖନନରେ ଅନିୟମିତତା ଆଦି ନେଇ ଶାସକ ଓ ବିରୋଧୀ ଦଳ ଉପରେ ରାଜ୍ୟ ସଭାପତି ଶ୍ରୀ ପରିଡା ବର୍ଷିଥିଲେ । ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଆମ୍ ଆଦମି ପାର୍ଟି ଦୃଢ଼ତାର ସହ ମଇଦାନକୁ ଓହ୍ଲାଇବାକୁ ଯୋଜନା ପ୍ରସ୍ତୁତ କରୁଛି । ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଦିଲ୍ଲୀରୁ ପ୍ରମୁଖ ନେତୃବୃନ୍ଦ ଆଗାମୀ ଦିନରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ଉପସ୍ଥିତ ସଦସ୍ୟମାନେ ମତପ୍ରକାଶ କରିଥିଲେ ।

# ଖଣ୍ଡପଡ଼ା ମାଟିର ପୁଅ 'କାସ୍'ର ଅତିଥି ବୈଜ୍ଞାନିକ ମନୋନୀତ



**ଖଣ୍ଡପଡ଼ା,୨୩।୫/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟ ପାଇଁ ପୁର୍ନବାର ଗୌରବ ଆଣିଛନ୍ତି ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧୀନ କୁଆହରା ଗ୍ରାମର ସୁନାମଧନ୍ୟ ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁମାର ସାହୁ । ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସ(କାସ୍) ପକ୍ଷରୁ ଆସନ୍ତା ୨୦୨୭ ବର୍ଷ ପାଇଁ ପ୍ରଦାନ କରାଯାଉଥିବା ବିଶ୍ୱ ପ୍ରସିଦ୍ଧ 'ପ୍ରେସିଡେଣ୍ଟସ୍ ଇଣ୍ଟର୍‌ନ୍ୟାସନାଲ୍ ଫେଲୋସିପ୍ ଇନିସିଏଟିଭ୍'ର ଅତିଥି ବୈଜ୍ଞାନିକ ଭାବେ ଶ୍ରୀ ସାହୁ ବିଶ୍ୱସ୍ତରରେ ମନୋନୀତ ହୋଇଥିବା ଜଣାପଡିଛି । ଏହି ପ୍ରତିଷ୍ଠିତ ଫେଲୋସିପ ଜରିଆରେ ବୈଜ୍ଞାନିକ ଶ୍ରୀ ସାହୁ 'ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସ'ର 'ଇନ୍‌ଷ୍ଟିଚ୍ୟୁଟ ଅଫ ଥିଓରେଟିକାଲ ଫିଜିକ୍ସ'ର ପ୍ରଫେସର ଶାଓ-ଜିଆଙ୍ଗ ୱାଙ୍ଗଙ୍କ ସହ ମିଳିତ ହୋଇ ଏକ ଆନ୍ତର୍ଜାତୀୟ ଗବେଷଣା କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ସୂଚନା ମିଳିଛି । ଉଭୟଙ୍କର ମିଳିତ ସନ୍ଦର୍ଭ ମୁଖ୍ୟତଃ ରୂପାନ୍ତରିତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଆଧାରିତ ହେବ ବୋଲି ଜଣାପଡିଛି । ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ହାଇଦ୍ରାବାଦସ୍ଥିତ 'ବିଟ୍ସ ପିଲାନି' ପରିଗଣିତ ହେଉଥିବା ବେଳେ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣା ପ୍ରୋଫାଇଲ ଆହୁରି ସମୃଦ୍ଧ ଓ ସୁଦୃଢ଼ ହେବ ବୋଲି ବୈଜ୍ଞାନିକ ଶ୍ରୀ ସାହୁ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଖଣ୍ଡପଡା ବ୍ଲକ ଅଧୀନ କୁଆହରା ଗ୍ରାମର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ସମଗ୍ର ବିଶ୍ୱସ୍ତରରେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇପାରିଥିବା ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଏବେ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିବା ବେଳେ ଖଣ୍ଡପଡ଼ାବାସୀ ଶ୍ରୀ ସାହୁଙ୍କ ବିଶେଷ ସଫଳତାକୁ ନେଇ ବେଶ ଗର୍ବ ଅନୁଭବ କରିଥିବା ଜଣାଯାଇଛି ।

## ସାମ୍ବାଦିକ ସଂଘର ବନ୍ଧୁମିଳନ



**ଓଡ଼ଗାଁ,୨୩।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ପଞ୍ଚାୟତର ଲାଉଖାଲ ଠାରେ ଅବସ୍ଥିତ ବନବିଭାଗ ନର୍ସରୀ ଠାରେ ଓଡ଼ଗାଁ ସାମ୍ବାଦିକ ସଂଘର ସମସ୍ତ ସାମ୍ବାଦିକ ମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ରାମକୃଷ୍ଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ଗାଁ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ବନପାଳ ସରିତା ବରାଳ ଓ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନରେଶ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମସ୍ତ ସାମ୍ବାଦିକ ଭାଇମାନେ ଉପସ୍ଥିତରହି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ନିଜନିଜର ପରିଚୟ ପ୍ରଦାନ କରିଥିଲେ । ନୂତନ ଭାବେ ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ଖବରକାଗଜର ନୂତନ ପ୍ରତିନିଧି ଭାବେ ମୋତିମାଳା ପାଣିଗ୍ରାହୀ, ସାରଦା ପ୍ରସନ୍ନ ଦାସ ଓ ତାପସ ରଞ୍ଜନ ପାଢ଼ୀ ସଂଘରେ ଯୋଗଦେଇ ଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ନିକଟ ଭବିଷ୍ୟତରେ ଗ୍ରୀଷ୍ମପ୍ରବାହ କମିବା ପରେ କୋରାପୁଟ ଜିଲ୍ଲା ପରିଭ୍ରମଣରେ ଯିବା ପାଇଁ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାଙ୍କ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମ୍ପାଦକ ଗଣେଶ୍ୱର ସାହୁ, ସାମ୍ବାଦିକ ସୁନିଲ କୁମାର ପଟ୍ଟନାୟକ, ନାରାୟଣ ପାଣିଗ୍ରାହୀ, ଫକିର ମୋହନ ମହାରଣା, ଶିବନାରାୟଣ ମିଶ୍ର, ସଂଘ କୋଷାଧ୍ୟକ୍ଷ ଗଗନ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ମହାପାତ୍ର, ଜୟକୃଷ୍ଣ ସାହୁ, ରିପନ୍ ପଣ୍ଡାଙ୍କ ସମେତ ଅନ୍ୟ ସାମ୍ବାଦିକ ବନ୍ଧୁମାନେ ସହଯୋଗ କରିଥିଲେ ।

## ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା



**କଣ୍ଟାପଡ଼ା,୨୩।୫/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ତହସିଲରେ ନୂତନ ତହସିଲଦାର ଭାବରେ ଶୁଭଙ୍କର ମହାନ୍ତି ଯୋଗଦାନ କରିଛନ୍ତି । ତାଙ୍କର ଯୋଗଦାନ ପରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆଜି କଣ୍ଟାପଡ଼ା ବ୍ଲକ୍ ସାଂସଦଙ୍କ ପ୍ରତିନିଧି ସଂଗ୍ରାମ କେଶରୀ ପଟ୍ଟନାୟକ, ବ୍ଲକ ବିଜେପି ଯୁବ ସଂଗଠକ ତଥା ସମାଜସେବୀ ରଞ୍ଜନ କୁମାର ଦାସ ଭେଟି ନୂତନ ଭାବେ ଯୋଗଦେଇଥିବା ତହସିଲଦାର ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶଥାଉ କି ଶ୍ରୀ ମହାନ୍ତି ପୂର୍ବରୁ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ତହସିଲରେ ତହସିଲଦାର ଭାବରେ ଦୀର୍ଘବର୍ଷ କାମ କରିଛନ୍ତି ।

## ୫ ମାସ ହେଲା ମିଳୁନି ପିଇବା ପାଣି

## ଗ୍ରାମବାସୀଙ୍କ ରାସ୍ତାରୋକ ଆନ୍ଦୋଳନ

**କଣ୍ଟିଲୋ,୨୩।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ସିଧାମୂଳା ଗ୍ରାମରେ ୪ଟି ୱାର୍ଡ ଏବଂ ୬ଗୋଟି ସାହିକୁ ଦୀର୍ଘ ପାଞ୍ଚ ମାସ ହେଲା ଗ୍ରାମ ପଞ୍ଚାୟତ ତରଫରୁ ପାନୀୟଜଳ ଯୋଗାଣ ବନ୍ଦ ଥିବାରୁ ଅଧିବାସୀ ମାନେ ଘୋର ଅସୁବିଧାର ସମ୍ମୁଖିନ ହେବା ସହିତ ବହୁ ହିନସ୍ତା ଓ ହନ୍ତସନ୍ତ ହେଉଥିବାରୁ ଶୁକ୍ରବାର ଅପରାହ୍ନରୁ ରାସ୍ତା ରୋକ୍ ଆନ୍ଦୋଳନ ହୋଇଛି । ସୂଚନାରୁ ପ୍ରକାଶ ଯେ, ସ୍ଥାନୀୟ ସରପଞ୍ଚଙ୍କୁ ଗ୍ରାମର ମହିଳା ଓ ପୁରୁଷମାନେ ବାରମ୍ବାର ମୌଖିକ ଭାବେ ଆପତ୍ତି କରୁଥିଲେ ହେଁ, ସରପଞ୍ଚଙ୍କ ସ୍ୱାମୀ କାହାର ପରାମର୍ଶ ଓ ଅନୁରୋଧକୁ ଭ୍ରୁକ୍ଷେପ ନକରି ମନଇଚ୍ଛାରେ କାର୍ଯ୍ୟ କରୁଥିବାରୁ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ଶୁକ୍ରବାର ସନ୍ଧ୍ୟା ବେଳେ ରାଜରାସ୍ତା ଉପରେ ୫୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ବସି ଆନ୍ଦୋଳନ କରିଥିଲେ । ପ୍ରବଳ ଗୁଳୁଗୁଳି ମଧ୍ୟରେ ଲୋକମାନେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଥିଲେ । ସିଧାମୂଳା ଗ୍ରାମରେ ଗୋଟିଏ ଇନ୍‌ଟେକ୍ ୱେଲ୍ ଏବଂ ଗୋଟିଏ ବୋରିଂ ଥିବା ସତ୍ତ୍ୱେ ଲୋକମାନଙ୍କୁ ଠିକ୍‌ରେ ପାଣି ଦିଆଯାଉ ନଥିବା ଅଭିଯୋଗ ହେଉଛି । ଦ୍ୱିତୀୟତଃ ପଞ୍ଚାୟତରେ ପାଞ୍ଚ ଛଅ ଜଣ ସରକାରଙ୍କ ବେତନପ୍ରାପ୍ତ କର୍ମଚାରୀ ପାଣି ଯୋଗାଇବା ପାଇଁ ନିଯୁକ୍ତି ହୋଇଥିଲେ ହେଁ, ସେମାନେ ପ୍ରତ୍ୟେକ ଗାଇଡ୍ ଲାଇନ୍‌କୁ ଖାତିର ନକରି ନିଜ ମନଇଚ୍ଛାରେ କାମ କରୁଥିବାରୁ ଲୋକମାନେ ଠିକ୍‌ରେ ପାଣି ପାଇପାରୁ ନାହାନ୍ତି । ଏଣୁ ଲୋକମାନେ ଅସନ୍ତୁଷ୍ଟ ହୋଇ ରାସ୍ତାରୋକ କରିବା ପାଇଁ ବାଧ୍ୟ ହୋଇଥିଲେ । ଫଳରେ ଦିନ ୫ଟାରୁ ୬ଟା ଭିତରେ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଭାରୀଯାନ ଏବଂ ମଟରସାଇକେଲ ଅଟକି ଯାଇଥିବାରୁ ଲୋକମାନଙ୍କ ଭିତରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା । କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ନେତୃତ୍ୱରେ ପୋଲିସ ଷ୍ଟାଫ ରାସ୍ତାରୋକ ଆନ୍ଦୋଳନ ସ୍ଥାନକୁ ଆସି ସ୍ଥାନୀୟ ଅଧିବାସୀମାନଙ୍କୁ ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଣ ସମସ୍ୟା ସମ୍ପର୍କେ ସ୍ଥାନୀୟ ସରପଞ୍ଚ ଓ ଖଣ୍ଡପଡ଼ା ବିଡିଓଙ୍କ ସହିତ ବିଶଦ ଭାବେ ଆଲୋଚନା କରିବା ପରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ । ଏ ସମ୍ପର୍କେ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି ନେତା ନିରଞ୍ଜନ ପଣ୍ଡା, ଖଣ୍ଡପଡ଼ା ବ୍ଲକ ବିଡ଼ିଓ ଅଙ୍କୁର ଅଭିଲାଷଙ୍କୁ ଫୋନ୍ ଯୋଗେ ସମସ୍ୟା ବିଷୟରେ ଅବଗତ କରିଥିଲେ । ଆସନ୍ତା ସୋମବାର ମଧ୍ୟରେ ପାନୀୟ ଜଳ ଯୋଗାଣ ବିଭାଗ ଏସି, ଏସଡିଓ ଏବଂ ଜେଇ ସିଧାମୂଳା ଗ୍ରାମକୁ ଆସି ପାଣି ବିଷୟରେ ତଦାରଖ କରି କିଭଳି ଲୋକମାନେ ପାଣି ସୁବିଧାରେ ପାଇପାରିବେ ତା'ର ଆଶୁ ସମାଧାନ କରିବା ପାଇଁ ବିଡ଼ିଓ ମହାଶୟ ପ୍ରତିଶ୍ରୁତି ଦେଇଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାମ୍ବାଦିକ ସଂଘର ସର୍ବେକ୍ଷଣ

**ନୟାଗଡ଼,୨୩।୫/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଚିକିତ୍ସାଳୟରେ ଦେଖାଦେଇଥିବା ଚରମ ଅବ୍ୟବସ୍ଥା ଓ ଅଚଳାବସ୍ଥାକୁ ନେଇ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ଉଦବେଗ ପ୍ରକାଶ ପାଇବା ସହ ମେଡିକାଲ ପରିସରରେ ଧାରଣା ଦିଆଯାଇଥିଲା । ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳ ହସ୍ପିଟାଲରେ ଅଚାନକ ପର୍ଯ୍ୟବେକ୍ଷଣ କରିବା ସମୟରେ ଅନେକ ସଂଘାତିକ ଚିତ୍ର ପଦାକୁ ଆସିଛି । ଶହେ ଶଯ୍ୟା ବିଶିଷ୍ଟ ଏହି ଆଧୁନିକ କୋଠାରେ ଜରୁରୀକାଳୀନ ସେବା ପ୍ରଦାନ ପାଇଁ ଅତିକମରେ ୨ଜଣ ଡାକ୍ତର ରହିବା କଥା, କିନ୍ତୁ ମାତ୍ର ଜଣେ ଡାକ୍ତର ଉପସ୍ଥିତ ଥିଲେ । ଫଳରେ ୨ ଶହରୁ ଊର୍ଦ୍ଧ୍ୱ ରୋଗୀ ଦୀର୍ଘ ସମୟ ଧରି ଲମ୍ବା ଲାଇନରେ ଛିଡ଼ା ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା । ସେହିପରି ସକାଳ ସାଢ଼େ ୯ଟା ବାଜିଥିଲେ ସୁଦ୍ଧା ଶଲ୍ୟ ସର୍ଜରୀ ବିଭାଗରେ ଡାକ୍ତରଙ୍କ ଦେଖା ନଥିବା ବେଳେ ବହୁ ସଂଖ୍ୟାରେ ରୋଗୀ ଦୁଇ ଧାଡ଼ିରେ ଅପେକ୍ଷା କରି ରହିଥିଲେ । ମେଡ଼ିସିନ ୱାର୍ଡରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା । ଡାକ୍ତର ବହୁ ବିଳମ୍ବରେ ଆସି ପହଞ୍ଚିଥିଲେ । ମେଡ଼ିସିନ ୱାର୍ଡର ପରିସର ଅତ୍ୟନ୍ତ ଦୁର୍ଗନ୍ଧମୟ ହୋଇପଡ଼ିଥିବା ବେଳେ ଖଟଗୁଡ଼ିକରେ ଦୀର୍ଘ ଦିନ ହେବ



ବେଡ଼ସିଟ୍ ବଦଳା ଯାଉନଥିବାରୁ ରୋଗୀମାନେ ଅତି ଅପରିଷ୍କାର ଓ ମଇଳା ବେଡ଼ସିଟ୍ ଉପରେ ଶୋଇବାକୁ ବାଧ୍ୟ ହେଉଥିବା ରୋଗୀମାନଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଏମିତିକି ଅନେକ ସମସ୍ୟା ନଜରକୁ ଆସିଥିଲା । ବିକଳ ଚିତ୍ର ଡ଼ାଇରିଆ (ଝାଡ଼ାବାନ୍ତି) ୱାର୍ଡରେ ଦେଖିବାକୁ ମିଳିଥିଲା, ଯେଉଁଠି ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ଖଟ ନଥିବାରୁ ସେମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ନୂତନ କୋଠାରେ ୧୫୦ଟି ଏସି ଲାଗିଥିଲେ ସୁଦ୍ଧା ସେଥିରୁ ୫୦ରୁ ଅଧିକ ଏସି ଅଚଳ ହୋଇ ପଡ଼ିରହିଛି । ଗତ ବର୍ଷ ଅଗଷ୍ଟ ମାସରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏକ ବୃହତ ତଥା ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ ମେସିନ କିଣାଯାଇ ରଖାଯାଇଛି, ମାତ୍ର ବିଶେଷଜ୍ଞ ଡାକ୍ତର ନଥିବାରୁ ତାହା କେବଳ ଖତ ଖାଉଛି । ଚିକିତ୍ସାଳୟରେ ଉନ୍ନତମାନର ଏକ୍ସ-ରେ ମେସିନ ଥିଲେ ମଧ୍ୟ ଆବଶ୍ୟକ ରେଡିଓଗ୍ରାଫର ନଥିବାରୁ ତାହା ମଧ୍ୟ ଅଚଳାବସ୍ଥାରେ ଅଛି । ଏହାର ସୁଯୋଗ ନେଇ ବାହାର ପ୍ରାଇଭେଟ୍ କ୍ଲିନିକଗୁଡ଼ିକ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି ଏବଂ ଲୋକେ ବାଧ୍ୟ ହୋଇ ଅଧିକ ଟଙ୍କା ଖର୍ଚ୍ଚ କରି ବାହାରେ ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ କରୁଛନ୍ତି । ଅନୁରୂପ ଭାବେ ଗତ ୫ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ଅକ୍ସିଜେନ ପ୍ଲାଣ୍ଟ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନହୋଇ ଅଚଳ ହୋଇ ପଡ଼ିରହିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଭଳି ଚରମ ଦାୟିତ୍ୱହୀନତା ବିରୋଧରେ ସାମ୍ବାଦିକ ସଂଘ ପକ୍ଷରୁ ମେଡିକାଲ ପରିସରରେ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା । ଧାରଣା ଖବର ପାଇ ଜିଲ୍ଲା ଚିକିତ୍ସାଳୟ କର୍ତ୍ତୃପକ୍ଷ ତୁରନ୍ତ ସାମ୍ବାଦିକ ସଂଘକୁ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ବେହେରା ସାମ୍ବାଦିକ ସଂଘର ପ୍ରତିନିଧି ଦଳ ସହିତ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ଚିକିତ୍ସାଳୟର ସମସ୍ତ ସମସ୍ୟା, ଅସୁବିଧା ଏବଂ ଅବ୍ୟବସ୍ଥା ଗୁଡ଼ିକୁ ଦୂର କରାଯିବ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି । ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ସମ୍ପାଦକ ସୁବାସ ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ଲୋକନାଥ ମିଶ୍ର, ଗୋକୁଳ ଷଡ଼ଙ୍ଗୀ, ବିକ୍ରମ ସ୍ୱାଇଁ, ସୁଧାକର ମିଶ୍ର, ବିଭୂତି ପଟ୍ଟନାୟକ, ଓ ଜିତେନ୍ଦ୍ର ସାହୁ ପ୍ରମୁଖ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଆସନ୍ତା ୧୫ଦିନ ମଧ୍ୟରେ ଯଦି ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନହୁଏ, ତେବେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପୁନର୍ବାର ବୃହତ୍ ଆନ୍ଦୋଳନ ଓ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି ।

## ଗାନ୍ଧୀ ବିଜ୍ଞାନ ମହାବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା

**ଖୋର୍ଦ୍ଧା,୨୩।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ପିତାପଲ୍ଲୀସ୍ଥିତ ଗାନ୍ଧୀ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ୨୦୨୬ କାଉନସିଲ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଓ ସର୍ବମୋଟ ୩୪୬ ଜଣ ଛାତ୍ରଛାତ୍ରୀ +୨ ବିଜ୍ଞାନ ପରୀକ୍ଷା ଦେଇଥିଲେ ତନ୍ମଧ୍ୟରୁ ୩୪୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୩୫ ଜଣ ଛାତ୍ରଛାତ୍ରୀ ୯୦% ରୁ ଉର୍ଦ୍ଧ ୧୦୨ ଜଣ ଛାତ୍ରଛାତ୍ରୀ ୫୦୦ ରୁ ଊର୍ଦ୍ଧ୍ୱ ଏବଂ ୧୪୨ ଜଣ ଛାତ୍ରଛାତ୍ରୀ ୮୦% ରୁ ଅଧିକ ନମ୍ବର ରଖି ଗାନ୍ଧୀ ବିଜ୍ଞାନ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଉଲ୍ଲେଖନୀୟ ବିଷୟ ଏହିକି ଯେ ପ୍ରତ୍ୟେକ ବିଭାଗରୁ ଅନେକ ଛାତ୍ରଛାତ୍ରୀ ୧୦୦ ରୁ ୧୦୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାରଣା ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ସେବାକାର୍ଯ୍ୟ



**ବୟାଳିଶମୌଜା,୨୩।୫/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା ପକ୍ଷରୁ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଚଷାପଡ଼ାରେ ପ୍ରତିଷ୍ଠାନ ପକ୍ଷରୁ ଶାଢ଼ି ଏବଂ କୁନିକୁନି ପିଲାଙ୍କୁ ଛତା ବଣ୍ଟନ କରାଯାଇଥିଲା । ଏହି ଅନନ୍ୟ ସେବା କାର୍ଯ୍ୟରେ ଅନୁଷ୍ଠାନର ସଭାପତି ବରିଷ୍ଠ ସାମାଜିକକର୍ମୀ ୪୨ ମୌଜା ଗୌର୍ ନାରାୟଣ ଚନ୍ଦ୍ର ମହାନ୍ତି ଓ ସମ୍ପାଦିକା ଶିକ୍ଷାବିତ୍ ସରୋଜ ନଳିନୀ ପରିଜା,ବିଶିଷ୍ଟ ସମାଜସେବୀ ତଥା ଗବେଷକ ପ୍ରାଧାପକ ଡ. ସେକ୍ କଲିମୁଲ୍ଲା, ଆଦର୍ଶ ନାରୀ ପ୍ରତିଭା ପଦ୍ମିନୀ ମହାନ୍ତି, ବରିଷ୍ଠ ଶିଳ୍ପୀ ଉପେନ୍ଦ୍ର ବାରିକ, ସୁକାନ୍ତ କୁମାର ସାହୁ, କଳ୍ପନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟୁନ ୧୫ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଶାଢ଼ି ବଣ୍ଟନ କରିଥିଲେ । ଆଗକୁ ଏପରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

## ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

**ଭୁଷଣ୍ଡପୁର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟସ୍ତରୀୟ ଜୈବବିଭିଧତା ପୁରସ୍କାର ପାଇଲେ ଯୁବ ସାମ୍ବାଦିକ ମାନସ ପ୍ରଧାନ । ଶ୍ରୀ ପ୍ରଧାନ ହେଉଛନ୍ତି ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସକ୍ରିୟ ସଦସ୍ୟ ଓ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପରିବେଶ ପର୍ଯ୍ୟଟନ ମାନ୍ୟତା ପ୍ରାପ୍ତ ବିହଙ୍ଗ ବିହାର ମଙ୍ଗଳାଯୋଡ଼ିର ସ୍ଥାୟୀ ବାସିନ୍ଦା । ଉଚ୍ଚ ଶିକ୍ଷା ସହିତ ସାମ୍ବାଦିକତା ପାଠ୍ୟକ୍ରମରେ ଯୋଗ୍ୟତା ହାସଲ କରିବା ପରେ ପରିବେଶ କର୍ମୀ ଭାବରେ କାର୍ଯ୍ୟ ଆରମ୍ଭ କରି ସେ ଭାରତ ବର୍ଷର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି । ବହୁ ଅଭିଜ୍ଞତା ହାସଲ କରି ନିଜ ଜନ୍ମଭୂମି ମଙ୍ଗଳାଯୋଡ଼ିର ସାମୁହିକ ବିକାଶ ବିଶେଷକରି ମଙ୍ଗଳାଯୋଡ଼ି ଆର୍ଦ୍ରଭୂମି ଓ ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି ତାଙ୍କ ପିତା ଦୁଃଖିଶ୍ୟାମ ପ୍ରଧାନ ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ମାଆନିତା ପ୍ରଧାନ ଜଣେ ସ୍ୱେଚ୍ଛାସେବୀ ରୂପେ ଏବେ ବି କାର୍ଯ୍ୟରତ ଅଛନ୍ତି ।



ଆନ୍ତର୍ଜାତୀୟ ଜୈବବିଭିଧତା ଦିବସ ଉପଲକ୍ଷେ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟସ୍ତରୀୟ ଉତ୍ସବ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏଥି ସହିତ ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ସରକାରଙ୍କ ଆର୍‌ସିସିଏଫ୍ ଆଣ୍ଡ ଏଚ୍ ଓ ଏଫ୍ଏଫ୍‌କେ ମୁରୁଗେଶନ, ବିଭାଗୀୟ ନିର୍ଦ୍ଦେଶକ ଡ଼ଃ କେଏସ୍ ପ୍ରଦୀପ ଓ ଓଡିଶା ବାଇଓ ଡାଇଭରସିଟି ବୋର୍ଡର ମେମ୍ବର ସେକ୍ରେଟାରୀ ଡ଼ଃ ନିହାର ରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜୈବବିଭିଧତା ଉପରେ ଆଲୋକପାତ କରି ଏହାର ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପରିଶେଷରେ ଶ୍ରୀ ପ୍ରଧାନଙ୍କୁ ଜୈବ ବିଭିଧତା ପ୍ରମାଣପତ୍ର ସହିତ ୧୮ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟ ପାଇଁ ତାଙ୍କୁ ଉତ୍ସାହିତ କରିଥିବା ହେତୁ ମାନସ ବୈଜ୍ଞାନିକ ଡ଼ଃ ନିହାର ରଞ୍ଜନ ନାୟକ, ସତ୍ୟରଞ୍ଜନ ବେହେରା ଏବଂ ବୋର୍ଡର ସମସ୍ତଙ୍କ ସହିତ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ସମ୍ମାନ ପାଇଥିବା ଯୋଗୁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟନାୟକଙ୍କ ସମେତ ସମସ୍ତ ସଦସ୍ୟ ବନ୍ଧୁମାନେ ଶ୍ରୀ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମହିଳା ମହାବିଦ୍ୟାଳୟର ଟପ୍ପର୍ ହେଲେ ଶ୍ରୁତି

**ଖଣ୍ଡପଡ଼ା,୨୩।୫/ଏନ୍‌ଏନ୍‌ଏସ୍:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ଶ୍ରୁତିକିରଣ ଦାଶ ସର୍ବମୋଟ ୫୫୦ନଂ ରଖି ଟପ୍ପର ହେବା ସହ ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାଯାଇଛି । ଛାତ୍ରୀଙ୍କ ଘର ଖଣ୍ଡପଡା ସହରର ୬ ନଂ ୱାର୍ଡରେ ହୋଇଥିବା ବେଳେ ତାଙ୍କ ସଫଳତାର ଶ୍ରେୟ ସେ ମାତା, ପିତା ଓ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି । ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀସେବା କରିବାକୁ ଲକ୍ଷ୍ୟ



ରଖିଥିବା ନେଇ କୃତୀ ଛାତ୍ରୀ ଜଣକ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

## କେବେ ନିର୍ମାଣ ହେବ ବସ୍‌ଷ୍ଟାଣ୍ଡ, ହନ୍ତସନ୍ତ ହେଉଛନ୍ତି ଯାତ୍ରୀ

**ଓଡ଼ଗାଁ,୨୩।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ସହର ଖୋର୍ଦ୍ଧା-ଭଞ୍ଜନଗର ୨୧୯ନଂ ରାଜ୍ୟ ରାଜପଥ ଉପରେ ଥିବାରୁ ଆଖପାଖ ଗାଁର ଲୋକେ ଏଠାକୁ ଆସି ବସକୁ ଅପେକ୍ଷା କରିବାକୁ ପଡ଼ିଥାଏ । ଏଠି ବସଷ୍ଟାଣ୍ଡ ନଥିବାରୁ ଲୋକମାନେ ସବୁବେଳେ ହନ୍ତସନ୍ତ ହେଉଛନ୍ତି । ବର୍ଷ ବର୍ଷ ଧରି ଏଭଳି ଅବସ୍ଥା ଲାଗି ରହିଥିଲେ ମଧ୍ୟ କାହାରି କିଛି ବି ଯାଏ ଆସେ ନାହିଁ । ସୂଚନା ଅନୁଯାୟୀ ଶରଣକୁଳ ବଜାର ସବୁବେଳେ ଭିଡ଼ ରହୁଥିବାବେଳେ ଟ୍ରାଫିକ୍ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ବେଳେବେଳେ ଯାନବାହାନ ଯୋଗୁଁ ଟ୍ରାଫିକ ନିୟନ୍ତ୍ରଣ ହରାଇ ବସୁଛି । ପ୍ରତିଦିନ ଶହଶହ ଭକ୍ତ ଏବଂ ଆଖପାଖରୁ ଆସୁଥିବା ଲୋକେ ଦୂରଦୂରାନ୍ତ ସ୍ଥାନକୁ ଯିବାକୁ ଘଣ୍ଟାଘଣ୍ଟା ଧରି ବସକୁ ଅପେକ୍ଷା କରିଥାନ୍ତି । ବସଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ବିଭିନ୍ନ ଦୋକାନ ଉପରେ ନିର୍ଭର କରିଥାନ୍ତି । କିଛିବର୍ଷ ତଳେ ଗାଡ଼ିଚାପାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଏହାର ପ୍ରମୁଖ କାରଣ ବସଷ୍ଟାଣ୍ଡ ବୋଲି ଜନସାଧାରଣ କହିଛନ୍ତି । ଯାତ୍ରୀମାନେ ବସକୁ ଅପେକ୍ଷା କରିବାକୁ କୌଣସି ବାଟ ନଥିବାରୁ ରାସ୍ତାରେ ଏଣେତେଣେ ବୁଲିବାକୁ ବାଧ୍ୟ ହେଉଛନ୍ତି । ଯାହାର ଫଳସ୍ୱରୂପ ଏଭଳି ଦୁର୍ଘଟଣାମାନ ଘଟିଯାଉଛି । ଏତେସବୁ ପରେ ବସଷ୍ଟାଣ୍ଡ ନହେବା ପଛରେ କିଛି ରାଜନେତାଙ୍କୁ ଟାର୍ଗେଟ କରିଛନ୍ତି ଲୋକେ । କହିଛନ୍ତି ବିଜେଡ଼ି ସରକାରର ୨୪ବର୍ଷ ଶାସନ କାଳରେ ବସଷ୍ଟାଣ୍ଡ ନିର୍ମାଣ କରିବାରେ ପାତର ଅନ୍ତରନୀତି ଆପଣାଇଥିବା ବେଳେ ବିଜେପି ଶାସନର ୨ବର୍ଷ ପରେ ମଧ୍ୟ ସମାନ ଅବସ୍ଥା ଲାଗିରହିଛି । ଶରଣକୁଳରେ କେବଳ ଲଡୁବାବାଙ୍କ ପୀଠ ରହିଛି ତାହା ନୁହଁ ବିଭିନ୍ନ ସରକାରୀ ଅଫିସ କାର୍ଯ୍ୟକରୁଛି । ଏବେ ଡ଼ହଡ଼ହ ଖରାରେ ଯାତ୍ରୀମାନେ ବସକୁ ଅପେକ୍ଷା କରିବାକୁ ବିଭିନ୍ନ ଦୋକାନର ସାହାରା ନେଉଥିବା ଦେଖିବାକୁ ମିଳିଛି । ଯଦି ଶରଣକୁଳରେ ଏକ ବସଷ୍ଟାଣ୍ଡ ନିର୍ମାଣ କରି ଲାଇଟ୍, ଫ୍ୟାନ୍‌ର ସୁବିଧା ହୁଅନ୍ତା ବସକୁ ଅପେକ୍ଷା କରୁଥିବା ମହିଳା, ଯୁବତୀ ଏବଂ କଲେଜ ପଢୁଆ ଛାତ୍ରଛାତ୍ରୀମାନେ ଏହାର ସୁବିଧା ପାଇପାରନ୍ତେ ବୋଲି ଆଲୋଚନା ହେଉଛି । ଏଥିପ୍ରତି କେବଳ ପ୍ରଶାସନ ନୁହଁ ରାଜନେତାମାନେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଯଦି ଏଥିପ୍ରତି ଧ୍ୟାନ ଦିଆନଯାଏ ତେବେ ଟ୍ରାଫିକ ସମସ୍ୟା ସହିତ ବଡ଼ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି ।

## ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ନେଇ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର

**ନୟାଗଡ଼,୨୩।୫/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ନୟାଗଡ଼ ଜିଲ୍ଲାରେ ଅଘୋଷିତ ଓ ତୁହାକୁ ତୁହା ବିଦ୍ୟୁତକାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଏହି ସମସ୍ୟା ଗ୍ରୀଷ୍ମର ପ୍ରକୋପକୁ ଦ୍ୱିଗୁଣିତ କରିଥିବା ବେଳେ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି । ବିଲ୍ ଆଦାୟ ପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ସଦାସର୍ବଦା ବ୍ୟସ୍ତ ବିବ୍ରତ ରହୁଥିବା ବେଳେ ଗ୍ରାହକମାନଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଫଳରେ ଶିଶୁ, ବୃଦ୍ଧ ଓ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅବହେଳା ଏଭଳି ସ୍ତରକୁ ଯାଇଛି ଯେ, ଗତକାଲି ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମଧ୍ୟ ବିଦ୍ୟୁତ ବିଭାଗର କୌଣସି ଦାୟିତ୍ୱବାନ ଅଧିକାରୀ ଉପସ୍ଥିତ ନଥିଲେ । ଏହା ବିଭାଗର ବେପରୁଆ କାର୍ଯ୍ୟଶୈଳୀକୁ ସ୍ପଷ୍ଟ କରୁଛି । ଏହି ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷରେ ବିଦ୍ୟୁତ କାଟ ଜନିତ ଜନଅସନ୍ତୋଷକୁ ନେଇ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆସନ୍ତା ୧୫ଦିନ ମଧ୍ୟରେ ଯଦି ବିଦ୍ୟୁତ ସରବରାହ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ସାମ୍ବାଦିକ ସଂଘ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଆନୁକୂଲ୍ୟରେ ଏକ ବ୍ୟାପକ ତଥା ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ପୁରୁଷୋତ୍ତମ ମହାପାତ୍ର, ଲୋକନାଥ ମିଶ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ବିକ୍ରମ ସ୍ୱାଇଁ, ସୁଧାକର ମିଶ୍ର, ବିଭୂତି ପଟ୍ଟନାୟକ, ଦୀପକ ଦାସ, ରସାନନ୍ଦ ସ୍ୱାଇଁ, ଜିତୁନ ମହାପାତ୍ର ଓ ଟଂଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ପାଟ୍ରୋଲିଂ ସମୟରେ ବାଲି ବୋଝେଇ ଟ୍ରାକ୍ଟର ଜବତ

**କଣ୍ଟିଲୋ,୨୩।୫/ଏନ୍‌ଏନ୍‌ଏସ୍:** ଅସାମାଜିକ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ପୋଲିସ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବାପରେ ପୁଲିସ ବିଭାଗ ସକ୍ରିୟ ହୋଇ ଉଠିଛି । ଏହି କ୍ରମରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ଚୋରି, ରାହାଜାନୀ ଓ ଅସାମାଜିକ କାର୍ଯ୍ୟକୁ ରୋକିବା ପାଇଁ ପ୍ରତିଦିନ ପେଟ୍ରା ଲିଙ୍ଗର ବ୍ୟବସ୍ଥା କରିଛନ୍ତି । ଶନିବାର କଣ୍ଟିଲୋ ପୋଲିସକୁ ଆଉଏକ ସଫଳତା ମିଳିଛି । ମହାନଦୀରୁ ପ୍ରତିଦିନ ବେଆଇନ ଭାବେ ଶହଶହ ସଂଖ୍ୟାରେ ହାଇୱା ଓ ଟ୍ରାକ୍ଟର ଯୋଗେ ଚୋରାରେ ବାଲି ଚାଲାଣ ହେଉଛି । ଯାହାଫଳରେ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ପ୍ରତିବନ୍ଧକ ସାଜିଛି । ଶନିବାର ଭୋର ୫ଟା ସମୟରେ କଣ୍ଟିଲୋ ସହକାରୀ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡା ଓ ଷ୍ଟାଫ୍‌ଙ୍କୁ ସାଙ୍ଗରେ ଧରି ସିଧାମୂଳା ପାଟ୍ରୋଲିଂରେ ଯାଇଥିବା ସମୟରେ ସିଧାମୁଳା ମହାନଦୀ ବାଲି ଘାଟରୁ ବିନା କାଗଜ ପତ୍ରରେ ବାଲି ବୋଝେଇ କରି ଓଡି ୨୫ଏସ ୫୮୩୨ ନମ୍ବର ଟ୍ରାକ୍ଟର ଯୋଗେ ବାଲି ବୋଝେଇ କରି ଚାଲାଣ ହେଉଥିବା ସମୟରେ ଜବତ କରିଥିବା ଜଣାପଡ଼ିଛି । କଣ୍ଟିଲୋ ଫାଣ୍ଡିକୁ ଜବତଗାଡିକୁ ଆଣି ସଂପୃକ୍ତ ଗାଡି ମାଲିକ ସିଧାମୂଳା ନୂଆସାହି ବାସିନ୍ଦା ସପନି ନାୟକଙ୍କ ନାମରେ ଖଣ୍ଡପଡ଼ା ଥାନାରେ ମାମଲା ରୁଜୁ କରିଥିବା ଜଣାପଡିଛି । ଆଗାମୀ ଦିନରେ ଏଭଳି ପାଟ୍ରୋଲିଂ ଜାରି ରହିଲେ ଚୋରା ବାଲି ଚାଲାଣ ରୋକାଯାଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ନିତିଦିନ NITIDIN
ରବିବାର, ୨୪ ମେ' ୨୦୨୬

**ନିତି ଭାରତୀ**

ଅବସରକୁ ଭଲ ପାଅ ନାହିଁ। ଗୋଟିଏ ମିନିଟ୍ ମଧ୍ୟ ସମୟ ନଷ୍ଟ କରନାହିଁ। ସାହସୀ ହୁଅ, ସତ୍ୟକୁ ଅନୁଭବ କର।
**- ସ୍ୱାମୀ ଶିବାନନ୍ଦ**



**ଉଦ୍ଧଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...**

ମନୋଜ କୁମାର ମହାପାତ୍ର

# ମିଛ 'ମୁଁ' ଗର୍ଜନ କରେ, କିନ୍ତୁ ସତ 'ମୁଁ' ନିରବ

'ମୁଁ' 'ମୁଁ'ର ଗର୍ଜନ-ତର୍ଜନରେ ଆଜି ମାନବ ସମାଜ ପ୍ରକମ୍ପିତ। ବ୍ୟକ୍ତି ସ୍ତରରୁ ଆରମ୍ଭ କରି ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଏହି ଅହଙ୍କାରର ଉଦ୍‌ଗୀରଣ ରାଷ୍ଟ୍ରନୀତି, ଅର୍ଥନୀତି, ସମାଜନୀତି, ଏପରିକି ବ୍ୟକ୍ତି ଓ ପାରିବାରିକ କାର୍ଯ୍ୟକଳାପରେ ସ୍ପଷ୍ଟ ବାରି ହେଇଯାଉଛି। ତେବେ ଏହି 'ମୁଁ'ଟି ବାସ୍ତବରେ କିଏ ? ମୁଁ ତ ଗୋଟିଏ, ଏତେ ଗୁଡାଏ ମୁଁ କାହିଁକି ଚିତ୍କାର କରନ୍ତି। ପାଠକେ, ଏହି ଅସଂଖ୍ୟ ମୁଁ-ମାନେ ବାସ୍ତବରେ ସେହି ମୁଁ ନୁହେଁ ଯାହାକୁ ଅଦ୍ୱୈତ ବେଦାନ୍ତ କହେ ଏକ ଓ ଅଭିନ୍ନ। ଇୟେସବୁ ମିଛ 'ମୁଁ'। ଏମାନେ ଝଡିପୋକ ଭଳି ମୁହୂର୍ତ୍ତରୁ ମୁହୂର୍ତ୍ତେ ଜନ୍ମ ନିଅନ୍ତି, ପୁଣି କିଛି ସମୟ ବେଶ୍ ଆହ୍ଲାଦରେ ଉଡନ୍ତି, ତା'ପରେ ପର ଝଡିଗଲାରୁ ବିଲୁପ୍ତ ହେଇଯାଆନ୍ତି। ଏହି କଥାଟିକୁ ଯିଏ ହେଜେ, ସେ ଅସଲ 'ମୁଁ'ର ସନ୍ଧାନ ପାଏ। ଏହି ପରିପ୍ରେକ୍ଷୀରେ ଇଂରାଜୀ ମାସିକ ପତ୍ରିକା 'ପ୍ରବୁଦ୍ଧ ଭାରତ'ରେ ସ୍ୱାମୀ ଯୋଗାତ୍ମାନନ୍ଦ ସୁନ୍ଦର ଓ ହୃଦୟସ୍ପର୍ଶୀ ପ୍ରବନ୍ଧଟିଏ ଲେଖିଛନ୍ତି, ସେହି ବିଷୟଟି ହେଉଛି 'ମୁଁ କିଏ'। ସେ ବିଷୟରେ ଏଠାରେ ଆଲୋଚନା କରିବା, ଯାହା ଦ୍ୱାରା ଆମେ ମିଛ 'ମୁଁ'କୁ ଚିହ୍ନି ସତ ମୁଁ ଆଡକୁ ଉପଲବ୍ଧି କରିବା ମାର୍ଗରେ ପଥିକ ସାଜିପାରିବା।

ଜଣେ ବ୍ୟକ୍ତି ଅନ୍ୟ ଜଣକୁ ପଚାରିଲେ - ତୁମେ କିଏ ? ସେ କହିଲେ ମୋର ନାଁ ଅମକେଇ, ମୋର ଘର ସମକେଇ ଇତ୍ୟାଦି। ଏପରି ଉତ୍ତର ପ୍ରତ୍ୟେକ ଦେବେ। ନିଜର ନାମ, ବୟସ, ଗାଁ, ଶିକ୍ଷାଗତ ଯୋଗ୍ୟତା, ବୃତ୍ତି, ହବିଜ୍, ଶାରୀରିକ ଅବସ୍ଥା ଇତ୍ୟାଦି ବିଷୟରେ କହିବେ। ଆମେ ଯେତେବେଳେ 'ମୁଁ'ର ଚାପରେ ଭାବିବା, ତେବେ ନାମ, ବୟସ ଭଳି ଧାରଣା ଆମ ମନରେ ଜାତ ହେବ ହିଁ ହେବ। ସତ କଥାଟି ହେଉଛି ଯେ ଶରୀର, ମନ ଓ ବୁଦ୍ଧିରେ ଆମେ ସୀମିତ ଯାହା ବାସ୍ତବରେ 'ମୁଁ' କିମ୍ବା ମୋର ନୁହେଁ।

ଯେଉଁ ପ୍ରକୃତ 'ମୁଁ' ରହିଛି, ତାହା ଦେହ, ମନ, ବୁଦ୍ଧି ଠାରୁ ସମ୍ପୂର୍ଣ୍ଣ ଅଲଗା ଏବଂ ସେ ଏସବୁର ଜ୍ଞାତା, ତଥାପି ଏହି ସରଳ ଅନ୍ତର୍ଦୃଷ୍ଟି କ୍ୱଚିତ ଲୋକମାନଙ୍କ ଭିତରେ ଜାତ ହୁଏ। ବାସ୍ତବରେ ଆମେ 'ମୁଁ' ଭଳି ଶବ୍ଦ ଉଚ୍ଚାରଣ କରନ୍ତି ସତ, କିନ୍ତୁ ଶରୀରରେ ବନ୍ଧା ହେଉଥିବା ତାହାର ଜ୍ଞାନ ସମ୍ପୂର୍ଣ୍ଣ 'ମୁଁ' ଠାରୁ ଅଲଗା। ତଥାପି ଆଶ୍ଚର୍ଯ୍ୟର କଥା ଯେ ପ୍ରାୟ ଲୋକେ ଏମନ୍ତ 'ମୁଁ'କୁ ଶରୀର-ମନ-ବୁଦ୍ଧି ଭାବରେ ଧରିନେଇ ସମସ୍ତ କାର୍ଯ୍ୟ କରନ୍ତି।

ସେଥିପାଇଁ ଆଚାର୍ଯ୍ୟ ଶଙ୍କର କହିଥିଲେ - 'ତଥାପି... ଅତ୍ୟନ୍ତ ବିବିକ୍ତୟୋ: ଧର୍ମଧର୍ମିଣେ: ମିଥ୍ୟାଜ୍ଞାନ ନିମିତ୍ତ: ସତ୍ୟାନୃତେ ମିଥୁନିକୃତ୍ୟ ଅହମିଦଂ ମମେଦମିତି ନୈସର୍ଗିକ ଅୟଂ ଲୋକ ବ୍ୟବହାର'। ଅର୍ଥାତ୍ ସଂସାରର ସାଧାରଣ ଅନୁଭୂତିସମ୍ପନ୍ନ ବସ୍ତୁ ଓ ଗୁଣ ଉପରେ ଏପରି ଭାବରେ ପରସ୍ପର ଆରୋପିତ ଯେ ସତ୍ୟ ଓ ମିଥ୍ୟା ଭିତରେ ମନୁଷ୍ୟ ସଂଶୟରେ କେବଳ ଘାଣ୍ଟିହୁଏ। ମିଛକୁ ସତ ଭାବେ ଓ ସତକୁ ମିଛ ଭାବେ। ତେଣୁ ସେ କହେ- 'ମୁଁ ହେଉଛି ଏହା' ଏବଂ 'ଏହା ହିଁ ମୋର'।

ପ୍ରଶ୍ନ ଉଠେ ତେବେ 'ମୁଁ' କିଏ ? ଓମ୍-କାରେଶ୍ୱରର ସୁପରିଚିତ ସନ୍ନ୍ୟାସୀ ଥିଲେ ଗୋବିନ୍ଦପାଦ ଯିଏ ବହୁ ବର୍ଷ ଧରି ସମାଧିରେ ମଗ୍ନଥିଲେ, ସେ ଏକଦା ସମ୍ମୁଖସ୍ଥ ଏକ ଶିଶୁକୁ ପ୍ରଶ୍ନ କରିଥିଲେ। ଯଦି ଆଚାର୍ଯ୍ୟ ଗୋବିନ୍ଦପାଦ ଓ ଏହି ଶିଶୁ ଆମ ଭଳି ସାଧାରଣ ବର୍ଗର ମନୁଷ୍ୟ ହୋଇଥାନ୍ତେ ତେବେ ଶିଶୁ ନିଶ୍ଚିତ ଉତ୍ତର ଦେଇଥାନ୍ତେ - ମୋ ନାଁ ଶଙ୍କର, ମୁଁ ନାମ୍ବୁଦ୍ରୀ ଜାତି/ବଂଶଜର ଶିଶୁ। ମୁଁ କେରଳର କାଲାଡ଼ି ଗ୍ରାମର ନିବାସୀ। ମୋର ବୟସ ଆଠବର୍ଷ। ସମସ୍ତ ଶାସ୍ତ୍ର ମୋର ମୁଖସ୍ଥ। ଏପରିକି ବେଦ ଓ ବେଦାଙ୍ଗ ମଧ୍ୟ। ଆହୁରି ବି ଅନେକ କିଛି। ସେ କହି ପାରିଥାନ୍ତେ ଯେ ମୋର ସେସବୁ ସ୍ମୃତିରେ ରହିଛି।

ଅଥଚଃ ଶିଶୁ ଉକ୍ତ ପ୍ରଶ୍ନର ଉତ୍ତର ଦେଲେ, ତାହା ଥିଲା ଗଭୀର ଭାବେ ଭିନ୍ନ - 'ମୁଁ ମନ, ବୁଦ୍ଧି, ଚେତନା କିମ୍ବା ଅହଂକାର ନୁହେଁ। କର୍ଣ୍ଣ, ଜିହ୍ୱା, ଚକ୍ଷୁ ଓ ଅନ୍ୟାନ୍ୟ କର୍ମ- ଇନ୍ଦ୍ରିୟଗୁଡ଼ିକ ମଧ୍ୟ 'ମୁଁ' ନୁହେଁ। ଆକାଶ, ପୃଥିବୀ, ଉତ୍ତାପ, ବାୟୁ ଏବଂ ଅନ୍ୟାନ୍ୟ ସମସ୍ତ ଉପାଦାନକୁ ମଧ୍ୟ 'ମୁଁ' ଭାବରେ ବର୍ଣ୍ଣନା କରିହେବନି। ମୁଁ ସେହି ଆନନ୍ଦପୂର୍ଣ୍ଣ ଚେତନା ଶିବ। ଶିଶୁର ଏହି କାବ୍ୟିକ ଉତ୍ତର ଯିଏ କି ସେତେବେଳର ଭାବି ଆଦି ଶଙ୍କରାଚାର୍ଯ୍ୟ, ତାଙ୍କର ଉତ୍ତର ଆଜି ନିର୍ବାଣଷ୍ଟକମ୍ ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ଛଅ ଧାଡ଼ି ବିଶିଷ୍ଟ କାବ୍ୟ ଗଠନ ଆତ୍ମ-ଜ୍ଞାନର ଅନୁସନ୍ଧିତ୍ସୁ ନିମନ୍ତେ ଏକ ପ୍ରେରଣାର ଉତ୍ସ ଆଜି ହେଇପାରିଛି ଯିଏ ଆନ୍ତରିକ ପ୍ରଶ୍ନ କରେ-ମୁଁ କିଏ ? ସେମାନଙ୍କୁ ଏହି ଶ୍ଳୋକଟି ଦିଗଦର୍ଶନ ଦେଇଥାଏ - ମର୍ନୋବୁଦ୍ଧ୍ୟା ଅହଂକର ଚିତ୍ତାନି ନାହଂ। ନ ଚ ଶ୍ରୋତଜିହ୍ୱେ ନ ଚ ଘ୍ରାଣ ନେତ୍ରେ। ନ ଚ ବ୍ୟୋମଭୂମି ନ ତେଦୋ ନ ର୍ବାୟୁ। ଚିଦାନନ୍ଦରୂପ: ଶିବୋଃହମ୍ ଶିବୋଃହମ୍।(୧)

ଆଉ ଗୋଟିଏ ପୌରାଣିକ ଉପାଖ୍ୟାନ ଅଛି - ଏକଦା ପ୍ରବଳ ବେଗରେ ଯମୁନା ନଦୀରେ ଉଚ୍ଛୁଳା ସ୍ରୋତ ବହମାନ। ବ୍ରଜର ଗୋପୀଗଣ ଦହି ଓ ଦୁଧର ହାଣ୍ଡି ମୁଣ୍ଡେଇ ନଦୀ ଅତିକ୍ରମ କରିବାକୁ କୂଳରେ ଦଣ୍ଡାୟମାନ। କିନ୍ତୁ ସେମାନେ କିପରି ନଦୀ ପାର ହେବେ। କୌଣସି ନୌକା ଦୃଷ୍ଟିଗୋଚର ହେଉନଥିଲା। ହଠାତ ଦେଖିଲେ ବ୍ୟାସଦେବ ଆସୁଛନ୍ତି। ଏହି ଜ୍ଞାନବନ୍ତ ଋଷିଙ୍କୁ ଦେଖିବା ମାତ୍ରେ ସେମାନଙ୍କର ନୈରାଶ୍ୟ ଦୂର ହେଲା ଏବଂ ଆଶା ସଞ୍ଚାରିତ ହେଲା। ଋଷିପ୍ରବର ପାଖରେ ପହଞ୍ଚିବା କ୍ଷଣି ସେମାନେ ନଦୀ ପାର ହେବା ପାଇଁ ତାଙ୍କୁ ପ୍ରାର୍ଥନା କଲେ।

ଋଷି କହିଲେ-ମୁଁ ବଡ଼ କ୍ଷୁଧାର୍ତ୍ତ, ପ୍ରଥମେ ମୋତେ କିଛି ଦିଅ ଖାଇବାକୁ, ତା'ପରେ ତୁମେମାନେ କିପରି ନଦୀ ପାରିହେବ, ତାହା ମୁଁ ବତାଇଦେବି। ମୁଣ୍ଡେଇଥିବା ସବୁତକ ଦହି ଓ ଦୁଧ ତାଙ୍କୁ ଖାଇବାକୁ ଦେଇଦେଲେ। ସାଙ୍ଗେ ସାଙ୍ଗେ ବ୍ୟାସଦେବ ସବୁତକ ଦହି ଓ ଦୁଧ ଭକ୍ଷଣ କଲେ। ତତପଶ୍ଚାତେ ଗୋପୀମାନେ ପଚାରିଲେ - ମହାଶୟ, ଆମେ ଯମୁନାର ଆରପଟେ କେମିତି ପହଞ୍ଚିବୁ ଦୟାକରି ବାଟ ବତାଇ ଦିଅନ୍ତୁ।

ବ୍ୟାସଦେବ କହିଲେ- ଯଦି ମୁଁ କିଛି ଖାଇନାହିଁ, ହେ ଯମୁନା, ତେବେ ଗୋପୀମାନଙ୍କ ପାଇଁ ବାଟ ଖୋଲିଦିଅନ୍ତୁ।

ବ୍ୟାସଙ୍କର ଏମନ୍ତ ବାକ୍ୟ ଶୁଣି ସେମାନେ ଆଶ୍ଚର୍ଯ୍ୟ ହେଲେ। ସେମାନେ ଭାବିଲେ- ହେ ଭଗବାନ, ସେ ତ ଏବେ ସବୁ ଖାଇଛନ୍ତି। ସେମାନେ ଏତିକି ଭାବିଛନ୍ତି କି ନାହିଁ, ଯମୁନା ନଦୀ ଦୁଇ ଫାଳ ହୋଇଗଲା। ସେଥିମଧ୍ୟରେ ଏକ ପଥ ଦୃଶ୍ୟମାନ ହେଲା। ବ୍ୟାସଦେବ ବାସ୍ତବରେ ଜଣେ ପ୍ରକୃତ ଜ୍ଞାତା ଏବଂ ଜ୍ଞାନାଲୋକିତ ବ୍ୟକ୍ତିତ୍ୱ। ତାଙ୍କ ଉଦରକୁ ଖାଦ୍ୟ ପ୍ରବେଶ କରିଛି କି ନାହିଁ, ସେ ସେଥିରେ ନିଜକୁ ପରିଚିତ କରିନାହାନ୍ତି ବା ଭୋକ ଲାଗୁଥିଲା ଖାଇଲେ, ତା'ପରେ ଭୁଲିଗଲେ। ସେଥିରେ ନିଜକୁ ଆଇଡେଣ୍ଟିଫାଏଡ୍ କରିନାହାନ୍ତି।

ଉପରୋକ୍ତ ଦୁଇଟି କାହାଣୀ ଅପେକ୍ଷା ନିକଟ ଅତୀତରେ ଗୋଟିଏ ଘଟଣା ବେଶୀ ମହତ୍ତ୍ୱପୂର୍ଣ୍ଣ। ସତେ କି ଉକ୍ତ ଘଟଣାଟି ଅଳ୍ପଦିନ ତଳେ ଘଟିଛି। ଶହେ ବର୍ଷରୁ କମ୍ ସମୟ ବିତିଛି ଉକ୍ତ ଘଟଣା ଘଟିବା ଠାରୁ (ଉକ୍ତ ଘଟଣା ଏପ୍ରିଲ୍ ୧୯୩୩ରୁ ଫେବୃଆରୀ ସରିଲା ଭିତରେ ଘଟିଥିଲା)।

ଶ୍ରୀ ରାମକୃଷ୍ଣଙ୍କର ପ୍ରତ୍ୟକ୍ଷ ସନ୍ନ୍ୟାସୀ ତଥା ରାମକୃଷ୍ଣ ମଠ ଓ ମିଶନର ଦ୍ୱିତୀୟ ପ୍ରେସିଡେଣ୍ଟ ସ୍ୱାମୀ ଶିବାନନ୍ଦ ଖୁବ୍ ବୃଦ୍ଧ ଓ ବ୍ୟାଧିଗ୍ରସ୍ତ ଥିଲେ। ପାରାଲିସିସ୍ ତାଙ୍କର ଶରୀରର ଗୋଟିଏ ପାର୍ଶ୍ୱକୁ ପୂରା ଅକାମୀ କରିଥିଲା, ସେ ଆଉ କଥା କହିପାରୁ ନଥିଲେ। ସେଥିପାଇଁ ସେ ଶଯ୍ୟାଶାୟୀ ଥିଲେ। ତଥାପି ଏହି ମହାନ ଆତ୍ମାଙ୍କର ଅନ୍ତର-ଆନନ୍ଦରେ କୌଣସି ବାଧା ନଥିଲା। ଏହି ଉଲ୍ଲାସତାର (Exuberant) ଆନନ୍ଦ ତାଙ୍କ ଚାରିପାଖରେ ଘେରି ରହିଥିଲା। କେବଳ ସେତିକି ନୁହେଁ, ଯେଉଁମାନେ (ସେ ବୃଦ୍ଧ ହୁଅନ୍ତୁ, ଯୁବକ ହୁଅନ୍ତୁ, ପୁରୁଷ ବା ମହିଳା) ତାଙ୍କୁ ସାକ୍ଷାତ କରିବାକୁ ଆସୁଥିଲେ। ସମସ୍ତଙ୍କ ଭିତରେ ଉକ୍ତ ଆନନ୍ଦ ପ୍ରତିଫଳିତ ହେଉଥିଲା।

ସେହି ସମୟରେ ବିଖ୍ୟାତ ବିଦ୍ୱାନ ପଣ୍ଡିତ ପ୍ରମଥନାଥ ତର୍କଭୂଷଣ ବେଲୁଡ଼ ମଠ ପରିଦର୍ଶନରେ ଆସିଥିଲେ। ସେ ସ୍ୱାମୀ ଶିବାନନ୍ଦଙ୍କୁ ସାକ୍ଷାତ କରିବାକୁ ଅନୁରୋଧ କଲେ। ତେଣୁ ତାଙ୍କ ପାଖକୁ ନେଇଗଲେ। ସ୍ୱାମୀ ଶିବାନନ୍ଦ କେବଳ ବାମ ହାତକୁ ସାମାନ୍ୟ ଟେକିପାରୁଥିଲେ ଏବଂ ବାମ ଚକ୍ଷୁ ସାମାନ୍ୟ ଖୋଲିପାରୁଥିଲେ। ଏତଦବ୍ୟତୀତ ସମଗ୍ର ଶରୀର ଥିଲା ଅଚଳ। ତଥାପି ସେହି ଅବସ୍ଥାରେ ତାଙ୍କ ଠାରୁ ନିର୍ଗତ ଆନନ୍ଦର ସ୍ରୋତ ପଣ୍ଡିତଜୀଙ୍କୁ ଭାବବିହ୍ୱଳ କରିଦେଲା। ତାଙ୍କ ଚକ୍ଷୁରୁ ଅଶ୍ରୁ ବହମାନ ହେଲା।

ଅତ୍ୟଧିକ ଆନନ୍ଦରେ ବିହ୍ୱଳିତ ହୋଇ ପଣ୍ଡିତଜୀ କହିଲେ - ମୁଁ ଅନେକ ଶାସ୍ତ୍ର ଅଧ୍ୟୟନ କରିଛି ଏବଂ ସଂସାରରୁ ମୁକ୍ତି ଲାଭ କରିଥିବା ମହାନ ଆତ୍ମାଙ୍କ ବିଷୟରେ ଜାଣିଛି। ମୁଁ ଯଦି ଆଜି ତାଙ୍କୁ ସାକ୍ଷାତ କରିନଥାନ୍ତି, ମୋ ଜୀବନରେ ଏକ ବିଶାଳ ଶୂନ୍ୟତା ମୁଁ ଅନୁଭବ କରିଥାନ୍ତି।

ଆବେଗପୂର୍ଣ୍ଣ କଣ୍ଠରେ ସେ ସ୍ୱାମୀ ଶିବାନନ୍ଦଙ୍କୁ ପଚାରିଲେ - 'ମହାରାଜ, ଆପଣଙ୍କର ବୟସ କେତେ ?'

'ଅନାଦି ଅନନ୍ତ' ବୋଲି ତାଙ୍କ ମୁହଁରୁ ବାହାରିପଡ଼ିଲା। ସଙ୍ଗେସଙ୍ଗେ ପ୍ରଶ୍ନର ଉଦ୍ଦେଶ୍ୟ ହୃଦୟଙ୍ଗମ କରି ସେ କହିଲେ - ଓହୋଃ, ତୁମେ ଏହି ଶରୀରର ବୟସ ପଚାରୁଛ ? ସେ ନିଜର ବୟସ କହିଲେ।

ଶ୍ରୀ ରାମକୃଷ୍ଣ କୁହନ୍ତି - ଈଶ୍ୱର ଉପଲବ୍ଧି କରିଥିବା ବ୍ୟକ୍ତିର ଲକ୍ଷଣ ହେଉଛି ଯେ ସେ ଖୁରୁଡ଼ି ନଡ଼ିଆ ଭଳି ହେଇଯାନ୍ତି। ସେ ସମ୍ପୂର୍ଣ୍ଣ ଭାବରେ ସଚେତନ ଥାଆନ୍ତି ଯେ ସେ ଶରୀର ନୁହେଁ। ଶରୀରର ସୁଖରେ ସେ ସୁଖୀ ହୁଅନ୍ତିନି ଏବଂ ଶରୀରର ଦୁଃଖରେ ସେ ଦୁଃଖୀ ହୁଅନ୍ତିନି। ସେ କେବେ ଦେହର ସୁଖ ଚାହାନ୍ତି ନାହିଁ। ସେ ସଂସାରରେ ଜୀବୋନ୍ମୁକ୍ତ ହୋଇ ବିଚରଣ କରନ୍ତି।

'ମୁଁ କିଏ' ? ଆମ ସମସ୍ତଙ୍କ ନିମନ୍ତେ ଏକ ପ୍ରଧାନ ପ୍ରଶ୍ନ। ଆଜି ନୁହେଁ ତ କାଲି ବା ଶୀଘ୍ର ହେଉ ଅବା ଡ଼େରି, ଆମ ଭିତରୁ ପ୍ରତ୍ୟେକ ଏହି ମୌଳିକ ପ୍ରଶ୍ନର ସମାଧାନ କରିବା ଉଚିତ।

-----୦୦୦୦--------

# ସରଳ ହେବା ଜଟିଳ ଜଟିଳ ହେବା ସରଳ



ବିଜୟ ଦାସ

ସରଳକୁ ଆଉ ଟିକେ ସହଜ କରିଦେଲେ ସହଜାତ ପ୍ରବୃତ୍ତିକୁ ଟିକେ ବିଶ୍ଳେଷଣ କରିବାକୁ ପଡ଼ିବ। 'କେଉଁ ଆଡ଼େ ଥିଲୁ, କୁଆଡ଼େ ଅଇଲୁ, ଜନମ ଅଣ୍ଟୁଡ଼ିଶାଳରେ ହେଲାରେ ପାଦ, ଏରୁଣ୍ଡି ବନ୍ଧ ଡେଇଁଲା' ପଦ୍ୟାଂଶରେ ଶୈଶବର ଅୟମାରମ୍ଭ। ଏହି ସମୟରେ, ଜୀବନ ସକାଳର ମୁହୂର୍ତ୍ତମାନଙ୍କରେ ଏକ ନିଷ୍ପାପ ସରଳତାର ଚିତ୍ର ଆସେ। କ୍ରମଶଃ ଏହି ସହଜାତ ସରଳତା ଭିତରେ ଜିଜ୍ଞାସାରୁ ଜଟିଳତାର ବୁଢ଼ିଆଣୀ ଜାଲ ବୁଣି ବୁଣି ଚାଲେ। ପାରିପାର୍ଶ୍ୱିକ ଅବସ୍ଥା ଓ କିଛି ଅମାନିଆପଣ ହିଁ ଜଟିଳତା ଆଡ଼କୁ ଟାଣିନିଏ। ଆସ୍ତେ ଆସ୍ତେ ଅନ୍ଧକାର ଘୋଟି ଆସେ ଜୀବନରେ। ପୁଣି ସେହି ଜଟିଳ ଚକ୍ରବ୍ୟୂହ ଭିତରୁ ସରଳତାର ବାଟ ପାଇବା ଅତ୍ୟନ୍ତ ଜଟିଳ ହୋଇଯାଏ।

ଜୀବନ ଜିଇଁବାର ସଂଗ୍ରାମ ଭିତରେ ସୁଖ ସୁବିଧାର ଆଶାବାଦୀ ମଣିଷ ସରଳ ଜୀବନଯାପନକୁ ଛାଡ଼ି ବିଳାସପୂର୍ଣ୍ଣ ଜୀବନ ଆଡ଼କୁ ମୁହାଁଏ। ଏମିତିରେ ଖାଇବା ପାଇଁ ବଞ୍ଚିବା, ଅୟସ କରିବାକୁ ବଞ୍ଚିବା କଥା ମନକୁ ଆସେ; ଆଉ କାଳେ ମରିଯିବୁ, ସେଥିପାଇଁ ଖାଉଛୁ, କାଳେ ଅଳ୍ପକେ ସନ୍ତୁଷ୍ଟ ରହି ସୁକାର୍ଯ୍ୟ କରିବାର ମାନସିକତାରୁ ଓହରି ଯାଉ। ସତରେ କଳି କାଳରେ ସରଳ ହେବା, ସଙ୍କୋଚ ହେବା, ସତ୍ୟରେ ରହିବା ଓ ଭଲ ପାଇବା ବାଣ୍ଟିବାର ସୁଗୁଣ ସବୁ ଜଟିଳତା ଭିତରେ ହଜି ଯାଉଛି! ସରଳ ହେଲେ ମଣିଷ ଠକିଯାଏ ବୋଲି କହନ୍ତି। ଏଠାରେ କିଏ ଠକାଏ ଯେ! ସେହି ଆଖପାଖର ମଣିଷ ନା! ଅବିଶ୍ୱାସର ବାୟୁମଣ୍ଡଳ ଭିତରେ ସତରେ ଅଣନିଃଶ୍ୱାସୀ ହୋଇପଡ଼େ ସମସ୍ତଙ୍କୁ ବିଶ୍ୱାସ କରୁଥିବା ଲୋକଟି।

ସରଳ ହେବା ଏଇଥିପାଇଁ ଜଟିଳ ଯେ ଅନେକ କଷ୍ଟ ସହିବାକୁ ପଡ଼େ, ଅନେକ ଅପଶବ୍ଦ, ଧିକ୍କାର ଶୁଣିବାକୁ ପଡ଼େ ଓ ଦୁର୍ଦ୍ଦିନ ଭିତରେ ଦିନ କାଟିବାକୁ ହୁଏ। ନିରୀହ ଶାବକ ଚାରିପଟେ ଘେରି ରହିଥିବା ଜଟିଳ ଶାଗୁଣାମାନଙ୍କର ଉପଦ୍ରବରେ ଥରହର ହେବା ଥୟ। ତଥାପି ଆଶାର କିରଣ ରହିଛି ସ୍ୱଚ୍ଛ ନିର୍ମଳ ଜୀବନଯାପନ ପାଇଁ। କେତେ ବି ପଙ୍କ ଘେରିଥାଉ, ପଦ୍ମଫୁଲ ନିଶ୍ଚେ ଉପରକୁ ମୁଣ୍ଡ ଟେକିବ। ମନ ଓ ନିଷ୍ଠା ଯଦି ଦୃଢ଼, ତେବେ କିଛି ବି ଅସମ୍ଭବ ନୁହେଁ। ବେଳେବେଳେ ସରଳତା ଭିତରେ ଜଟିଳତାର ବାସ୍ନା ଆସେ। ଯେପରିକି 'ବାପା କହିଲେ, ବାପା ଘରେ ନାହାନ୍ତି।' ଯଦିଓ ଅତ୍ୟନ୍ତ ସରଳ ଭାବରେ ବିନା ଦ୍ୱିଧାରେ ପିଲାଟି ଆଗନ୍ତୁକଙ୍କୁ ଉତ୍ତର ଦେଲା, କିନ୍ତୁ ସେ ଜାଣିନାହିଁ ଯେ ଏହା ଭିତରେ କୁଟିଳତା ପ୍ରକାଶ ପାଉଛି। ଖଚ ମିଛର ଆବହାଓ୍ୱାରେ ଅନେକ ସମୟରେ ଆମେ ମିଥ୍ୟାର ଆଶ୍ରୟ ନେଇଥାଉ। ବିଶ୍ୱାସ କଣ୍ଟାରେ କଣ୍ଟା କାଢ଼ିଲା ପରି, ଲୁହାକୁ ଲୁହା କାଟିଲା ପରି ଆମ ମିଥ୍ୟାର ଜବାବ୍ ମିଥ୍ୟାରେ ଦେବା। ମାତ୍ର ଜଟିଳ ମଣିଷକୁ ଜବାବ୍ ଦେବାରେ ସରଳ ମଣିଷର ମିଥ୍ୟା ଧରା ପଡ଼ିଯାଏ। ଚକ୍ରବ୍ୟୂହରେ ଫସିଗଲା ପରି ଥରେ ଜଟିଳତାରେ ପ୍ରବେଶ କଲେ ପ୍ରସ୍ଥାନର ବାଟ ଅପହଞ୍ଚ ହୋଇଯାଏ। ସରଳ ହେବା ଓ ସରଳତାରେ ରହିବା ଜଟିଳ ହୋଇପାରେ, ଅସହଜ ହୋଇପାରେ, ମାତ୍ର ଅସମ୍ଭବ ନୁହେଁ। ଅନେକ ନୀତି ଆଦର୍ଶର ମଣିଷ ଏବେ ବି ପ୍ରମେୟ। ସତରେ ପରମ୍ପରା, ଶାସ୍ତ୍ରୀୟତା, ରୀତିନୀତି, ନିୟମ କାନୁନ୍ ମାନିବା ଓ ନିର୍ବାହ କରିବା କ'ଣ ଜଟିଳ ପ୍ରକ୍ରିୟା ନୁହେଁ କି ? ସହଜରେ, ଯେନତେନ ପ୍ରକାରେଣ ସଫଳତା ଅର୍ଜନ କରିବାରେ ବାହାଦୁରୀ ନଥାଏ। ବରଂ ଜଟିଳ ବନାନୀରେ ସରଳ ରାସ୍ତାଟିଏ ତିଆରି କରି ସଫଳତା ପାଇବା ହିଁ ଅନ୍ୟମାନଙ୍କ ପାଇଁ ସରଳ ବାଟଟିଏ କରିଦେବା।




ଭଣ୍ଡ ସନ୍ନ୍ୟାସୀଙ୍କଠାରୁ ଆରମ୍ଭ କରି ଅନେକ ସରଳ ଓ ଶୁଦ୍ଧ ମଣିଷର ମୁଖା ପିନ୍ଧିଥିବା ବ୍ୟକ୍ତିମାନେ ବାସ୍ତବରେ ଅନେକ ଜଟିଳ। ସମସ୍ୟାର ସମାଧାନ ଆଳରେ ଅନେକ ସମସ୍ୟା ଆଣି ଛିଡ଼ା କରେଇ ଦିଅନ୍ତି, ଏହିଠାରେ ସରଳ ମଷିଣର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରଳ ହେବା ମାନେ ନୁହେଁ ଜଟିଳତାକୁ ନ ଚିହ୍ନିବା। ସେହି ମଣିଷ ସରଳ, ଯିଏ ଲୋଭ ମୋହଗ୍ରସ୍ତ ହୋଇ ଅକାର୍ଯ୍ୟକୁ ଗ୍ରହଣ ନକରେ। ସ୍ମିତହାସ୍ୟ ସରଳ ମଣିଷର ଆଭୂଷଣ ନିଶ୍ଚେ। କିନ୍ତୁ ସେହି ସ୍ମିତହାସ୍ୟ ଜଟିଳ ମଣିଷର ଏକ ଆୟୁଧ ଛଳନାର। 'ମୁଖରେ ରାମନାମ ଅଣ୍ଟିରେ ଛୁରି' ହେଉଛି ଅମଣିଷ, ଅସାଧୁ ବ୍ୟକ୍ତିର ଚିନ୍ତାଧାରା। କୁଟିଳ ହସକୁ ଚିହ୍ନିବା ମଧ୍ୟ ସରଳ ବ୍ୟକ୍ତିର ପ୍ରାଥମିକତା।

ସତରେ କ'ଣ ସରଳ ହେବା ଏତେ ଜଟିଳ ? ଜମା ନୁହେଁ, ଶିକ୍ଷାଦୀକ୍ଷା, ନୈତିକତାର ବାଟ ଚାଲୁଥିବା ମଣିଷ କଣ୍ଟା ଫୁଟିଲେ ବି ହସୁଥାଏ। ଝୁଣ୍ଟି ପଡ଼ିବା ଏକ ବୋକାମି ନୁହେଁ, ବରଂ ସଚେତନ କରିବାର ଘଟଣା। ସରଳତାର ମାପକାଠି ଅଛି, କିନ୍ତୁ ଜଟିଳତାର କୌଣସି ମାପକାଠି ନଥାଏ, ଏହା ତ ଏକ ବକ୍ର ଦଣ୍ଡ!

କୁରୁ ପକ୍ଷର ଶତ ଭ୍ରାତା ଓ ଶକୁନି ମାମୁ ସହ ସହସ୍ର ସହସ୍ର ସେନା ପରି ଜଟିଳ କୁଟିଳ କରିବାର ଅଣୁସବୁ ପର୍ଯ୍ୟାପ୍ତ। ସରଳ ଶିଶୁ ବୟସ୍କ ହେବା ଭିତରେ ଯଦି ଧୂଳି ଧୂଆଁ ପରି ଅଣୁ ଆହରଣ କରେ, ତେବେ କ୍ଷିପ୍ର ଗତିରେ ଏକ ଜଟିଳ ବ୍ୟକ୍ତିରେ ପରିଣତ ହୁଏ। ଏଠାରେ ସଂଗ୍ରାମ କରିବାକୁ ପଡ଼େନାହିଁ, ପ୍ରତିହତ କରିବାକୁ ହୁଏନାହିଁ, କାରଣ ଅବିଗୁଣସବୁ ଭାରି ଶକ୍ତିଶାଳୀ ଓ ଅନାୟାସରେ କବଳିତ କରନ୍ତି ଠିକ୍ ଜୀବାଣୁ, ଭୂତାଣୁ ପରି। ଯେତେବେଳେ ଆବହାଓ୍ୱା, ମାହୋଲ ବା ପାରିପାର୍ଶ୍ୱିକ ଅବସ୍ଥା ଦୂଷିତ ରହିଥିବ, ତେବେ ସେତେବେଳେ କବଳିତ ହେବା ସରଳ କଥା। ଦୁଷ୍ଟ ବୁଦ୍ଧି, ଦୁଷ୍କାମି ଓ ଦୁଷ୍ଟ ଶକ୍ତି ଏକ ପ୍ରକାର ପରଜୀବି ପର୍ଯ୍ୟାୟର। ସାମ୍ପ୍ରତିକ ସମୟରେ ଭଲ କଥା କହିଲେ ଭେଲ ଲାଗେ। ଏହାର କାରଣ, ତତ୍‌କ୍ଷଣାତ୍ ବିରୋଧାଭାସ ଲାଗେ। ଷଡ଼ ରିପୁର ପ୍ରଭାବ ବେଶୀ।

ସାମୟିକ ସୁଖ ସୁବିଧା ପାଇଁ ଅନ୍ୟାୟ ଅନୀତିର ବାଟ ସୁଗମ ମନେହୁଏ। ଏତେ ପାଠ ପଢ଼ି, ଶିକ୍ଷିତ ହୋଇ ଉପାର୍ଜନକ୍ଷମ ହେବା ପାଇଁ ସମୟ ତ ଲାଗେ, ତା' ଛଡ଼ା ଏହା ସ୍ୱଳ୍ପ ମନେହୁଏ। ଅନ୍ୟାୟ ଅନୀତିରେ ତ କ୍ଷଣକେ ସୁବର୍ଣ୍ଣପୁରୀ ତିଆରି ହୋଇ ପାରିବ। ମାତ୍ର ଏହା ଯେ କ୍ଷଣଭଙ୍ଗୁର ଏବଂ ପାପର ସାମ୍ରାଜ୍ୟ, ଏହା ବୁଝିବା ଜଟିଳ। ଯେ କୌଣସି ଅପ୍ରିୟ ଘଟଣାରେ ସତ କହିବା ସାହସର କଥା। କିନ୍ତୁ ଜଟିଳ ଭାବେ ମିଛ ପରେ ମିଛ କହି ମିଛ ଗପ ସୃଷ୍ଟି କରିବା ସହଜ। ଦୋଷ କରି ଦୋଷ ଲୁଚାଇବା ସରଳତା ନୁହେଁ, ବରଂ ଜଟିଳତାର ଗହୀର ଗୁମ୍ଫା। ଏଣୁ କୁପଥଗାମୀ ହେବାକୁ ବେଶୀ ସମୟ ଲାଗେ ନାହିଁ। ବରଂ ସୁପଥ ଆବିଷ୍କାର ପାଇଁ ଅନେକ ସମୟ, ଧିଶକ୍ତି ଓ ପ୍ରୟାସ ଦରକାର। ବନ୍ଧନରେ ପଡ଼ିବା ଯେତେ ସହଜ, ବନ୍ଧନରୁ ମୁକ୍ତି ଖୋଜିବା ସେତେ କଠିନ ବା ଜଟିଳ।

ମଞ୍ଚ ଉପରେ ଅଭିନୟ କରିବା ଯେପରି କଷ୍ଟକର, କିନ୍ତୁ ବାସ୍ତବ ଜୀବନରେ ସ୍ୱାର୍ଥ ପାଇଁ ଅଭିନୟ କରିବା ବେଶ୍ ସରଳ ମନେ ହେଉଛି। ଖସି ଗଲା ଗୋଡ଼ ତଳକୁ ତଳକୁ ପରି ଲାଉ ଚୋର, କଖାରୁ ଚୋରରୁ ଡକାୟତ ହେବା ବେଶ୍ ସହଜ। ମାତ୍ର ଖଣ୍ଟରୁ ବାଲ୍ମିକୀ ହେବା ବଡ଼ କଷ୍ଟକର ସାଧନା। ଏଣୁ ସାଧୁ ହେବା ପାଇଁ ସେହି ଧାନର ଜଟିଳ ପ୍ରକ୍ରିୟା ଭିତରେ ରହିବାକୁ ହେବ। ଛଳନା ଏକ ସରଳ ପନ୍ଥା। ତା' ନହେଲେ ଅନୈତିକ ସମ୍ପର୍କ, ଫେସ୍‌ବୁକ୍ ଆକର୍ଷଣ ଓ ଦୈହିକ ସମ୍ବନ୍ଧ ଏତେ ଆକର୍ଷଣୀୟ ଓ ହାତପାଆନ୍ତାରେ ରୁହନ୍ତା କେମିତି ? ମିଛ ମାୟା ସଂସାରକୁ ବୁଝିବା ଏତେ ସରଳ ନୁହେଁ, ଯେତେ ସରଳତା ଭିତରେ ଛନ୍ଦି ହୋଇ ଛଟପଟ ହେବା।

ଚାଲ୍ ଏକ ସରଳ ଚାଲାଖି, ଯାହାର ପ୍ରୟୋଗରେ ବନ୍‌ଶୀରେ ମାଛ ଧରି ହୁଏ। ବନ୍‌ଶୀ କଣ୍ଟାରେ ଲାଗିଥିବା ଜିଅଳ ବା ଛୋଟ ମାଛ ଲାଳସାରେ ବଡ଼ ମାଛଟି ଧରା ପଡ଼ିଯାଏ। ବିଦ୍ୟା ଅଧ୍ୟୟନ ଏକ କଠିନ ମାନସିକ ସାଧନା। ଜଟିଳ ଲାଗେ ଶିକ୍ଷା। ଯେପରିକି 'ଅଙ୍କ ପାଠ ବଡ଼ କଷ୍ଟ ମୁଣ୍ଡେ ପଶେ ନାହିଁ'ର ଅର୍ଥ ନୁହେଁ ମୁହଁ ଫେରେଇ ନେଇ ମୂର୍ଖ ହେବାର ସରଳ ବାଟକୁ ଆପଣେଇବା। ବରଂ କଠିନ ଅଧ୍ୟବସାୟ ଦ୍ୱାରା ନିଜକୁ ସୁଶିକ୍ଷିତ କରିବା ଏଇଥିପାଇଁ ଯେ ଭଲମନ୍ଦ ଜଟିଳ ସରଳ ଜୀବନଚର୍ଯ୍ୟାକୁ ତର୍ଜମା କରିବାର ଶକ୍ତି ପାଇବା।

ଠକୁଥିବା ବ୍ୟକ୍ତିଠାରୁ ଠକି ଥିବା ବ୍ୟକ୍ତି ହିଁ ମହାନ୍। କାରଣ ଠକ ହିଁ ଜଟିଳ ମଣିଷ ଓ ଠକି ଥିବା ବ୍ୟକ୍ତି ସରଳ। ଅସଲରେ ସରଳ ମଣିଷ ପାଖରେ ଭଗବାନ ଥାଆନ୍ତି ସାହାଯ୍ୟ କରିବାକୁ, ଆଉ ଜଟିଳ କୁଟିଳ ମଣିଷ ପାଖରେ କେହି ନଥାନ୍ତି; ରହିଥାଏ କେବଳ ଶାସ୍ତି ଦେବାକୁ ଯମ ଦଣ୍ଡ। ଯାହାର ବ୍ୟବହାର ମାର୍ଜିତ, ସେ ନିଶ୍ଚେ ସରଳ। ଯାହାର ଅସୀମ ସାହସ ଥାଏ, ସେ ହିଁ ସତ୍ୟବାଦୀ। ଯାହାର ନିଷ୍କପଟ ହସ ଥାଏ ମୁହଁରେ, ସେ ସରଳ। ଯାହାର କୁଟିଳ ହସ ଥାଏ, ସେ ହିଁ ଜଟିଳ ଓ ଅସାମାଜିକ। ଏମିତିରେ ଦେଖିଲେ ସରଳ ରେଖା ହେଉଛି ସରଳତା ଓ ବକ୍ରରେଖା ହେଉଛି ଜଟିଳତା। ସିଧା ସିଧା କଥା, ସିଧା ସାଧା କାମ, ସିଧା ସିଦ୍ଧିର କାମନା, ଅଙ୍କାବଙ୍କା ଭାବନା, ଅସ୍ଥିର ଚିନ୍ତାଧାରା ଓ ଅସନ୍ତୁଳିତ ମାନସିକତା ବକ୍ର ଓ ଜଟିଳ। ଏଠାରେ କିନ୍ତୁ ସହଜ ଦୁଷ୍ପ୍ରାପ୍ୟ ହେଉଛି ସରଳତା ଓ ଯାହାକୁ ଯେତେ ଉପଲବ୍ଧ କୁଟିଳତା।

ଅନିସନ୍ଧିତ୍ସୁ ମଣିଷ ଯେତେଯେତେ ଚାକ୍ଷୁଷ ପ୍ରମାଣ ଖୋଜିବ ଭଗବତ୍ ସତ୍ତାର, ସେତେ ସେତେ ଜଟିଳତାର ଲଟାଝଟାରେ ଘେରି ହୋଇ ପଡ଼ିବ। କିନ୍ତୁ ସଂପୂର୍ଣ୍ଣ ସମର୍ପଣ ଭାବରେ ବନ୍ଧା ଭାବଗ୍ରାହୀ। ନା ଯୁକ୍ତି, ନା ତଥ୍ୟର ଆବଶ୍ୟକତା; ନା ଲୌକିକତାର ପ୍ରମାଣ ଦରକାର। କେବଳ ସରଳ ଭାବେ ବିଶ୍ୱାସର ମାନସିକତା ଦରକାର। କାରଣ ଜନ୍ମ-ମୃତ୍ୟୁର ରହସ୍ୟ ଭେଦ କରିପାରି ନଥିବା ମଣିଷ କେମିତି ଖୋଜିବ ଐଶ୍ୱରିକ ପ୍ରମାଣ ? କାହିଁକି ବା ଖୋଜିବ! ଅତଏବ, ଏଠାରେ କେବଳ ସରଳ ଭାବେ ବିଶ୍ୱାସ କରିବାକୁ ହେବ ପରମାତ୍ମାଙ୍କୁ। ଭୌତିକ, ବ୍ୟବହାରିକ, ବୈଷୟିକ, ଦୈହିକ ସମ୍ବନ୍ଧରେ ହୁଏତ ଯୁକ୍ତିର, ପ୍ରମାଣର ଆବଶ୍ୟକତା ଥାଇପାରେ; ମାତ୍ର ନୈସର୍ଗିକ ଆଧ୍ୟାତ୍ମିକତାରେ ଏସବୁ ଖୋଜିବା ବୃଥା। ଶୁଦ୍ଧ ଚିନ୍ତନ ଏକ ପ୍ରକାର ସରଳତା, ଯାହାର ତୁଳନା ନଥାଏ। କାରଣ ଏହା ଭିତରେ ଲୁଚି ରହିଥାଏ ସମର୍ପଣ ଭାବ, ଯାହା ତାକୁ ଦାତା କରିଦିଏ।

ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୩୪୮୯୩୭୫୨

# ସ୍ମୃତିରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟ



ବଂଶୀଧର ଭୋଇ

ଦିନେ ନା ଦିନେ ମହାକାଳ ଗର୍ଭରେ ସମସ୍ତେ ବିଲୀନ ହୋଇଯିବେ। 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ' ଏ ଉକ୍ତିଟି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ସବୁ ସ୍ମୃତିରୁ ଲିଭିଯିବ, ଲିଭିଯିବ ନାହିଁ ସତ୍‌କର୍ମ, ଆଦର୍ଶ ଜୀବନ ଜୀବିକା। ଦିବଂଗତ ନୀଳମଣି ରାଉତରାୟ ଜଣେ ସମାଜ ସେବକ, ଜନ ସେବକ, ସ୍ୱାଧୀନତା ସଂଗ୍ରାମୀ କେବଳ ନଥିଲେ; ଛାତ୍ର ଅବସ୍ଥାରୁ ମାତୃଭୂମିକୁ ପରାଧୀନତାରୁ ମୁକ୍ତି ଦେବା ପାଇଁ ଛାତ୍ର ଅବସ୍ଥାରୁ ଯେଉଁ ସଂଗ୍ରାମ ଜାରି ରଖିଥିଲେ, ତାହା ଅଲିଭା ସ୍ମୃତି ହୋଇ ରହିବ କାଳ କାଳକୁ।

ମୁଁ ତାଙ୍କ ସଂସ୍ପର୍ଶରେ ଆସିଲି ୧୯୭୮ ମସିହାରେ। ସେ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ମୋ ଭଉଣୀର ଶାଶୁଘର। ଭିଣୋଇ ସୁଭାଷ ଚନ୍ଦ୍ର ବାରିକଙ୍କ ଘର ବାସୁଦେବପୁର କଲେଜ ପାଖରେ। ନୀଳମଣି ରାଉତରାୟଙ୍କ ସହିତ ସୁଭାଷଙ୍କ ସମ୍ପର୍କ ଛାତ୍ର ଅବସ୍ଥାରୁ। ତେଣୁ ସେହି ହିସାବରେ ମୋତେ ସେ ଜାଣିଥିଲେ। ପରବର୍ତ୍ତୀ ସମୟରେ ମୋ ଭିଣୋଇ (ସୁଭାଷ) ବାସୁଦେବପୁର ଏନ୍‌ଏସିର ଚେୟାରମ୍ୟାନ୍ ହୋଇଥିଲେ। ଆମ ଗ୍ରାମର କାହ୍ନୁଚରଣ ବିଶ୍ୱାଳଙ୍କ ଘର ଆମ ଘରକୁ ଲାଗି। ଆମ ଘର ସହିତ ତାଙ୍କର ପାରିବାରିକ ସମ୍ପର୍କ ଥିଲା। ତେଣୁ ଆମ ଅଞ୍ଚଳର ଜନତା ଦଳର ସେ ଜଣେ ଆଗ ଧାଡ଼ିର କର୍ମୀ ଥିଲେ। ସ୍ୱର୍ଗତଃ ରାଉତରାୟ ମହୋଦୟ ମୁଖ୍ୟମନ୍ତ୍ରୀ ଥିବା ବେଳେ ଅନେକ ସରକାରୀ କର୍ମଚାରୀ, ରାଜନେତା ଆମ ଘରକୁ ଆସନ୍ତି, କାରଣ ମୁଖ୍ୟମନ୍ତ୍ରୀଙ୍କ ସହିତ କାହ୍ନୁବାବୁଙ୍କର ରାଜନୈତିକ ସମ୍ପର୍କ ଥିଲା। ସେ ମୋ ସରକାରୀ ଘର ୯ ନମ୍ବରରେ ରହୁଥିଲେ। ତାହା ଥିଲା ଏକ ଅଭୁଲା ସ୍ମୃତି। ପରବର୍ତ୍ତୀ ସମୟରେ କଂଗ୍ରେସ ସରକାର। ସ୍ୱର୍ଗତଃ ନୀଳମଣି ରାଉତରାୟ ମହୋଦୟ ଜୀବନ ସରଣୀକୁ ସବୁବେଳେ ସଦୁପଯୋଗ କରିଛନ୍ତି। ସମାଜ ସେବା ଦାୟିତ୍ୱରୁ ଅବ୍ୟାହତି ପରେ ରାଜ୍ୟ ଅଭିଲେଖାଗାରକୁ ଆସନ୍ତି। ସେତେବେଳେ ରାଜ୍ୟ ଅଭିଲେଖାଗାରରେ ଚାକିରି କରୁଥାଏ। ସର୍ବପ୍ରଥମେ ଆମ ଅଫିସ୍‌କୁ ଆସି ତାଙ୍କ ଡ୍ରାଇଭର ଇମାନ୍ ମୋତେ ଖୋଜିଲେ। ପୂର୍ବରୁ ତାଙ୍କର ସମସ୍ତ ଘରୋଇ କର୍ମଚାରୀ ମୋତେ ଜାଣିଥିଲେ। ଦିନେ ଠିକ୍ ୧୧ଟା ବେଳେ ସ୍ୱର୍ଗତଃ ରାଉତରାୟ ମହୋଦୟ ଆସିଛନ୍ତି ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କୁ କାର୍‌ରୁ ଓହ୍ଲାଇବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ସଙ୍ଗେ ସଙ୍ଗେ ମୋତେ ଡକାଗଲା। ଦେଖିଲି, ସେ ଛିଡ଼ା ହୋଇଛନ୍ତି। ବାସୁଦେବପୁରର ତାଙ୍କର ସବୁ କର୍ମୀ ତଥା ଘରର ସମସ୍ତ କର୍ମଚାରୀ ତାଙ୍କୁ ବାବା ବୋଲି ଡାକନ୍ତି। ମୋତେ କହିଲେ, ଏହି ରେକର୍ଡ଼ ସବୁ ଖୋଜି ଆଣ। ତାଙ୍କ ବସିବା ପାଇଁ ଘରେ ସ୍ୱତନ୍ତ୍ର ବ୍ୟବସ୍ଥା ହେଲା। ଏହିପରି ପ୍ରତିଦିନ ୧୧ଟା ବେଳକୁ ରାଜ୍ୟ ଅଭିଲେଖାଗାରରେ ପହଞ୍ଚି ଘଣ୍ଟାଏ ଦୁଇ ଘଣ୍ଟା ରୁହନ୍ତି। ସେ ଯେତେ ସମୟ ଅଫିସ୍‌ରେ ବସନ୍ତି, ସେ ପର୍ଯ୍ୟନ୍ତ ରେକର୍ଡ଼ ପଠାଉ ଥାଏ। ମୁଁ ଜାଣିଥାଏ ଯେ ୧୨ଟା ବାଜିଲେ ସେ ଘରକୁ ଯିବେ। ଚା' ଆଣିବାକୁ ପଠାଇ ଥିବା ଜାଣି ତାଙ୍କ ଡ୍ରାଇଭର ଇମାନ କହିଲା, ଆପଣ ଯଦି ନିଜେ ଯାଇ ଚା' ଆଣିଦେବେ ବାବା ପିଇବେ, ଅନ୍ୟଦ୍ୱାରା ପିଇବେ ନାହିଁ। ପ୍ରତିଦିନ ନିଜେ ଚା' ଆଣି ଦିଏ।

ଅଫିସ୍ କର୍ମଚାରୀମାନେ ଜାଣିଲେ ଯେ ମୁଁ ତାଙ୍କର ଅତି ବିଶ୍ୱସ୍ତ। ସେ ଆମ ଅଫିସରଙ୍କୁ ମଧ୍ୟ ଖୋଜନ୍ତି ନାହିଁ। ତେଣୁ ସମସ୍ତଙ୍କର ମୋ ପ୍ରତି ଈର୍ଷା। ପୁଣି ଗଲା ପରେ ସେ ସବୁ ରେକର୍ଡ଼ ଚିହ୍ନ ମାରି ମୋତେ ଦେଖାଇ ଦିଅନ୍ତି। ମୁଁ ବସି ସେଗୁଡ଼ିକୁ ଲେଖେ। ସେତେବେଳେ ଜେରକ୍ସ ନଥିଲା। ଅଫିସ୍ ଛୁଟି ପରେ ଚିନ୍ତାମଣିଶ୍ୱରରେ ତାଙ୍କର ପୁରୁଣା ଘରକୁ ଯାଇ ଲେଖାଗୁଡ଼ିକ ଦେଇ ଫେରିଆସେ। ଏହିପରି ଦୀର୍ଘ ଦିନ ଧରି ଲେଖା ଚାଲିଲା। ସେ ପର୍ଯ୍ୟନ୍ତ ମୁଁ ଜାଣି ନଥିଲି ଯେ 'ସ୍ମୃତି ଅନୁଭୂତି' ବହି ପ୍ରକାଶ ପାଇବ। ମଝିରେ ମଝିରେ ମୋ କଥା ପଚାରନ୍ତି। ଥରେ ପଚାରିଲେ- ତମ ପୁଅ କ'ଣ ପଢୁଛି ? ମୁଁ କହିଲି +୨ ସାଇନ୍ସ ପଢୁଛି। ମାଟ୍ରିକ୍ କେଉଁ ଡିଭିଜନରେ ପାସ୍ କଲା ? ପ୍ରଥମ ଶ୍ରେଣୀରେ ପାସ୍ କରିଛି। ଏସବୁ ବିଷୟ ଲେଖି ମୋତେ ଦରଖାସ୍ତ ଦେବା। ମୁଁ ଆଉ ସାହସ କରି ପଚାରି ପାରିଲି ନାହିଁ- 'କି କାର୍ଯ୍ୟରେ ଲାଗିବ ?' ପରେ ଜାଣିଲି, କଳିଙ୍ଗ ଫାଉଣ୍ଡେସନର ସେ ଥିଲେ ଚେୟାରମ୍ୟାନ୍। ପ୍ରତି ମାସରେ ୧୦୦ ଟଙ୍କା ଲେଖାଁ ମୋ ପୁଅ ପାଖକୁ ମନିଅର୍ଡ଼ରରେ ଏହିପରି ଦୁଇ ବର୍ଷ ଆସିଲା। 'ସ୍ମୃତି ଅନୁଭୂତି' ୫୦୦ ପୃଷ୍ଠାର ବହି ପ୍ରକାଶ ପାଇଲା। ତାଙ୍କ ପୁସ୍ତକର ଅଭିମତରେ ମୋ ନାମଟି ଦେଖି ଖୁସି ହେଲି। ମନେ ମନେ ଭାବିଲି କର୍ମର ଫଳ। ବିଜୁ ଜନତା ଦଳ ସରକାରରେ ତାଙ୍କ ପୁଅ ସ୍ୱର୍ଗତଃ ବିଜୟଶ୍ରୀ ରାଉତରାୟ ସଂସ୍କୃତି ମନ୍ତ୍ରୀ ଥିଲେ। ତାଙ୍କ ଉପସ୍ଥିତିରେ ସେ କହିଲେ- ତା'ର ଯାହା ଅସୁବିଧା ହେବ, କରିବୁ। ଏକଥା ଶୁଣି ଆହୁରି ମନ ଖୁସି ହେଲା। ସେତେବେଳକୁ ଶ୍ରୀୟା ଟକିଜ୍ ପାଖରେ ଥିବା ନୂଆ କୋଠାଘରକୁ ସେ ଆସିଲେ। ମୁଁ ତାଙ୍କ ଘରକୁ ଯାଏ। ମୋ ଭିଣୋଇ ସୁଭାଷ ତାଙ୍କ ଘରେ ତାଙ୍କର ପୁଅ ପରି ରହୁଥାଏ। ଆଉ ଯେତେବେଳେ ଯାହାର କାର୍ଯ୍ୟ ପଡ଼େ, ମୋତେ ସାଥୀରେ ନେଇ ଯାଆନ୍ତି।



ଜନ୍ମ ଶତବାର୍ଷିକୀ ସମାରୋହ ଉପଲକ୍ଷେ

ଉପର ମହଲାକୁ ଯିବା ପାଇଁ ଅନୁମତି ଆବଶ୍ୟକ, କିନ୍ତୁ ମୋ ପାଇଁ ସେ କଟକଣା ନଥାଏ। ଦିନକର କଥା। ମୁଁ ଜଣକ ସାଥୀରେ ନୂଆ ଘରକୁ ଯାଇଥାଏ। ତାଙ୍କୁ କହିଲି, ମୁଁ ଗଲେ ଡେରି ହେବ, ଘର ଆଗରେ ଛିଡ଼ା ହୋଇଛି। ତମେ ଯାଅ। ଏହି ସମୟରେ ସେ ଉପର ମହଲାରୁ କେତେବେଳେ ମୋ ଆସିବା ଦେଖି ଦେଇଛନ୍ତି। ମୁଁ ଗେଟ୍ ଆଗରେ ଛିଡ଼ା ହୋଇଥିଲି। କିଛି ସମୟ ପରେ ଘରକୁ ଫେରି ଆସିଲି। ୪ ନମ୍ବର ହାଟରେ ତାଙ୍କର ଜଣେ କର୍ମଚାରୀ ମୋତେ ଦେଖି ହଠାତ୍ ରାଗି ଉଠିଲେ। ସେ କହିଲେ- ଆପଣ ସେଦିନ ଆସିଥିଲେ, ବାବାଙ୍କୁ ଦେଖା କଲେନାହିଁ କାହିଁକି ? ବାବା ଆମ ଉପରେ ବିରକ୍ତି ପ୍ରକାଶ କଲେ ଯେ ଆପଣଙ୍କୁ ଉପର ମହଲାକୁ ଆସିବା ପାଇଁ ଅଟକାଇଲୁ। ଏକଥା ଶୁଣି ମୁଁ ଆଉ ରାଗିବି କ'ଣ, ସେ କର୍ମଚାରୀଙ୍କୁ କୁଣ୍ଢାଇ ପକାଇଲି। ସେ କହିଲା- ଏଣିକି ଆସିଲେ ନିଶ୍ଚିତ ବାବାଙ୍କୁ ଦେଖା କରିବେ। ଆପଣଙ୍କ ପାଇଁ ଆମେ ଗାଳି ଶୁଣିବୁ! ସେ ଦିନ ଅନୁଭବ କରିଥିଲି ନିଃସ୍ୱାର୍ଥ କର୍ମ କଲେ ଅନ୍ଧାର ଦୂର ହୋଇଯାଏ।

ଆଉ ଗୋଟିଏ ଅଭୁଲା ସ୍ମୃତି ମନେପଡ଼େ। ରାଉତରାୟ ମହୋଦୟ କେନ୍ଦ୍ର କ୍ୟାବିନେଟ୍‌ର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ। ଆମ ଅଫିସ୍‌ର ଜଣଙ୍କ ଶ୍ୱଶୁର କଠିନ ରୋଗରେ ପୀଡ଼ିତ ଥିଲେ। କଟକରେ ଆରୋଗ୍ୟ ନ ହେବାରୁ ତାଙ୍କୁ ଡାକ୍ତର ପରାମର୍ଶ ଦେଲେ ଏମ୍ସ୍, ଦିଲ୍ଲୀରେ ଦେଖାନ୍ତୁ। ଅଫିସ୍‌ରେ ସମସ୍ତେ ଜାଣନ୍ତି ତାଙ୍କ ସହିତ ମୋର ପରିଚୟ ଅଛି। ତେଣୁ ସେ ମୋତେ କହିବାରୁ ତାଙ୍କୁ କହିଲି, ମନ୍ତ୍ରୀ ଯେତେବେଳେ ଆସିବେ, ମୁଁ ସାକ୍ଷାତ କରାଇ ଦେବି। ଜାଣିଲି, ତାଙ୍କ ପୁରୁଣା ଘରକୁ ଆସି ଦୁଇଦିନ ରହିବେ। ତେଣୁ ତାଙ୍କୁ ସାଥୀରେ ଧରି ଦେଖା କଲି। ସମସ୍ତ କଥା ବୁଝିଲା ପରେ ତାଙ୍କ ପିଏଙ୍କୁ କହିଲେ, ତାଙ୍କର ସମସ୍ତ କାଗଜପତ୍ର ରଖ। ଦିଲ୍ଲୀରେ ପହଞ୍ଚିଲେ ମୋତେ ମନେ ପକାଇବ। ସେ ଲୋକ ଦିଲ୍ଲୀରେ ପହଞ୍ଚି ତାଙ୍କୁ ଦେଖା କରିବାରୁ ତାଙ୍କର କର୍ମଚାରୀ ସେମାନଙ୍କୁ ସାଙ୍ଗରେ ନେଇ ଏମ୍ସ୍‌ରେ ସବୁ ବ୍ୟବସ୍ଥା କରି ଦିଆଗଲା। ସେ ଜଣକ ଦିଲ୍ଲୀରୁ ଫେରିଆସି ମୋତେ ବହୁତ ପ୍ରଶଂସା କଲେ। ମୁଁ ଭାବୁଥାଏ, କିଛି ପାଇବାର ଇଚ୍ଛା କରି କାର୍ଯ୍ୟ କଲେ ଦୁର୍ନାମ ବ୍ୟତୀତ କିଛି ମିଳି ନଥାଏ। ତେଣୁ ମହତ ଲୋକଙ୍କ ସଂସ୍ପର୍ଶରେ ଆସିଲେ ଦୁଃଖ ମିଳେ ନାହିଁ।

ଏହି ଜନ୍ମ ଶତବାର୍ଷିକୀ ଅବସରରେ ଏପରି ଜଣେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ, ଦିବଂଗତ ନୀଳମଣି ରାଉତରାୟଙ୍କ ପରି ଜଣେ ଜ୍ଞାନୀ ଗୁଣୀ ସାହିତ୍ୟିକ, ଜନନାୟକ, ମହାନ ବ୍ୟକ୍ତିତ୍ୱର ଅଧିକାରୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କର ଅମର ଆତ୍ମା ପୁଣି ଥରେ ଏହି ପବିତ୍ର ମାଟିରେ ଜନ୍ମଗ୍ରହଣ କରିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ଏ ଅକିଞ୍ଚନ ପାଖରେ ଆଉ କିଛି ନାହିଁ। ଜୟ ଜଗନ୍ନାଥ।

କେ-୨/୨୨୨, କଳିଙ୍ଗନଗର, ଭୁବନେଶ୍ୱର
ମୋ: ୯୪୩୭୯୪୯୦୫୫

# ଛାତ୍ର ସମାଜ ରାଜନୀତିଠାରୁ ଦୂରେଇ ରୁହନ୍ତୁ

ସମ୍ପ୍ରତି ଦେଶରେ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ଉପାୟରେ ଛାତ୍ର ସମାଜକୁ ପ୍ରଲୋଭିତ, ପ୍ରଭାବିତ ଏବଂ ଆକର୍ଷିତ କରି ନିଜ ନିଜ ଦଳରେ ସାମିଲ କରାଉଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନିଜ ନିଜ ଇପ୍‌ସିତ ଲକ୍ଷ୍ୟରୁ ବିଚ୍ୟୁତ ହେବା ସହିତ ଦିଗଭ୍ରଷ୍ଟ ହୋଇ ଯାଉଛନ୍ତି। ରାଜନୈତିକ ଫାଇଦା ହାସଲ ପାଇଁ ପ୍ରାୟତଃ ସବୁ ଦଳ ଛାତ୍ରମାନଙ୍କୁ ମୋହରା ବନାଇ ଦେଉଛନ୍ତି। ଏପରିକି, କୋମଳମତି ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷାଗତ, ବୃତ୍ତିଗତ ପାଠ୍ୟକ୍ରମ ପ୍ରତି ଧ୍ୟାନ ନଦେଇ ରାଜନୈତିକ ଦଳ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ଯଥା ହରତାଳ, ପ୍ରତିବାଦ ସଭା, ଗଣ ଧାରଣା, ଦଙ୍ଗା ହଙ୍ଗାମା ଆଦି ଅବାଞ୍ଛିତ କାର୍ଯ୍ୟକଳାପରେ ଯୋଗ ଦେଉଛନ୍ତି। ତା' ଛଡ଼ା ଭିନ୍ନ ଭିନ୍ନ ରାଜନୈତିକ ଦଳଙ୍କ ପ୍ରଭାବରେ ଛାତ୍ର ସମାଜ ବିଭାଜିତ ହୋଇ ଯାଉଛି। ଛାତ୍ରମାନଙ୍କ ଅନ୍ତର୍ନିହିତ ବୃତ୍ତିଗତ ମେଧା ଶକ୍ତି କ୍ରମଶଃ ହ୍ରାସ ପାଉଛି। ଏହା ଯେ ଦେଶ ତଥା ସମାଜ ପାଇଁ ଶୁଭଙ୍କର ନୁହେଁ, ଏକଥା ଜାଣି ମଧ୍ୟ ସମସ୍ତେ ନିରବଦ୍ରଷ୍ଟା ସାଜୁଥିବା ଦେଖାଯାଉଛି। ଯେଉଁ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ରାଜନୀତିକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, ସେମାନେ ଅନ୍ତତଃ ଛାତ୍ରାବସ୍ଥାରୁ ନୁହେଁ, ବରଂ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଅନ୍ୟଥା ଦେଶର ସମସ୍ତ ଛାତ୍ର ସମାଜ ରାଜନୀତିଠାରୁ ଦୂରେଇ ରହିବା ଶ୍ରେୟସ୍କର।

ଅବନୀ ଚନ୍ଦ୍ର ଦାସ, ସାଇ ସଦନ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଡାକ୍ତର ଓ କର୍ମଚାରୀଙ୍କ ଅନୁପସ୍ଥିତିର ଲାଭ ଉଠାଉଛନ୍ତି କ୍ୱାକ୍

- ଉପାନ୍ତ ଅଞ୍ଚଳବାସୀ ଶୋଷଣର ଶିକାର
- ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ଝରିଗାଁ,୨୩।୫/ଏନ୍‌ଏନ୍‌ଏସ୍:** ଝରିଗାଁର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବକୁ ନେଇ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ସ୍ୱାସ୍ଥ୍ୟ କିମ୍ବା ଡ୍ରଗ୍ ବିଭାଗ ଏଥିପ୍ରତି ସାମାନ୍ୟତମ ଗୁରୁତ୍ୱ ଦେଉନଥିବା ହେତୁ ଝରିଗାଁ ବ୍ଲକର ଉପାନ୍ତ ଅଞ୍ଚଳବାସୀ ଶୋଷଣର ଶିକାର ହେଉଥିବା ନେଇ ଅଭିଯୋଗ ହେଉଛି। ବିଶେଷକରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଡାକ୍ତର ସଙ୍କଟ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହାତଗଣତି ୩ ଜଣ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବା କଷ୍ଟକର ହୋଇପଡ଼ିଛି। ଝରିଗାଁ ବ୍ଲକର ଉପାନ୍ତ ଇଚ୍ଛାପୁର, ଫୁପୁଗାଁ, ବେଲଗା, କଦଭଟା ଓ ଧୋଡ୍ରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅତି ନଗଣ୍ୟ ହୋଇପଡ଼ିଛି।

ମ୍ୟାଲେରିଆ ଉପଦ୍ରବ ଅଞ୍ଚଳ ଭାବେ ପରିଚିତ ଝରିଗାଁ ବ୍ଲକ୍‌ରେ ବିଭିନ୍ନ ସମୟରେ ଗାଁ ଗାଁରେ ଜ୍ୱର ବ୍ୟାପିବା ସାଙ୍ଗକୁ ଝାଡ଼ାବାନ୍ତି ଆଦି ବିଭିନ୍ନ ରୋଗରେ ଲୋକମାନେ ଆକ୍ରାନ୍ତ ହୁଅନ୍ତି। ଡାକ୍ତର ଓ କର୍ମଚାରୀ ଅଭାବ ଥିବାରୁ ଲୋକମାନେ ବାଧହୋଇ କ୍ୱାକ୍‌ଙ୍କ ଉପରେ ନିର୍ଭର କରିଥାନ୍ତି। ଆଉ କ୍ୱାକ୍‌ମାନେ ମଧ ଏହାର ବେଶ୍ ଲାଭ ଉଠାଉଛନ୍ତି। ରୋଗୀଙ୍କ ପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ବ୍ୟବହାର ନିଷେଧ ହୋଇଥିବାବେଳେ କ୍ୱାକ୍‌ମାନେ ଏହାକୁ ବିକ୍ରି କରୁଛନ୍ତି। କେବଳ ସେତିକି ନୁହେଁ ଅନେକ ଔଷଧ ଯାହାକି ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କରିବା ଉପରେ କଟକଣା ଜାରି କରାଯାଇଛି କ୍ୱାକ୍‌ମାନେ ଏହାକୁ ବିକ୍ରି କରୁଛନ୍ତି। ଡାକ୍ତରଙ୍କ ଭଳି ରୋଗୀଙ୍କୁ ସାଲାଇନ୍ ଓ ଇଞ୍ଜେକ୍ସନ୍ ମଧ ଦେଉଛନ୍ତି ଫଳରେ ବିଭିନ୍ନ ସମୟରେ ରୋଗୀ ଗୁରୁତର ହେଉଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ଧରପଗଡ଼ ହେଉନଥିବାରୁ ଦିନକୁଦିନ ଝରିଗାଁ ବ୍ଲକ୍‌ର ଉପାନ୍ତ ଅଞ୍ଚଳରେ କ୍ୱାକ୍‌ଙ୍କ ପ୍ରଭାବ ବୃଦ୍ଧି ପାଇ ଚାଲିଛି। ସେଥିପାଇଁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଠକେଇ ମାମଲାରେ ଜଣେ ଗିରଫ

**ଜୟପୁର,୨୩।୫/ଏନ୍‌ଏନ୍‌ଏସ୍:** ଠକେଇ ମାମଲାରେ ଜୟପୁର ଟାଉନ୍ ପୁଲିସ୍ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀକାନ୍ତ ପଣ୍ଡା। ଏନେଇ ଜୟପୁର ଟାଉନ୍ ଥାନାରେ ସାମ୍ବାଦିକ ସମ୍ମିଳନୀ କରି ଏସ୍‌ଡିପିଓ ଅର୍ଚ୍ଚିତା ମିଭଲ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ୨୦୨୬ ମେ’ ୧୧ ତାରିଖ ଲକ୍ଷ୍ମୀକାନ୍ତ ଆର୍ଥିକ ସହାୟତା ଯୋଗାଇବା ନାମରେ ବ୍ୟାଙ୍କ ଖାତା ଖୋଲିବା, ରିହାତି ଦରରେ ଋଣ ଯୋଗାଇବା ଓ ଶୀଘ୍ର ଋଣ ବଣ୍ଟନ କରିବା ଆଦି ପ୍ରତିଶ୍ରୁତି ଦେଇ ଜୟପୁରର ନୂଆସାହିବାସୀଙ୍କଠାରୁ ନଗଦ ଟଙ୍କା ଓ ଅଳଙ୍କାର ନେଇଥିଲେ। କିନ୍ତୁ ପରେ ଲକ୍ଷ୍ମୀକାନ୍ତଙ୍କ ଫୋନ୍ ସୁଇଚ୍ ଅଫ୍ ଆସିବାରୁ ସେମାନେ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଅନେକ ଅଭିଯୋଗ ଦାଖଲ ହୋଇଥିବା ଜାଣିବାକୁ ପାଇଥିଲେ। ବିଶ୍ୱସ୍ତ ଗୁଇନ୍ଦା ସୂଚନା ଏବଂ ସାଇବର ସେଲ୍‌ର ତଥ୍ୟ ଆଧାରରେ ଟିମ୍ ଅଭିଯୁକ୍ତଙ୍କ ଜଣକ ରାଉରକେଲାରେ ଥିବା ଜାଣିବାକୁ ପାଇଥିଲା। ସୂଚନା ଆଧାରରେ ଏକ ଟିମ୍ ଅଭିଯୁକ୍ତକୁ ଗିରଫ ପାଇଁ ରାଉରକେଲା ଯାଇ ଗିରଫ କରିଥିଲା।

# ଟିଟିଲାଗଡ଼ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ, ୩ ଗିରଫ



**ଟିଟିଲାଗଡ଼,୨୩।୫/ଏନ୍‌ଏନ୍‌ଏସ୍:** ଟିଟିଲାଗଡ଼ ରେଲୱେ ଷ୍ଟେସନ୍‌ରେ ଜିଆର୍‌ପି ଚଢ଼ଉ କରି ଗଞ୍ଜେଇ ଚାଲାଣ ର୍‍ୟାକେଟ୍‌ର ପର୍ଦ୍ଦାଫାସ୍ କରିଛି। ଟ୍ରେନ୍ ଯୋଗେ କଳାହାଣ୍ଡି ନର୍ଲାରୁ ରାଇପୁରକୁ ବେଆଇନ୍ ଭାବେ ଗଞ୍ଜେଇ ଚାଲାଣ କରାଯାଉଥିବାବେଳେ ପୁଲିସ୍ ୮ କେଜି ଗଞ୍ଜେଇ ଜବତ କରିବା ସହ ୩ ଅନ୍ତଃରାଜ୍ୟ ମାଫିଆଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶୈଳେନ୍ଦ୍ରୀ ବିଭାର (୫୦), ଝିଲି ଗୌଡ଼ (୩୫) ଓ ଗଣ୍ଡାରାମ ବିଶି (୫୬)। ସୂଚନାରୁ ପ୍ରକାଶ ଶନିବାର ସକାଳ ପ୍ରାୟ ୮ଟାରେ ଜୁନାଗଡ଼-ରାୟପୁର ପାସେଞ୍ଜର୍ ଟ୍ରେନ୍‌ରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଟିଟିଲାଗଡ଼ ଜିଆର୍‌ପିକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଖବରପାଇ ଓଆଇସି ସନ୍ତୋଷିନୀ ମହନ୍ତଙ୍କ ନେତୃତ୍ୱରେ ଏକ ସ୍ପେଶାଲ୍ ଟିମ୍ ଷ୍ଟେସନ୍‌ରେ ସତର୍କ ହୋଇ ରହିଥିଲା। ଟ୍ରେନ୍ ଷ୍ଟେସନ୍‌ରେ ପହଞ୍ଚିବା ପରେ ଉକ୍ତ ଟ୍ରେନ୍‌ରୁ ଓହ୍ଲାଇ ସନ୍ଦେହଜନକ ଭାବେ ବୁଲୁଥିବା ୩ ଜଣଙ୍କୁ ପୁଲିସ୍ ଅଟକାଇଥିଲା। ପୁଲିସ୍ ସେମାନଙ୍କ ପାଖରେ ଥିବା ବ୍ୟାଗ୍ ଗୁଡ଼ିକୁ ଯାଞ୍ଚ କରିବା ପରେ ସେଥିରୁ ଛୋଟ ଛୋଟ ପ୍ୟାକେଟ୍‌ରେ ପ୍ୟାକ୍ ହୋଇ ରହିଥିବା ପ୍ରାୟ ୮ କିଲୋ ବେଆଇନ୍ ଗଞ୍ଜେଇ ଉଦ୍ଧାର କରିଥିଲା। ପ୍ରାଥମିକ ପଚରାଉଚୁରାରୁ ଏହି ଗଞ୍ଜେଇ କଳାହାଣ୍ଡିର ନର୍ଲାରୁ ଅଣାଯାଇ ଛତିଶଗଡ଼ର ରାୟପୁରକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଉକ୍ତ ଚଢ଼ଉରେ ଏଏସ୍‌ଆଇ ବୃନ୍ଦା କେଶରୀ ପ୍ରଧାନ, କନେଷ୍ଟବଳ କାର୍ତ୍ତିକ ଜେନା ଓ ଓଏପିଏର୍ ଘେନୁ ହନ୍ତାଳ ସାମିଲ୍ ଥିଲେ।

## ନିଖିଲ ହାଡ଼ପା ଗୁଳିକାଣ୍ଡ ମାମଲା

# ୯ ଅଭିଯୁକ୍ତ ଅନ୍ୟ ଜିଲ୍ଲା ଜେଲ୍‌କୁ ସ୍ଥାନାନ୍ତର



**ରାୟଗଡ଼ା,୨୩।୫/ଏନ୍‌ଏନ୍‌ଏସ୍:** ରାୟଗଡ଼ା ସହରର ବହୁଚର୍ଚ୍ଚିତ ନିଖିଲ ହାଡ଼ପା ଗୁଳିକାଣ୍ଡ ଘଟଣାକୁ ୧୫ ଦିନ ବିତିଲାଣି। ପୁଲିସ୍ ଏହି ହତ୍ୟା ମାମଲାରେ ୨୧ ଜଣଙ୍କୁ ଚିହ୍ନଟ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୨ଟି ପର୍ଯ୍ୟାୟରେ ୧୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେଥିମଧ୍ୟରୁ ୯ ଜଣଙ୍କୁ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ବାହାର ଜେଲ୍‌କୁ ସ୍ଥାନାନ୍ତରିତ କରାଯାଇଥିବା ରାୟଗଡ଼ା ସବ୍‌ଜେଲ୍ ଅଧୀକ୍ଷକ କିଶୋର କୁମାର ସିଂ କହିଛନ୍ତି।

ପ୍ରକାଶଥାଉକି ଗତ ୯ ତାରିଖରେ ନିଖିଲଙ୍କୁ ଅପହରଣ ଓ ଗୁଳିମାରି ହତ୍ୟା ଘଟଣାରେ ପୁଲିସ୍ ୧୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସମସ୍ତ ଅଭିଯୁକ୍ତଙ୍କୁ ରାୟଗଡ଼ା ଜେଲ୍‌ରେ ରଖାଯାଇଥିଲା। ହେଲେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ କିଛି ସନ୍ଦିଗ୍ଧ ରାୟଗଡ଼ା ଉପକାରାଗାର ସମ୍ମୁଖରେ ନିଖିଲ ହତ୍ୟାକାଣ୍ଡ ଘଟଣାରେ ପଚରାଉଚୁରା କରିବା ସହ ଜେଲ୍ କର୍ମଚାରୀଙ୍କୁ ଗାଳିଗୁଲଜ କରି ଅଭିଯୁକ୍ତଙ୍କୁ ଜେଲ୍ ଭାଙ୍ଗି ନେଇଯିବାର ଧମକ ଦେଇଥିଲେ। ସେମାନଙ୍କ ଧମକ ପରେ ଜେଲ୍ କର୍ତ୍ତୃପକ୍ଷ ଅଭିଯୁକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୯ ଜଣଙ୍କୁ ସ୍ଥାନାନ୍ତର ପାଇଁ ରାୟଗଡ଼ା ଏସ୍‌ଡିଜେଏମ୍‌ଙ୍କ ନିକଟରେ ଆବେଦନ କରିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଏସ୍‌ଡିଜେଏମ୍ ଜଜ୍ ଏଥିପାଇଁ ଅନୁମତି ଦେଇଥିଲେ। ପରେ ଜେଲ୍ ଡିଆଇଜି ଶୁଭକାନ୍ତ ମିଶ୍ରଙ୍କ ଅନୁମତି ପୂର୍ବକ ୩ ଜଣଙ୍କୁ ବ୍ରହ୍ମପୁର, ୩ ଜଣଙ୍କୁ କୋରାପୁଟ ଓ ୩ ଜଣଙ୍କୁ ଫୁଲବାଣିସ୍ଥିତ ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ବାକି ୩ ହେମନ୍ତ ମେଲେକା, ଅମିତ ମେଲେକା ଓ ଭିକି ବେହେରା ବର୍ତ୍ତମାନ ରାୟଗଡ଼ା ସବ୍‌ଜେଲ୍‌ରେ ରହିଥିବା ରାୟଗଡ଼ା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜେଲ୍ ଅଧୀକ୍ଷକ କିଶୋର କୁମାର ସିଂ ରାୟଗଡ଼ା ପୁଲିସ୍‌କୁ ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜେଲ୍ ସୁପରିଟେଣ୍ଡେଣ୍ଟ ଶ୍ରୀ ସିଂ ପ୍ରକାଶ କରିଛନ୍ତି।

## ୬ ପ୍ଲାଟୁନ୍ ପୁଲିସ୍ ଫୋର୍ସର ଫ୍ଲାଗ୍‌ମାର୍ଚ୍ଚ



**ରାୟଗଡ଼ା:** ନିଖିଲ ହାଡ଼ପା ହତ୍ୟା ଘଟଣା ପରେ ରାୟଗଡ଼ା ସହରରେ ଉତ୍ତେଜନା ବୃଦ୍ଧି ପାଇଛି। ସେଠାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ରାତିରେ ରାୟଗଡ଼ା ଟାଉନ୍ ଥାନା ସମ୍ମୁଖରେ ପିଟଲା ସାହି ଓ ରେଲି ସାହି ମଧ୍ୟରେ ଖଣ୍ଡାଯୁଦ୍ଧ ହୋଇ ଉଭୟ ପକ୍ଷର ୩ ଜଣ ଗୁରୁତର ହୋଇଥିଲେ। ଉତ୍ତେଜନା ଥିବାରୁ ଶନିବାର ସକାଳେ ଅତିରିକ୍ତ ଏସ୍‌ପି ରାମେନ୍ଦ୍ର ପ୍ରସାଦ ୬ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହ ଡିଏସ୍‌ପି ମୋହନ କୁମାର ପୂଜାରୀଙ୍କ ନେତୃତ୍ୱରେ ଏସ୍‌ଡିପିଓ ଗୌରହରି ସାହୁ, ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା, ଗୁଣପୁର ଆଇଆଇସି କେକେବିକେ କହଁର ଓ ପୁଲିସ୍ ଯବାନ୍ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ପ୍ରଥମେ ରେଲି ସାହିରେ ପଶି ହାଡ଼ପା ଶିବା ଓ ଅନ୍ୟ କିଛି ଯୁବକଙ୍କୁ ଖୋଜିବା ସହିତ ପିଟଲା ସାହିରେ ମଧ ଫ୍ଲାଗ୍‌ମାର୍ଚ୍ଚ କରିଥିବା ଜଣାପଡ଼ିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ୍ ମୁତୟନ କରାଯାଇଛି।

## ବଲାଙ୍ଗୀର ପବ୍ଲିକ୍ ସ୍କୁଲ୍ ମେଟ୍ରିକ୍ ଓ ଯୁକ୍ତ୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# ‘ଶିକ୍ଷା ହିଁ ଅଞ୍ଚଳର ସର୍ବାଙ୍ଗୀନ ବିକାଶ କରିଥାଏ’



**ବଲାଙ୍ଗୀର,୨୩।୫/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ପବ୍ଲିକ୍ ସ୍କୁଲ୍‌ର ମେଟ୍ରିକ୍ ଏବଂ ଯୁକ୍ତଦୁଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଆମ ଛାତ୍ରଛାତ୍ରୀମାନେ କେବେ ହେଲେ ଶିକ୍ଷା ପ୍ରତି ବିମୁଖ ହେବା କଥା ନୁହେଁ ବୋଲି କହିଥିଲେ। କାରଣ କେବଳ ଶିକ୍ଷା ହିଁ ଆମର ସର୍ବାଙ୍ଗୀନ ବିକାଶ କରିଥାଏ ଏବଂ ଅଞ୍ଚଳକୁ ସାମଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ଚରମ ସୀମାକୁ ପହଞ୍ଚାଇଥାଏ ବୋଲି ଶ୍ରୀ ମିଶ୍ର କହିଥିଲେ। ଏହାସହ ବଲାଙ୍ଗୀର ପବ୍ଲିକ୍ ସ୍କୁଲ୍‌ର ସର୍ବାଙ୍ଗୀନ ବିକାଶକୁ ନେଇ ପରିଚାଳନା କମିଟିକୁ ଅଭିନନ୍ଦନ ଜଣାଇବା ସହ ନାରୀ ଶିକ୍ଷା ଦିଗରେ ନାମଲେଖା ପାଇଁ ସ୍କୁଲ୍ ପକ୍ଷରୁ ୩୩ ପ୍ରତିଶତ ସିଟ୍ ସଂରକ୍ଷଣ ରଖିବା ପାଇଁ ଶ୍ରୀ ମିଶ୍ର ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀ ମୁକ୍ତାରାଣୀ ସାହୁ, ସରନ୍ୟା ରେଡ୍ଡୀ, ନିଶିତା ନାୟକ, ପ୍ରମୁଖ ନାଗ, ଆରକୁ ରଣା, ପ୍ରିୟଂଶ ପଣ୍ଡା, ସଲୋନି ନାୟକ, ଆଦ୍ୟାଶା ସାହୁ, ଦେବଦର୍ଶିନୀ ସାହାଣୀ, ଶ୍ରିତମ ପଟେଲ ଓ ଅରୋଶ୍ରୀ ମିଶ୍ରଙ୍କୁ ମୁଖ୍ୟଅତିଥି ଶ୍ରୀ ମିଶ୍ର ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଯୁକ୍ତଦୁଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ର କୌଶିକ କୁମାର ସାହୁ, ସାହିଲ୍ କୁମାର ଦାଶ, ପୌଲମି ଯୋଶୀ, ବିଶ୍ୱଜିତ ସାହୁ, ଆଦର୍ଶ ଦାଶ, ବିନୟ ମେହେର, ଅନନ୍ୟା ପଣ୍ଡା, ସିଦ୍ଧାର୍ଥ ଲେଙ୍କା, ଜ୍ୟୋତି ପ୍ରକାଶ ଭୋଇ, ସ୍ୱାଗତ ପ୍ରଧାନ, ଶ୍ଲୋକ ସୌରଭ ସାହୁ, ଗୌରୀ ବେହେରା ଓ ମୁକ୍ତିସୁଧା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭା ପୂର୍ବରୁ ବଲାଙ୍ଗୀର ପବ୍ଲିକ୍ ସ୍କୁଲ୍‌ର ୧୨ଟି ଶ୍ରେଣୀ କୋଠରୀ ଥିବା ଏକ ତିନି ତଳ କୋଠାର ଉଦ୍‌ଘାଟନ ମୁଖ୍ୟଅତିଥି ଶ୍ରୀ ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା । ମୁଖ୍ୟଅତିଥି ଶ୍ରୀ ମିଶ୍ରଙ୍କ ବ୍ୟତୀତ ସ୍କୁଲ୍ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳ କୃଷ୍ଣ ସିଂଦେଓ, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସ୍କୁଲ୍ ଅଧକ୍ଷ ସତିଶ ପ୍ରଧାନ ଓ ହରେକୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜେକେ ପେପର୍ ମିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ରାୟଗଡ଼ା,୨୩।୫/ଏନ୍‌ଏନ୍‌ଏସ୍:** ଜେକେ ପେପର୍ ମିଲ୍‌ର ସିଏସ୍‌ଆର୍ ବିଭାଗ ପକ୍ଷରୁ ବିଜୟନଗରମ୍‌ର ଏକ ହସ୍ପିଟାଲ୍ ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ନିକଟସ୍ଥ ଗ୍ରାମ ଗୁଡ଼ିକର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମକୁ ଜେକେ ପେପର୍ ମିଲ ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କେ ଭି ଆର୍ ରାଓ ଓ ଲୋକସମ୍ପର୍କ ଅଧିକାରୀ ସ୍ମୃତି ରେଖା କର ଉପସ୍ଥିତ ଥିଲେ। ଏହି ଶିବିରରେ ବିଜୟନଗରମ୍‌ର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନେ ସେବା ପ୍ରଦାନ କରିଥିଲେ। ଚିକିତ୍ସକ ଦଳରେ ଅସ୍ଥିରୋଗ, ଶିଶୁରୋଗ, ସାଧାରଣ ଚିକିତ୍ସକ, ହୃଦ୍‌ରୋଗ ଓ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରମାନେ ୧୧ଟି ଗ୍ରାମର ୩୩୫ ଜଣ ରୋଗୀଙ୍କୁ ପରୀକ୍ଷା କରି ନିଜ ନିଜ ବିଭାଗରେ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଏଥିରେ ରକ୍ତଚାପ, ମଧୁମେହ, ଇସିଜି ଓ ବିଏମ୍‌ଆଇ ପରୀକ୍ଷା ମଧ କରାଯାଇଥିଲା। ନିକଟସ୍ଥ ଗ୍ରାମ ଗୁଡ଼ିକରୁ ବହୁ ସଂଖ୍ୟକ ରୋଗୀ ଏହି ଶିବିରରେ ଯୋଗଦେଇ ନିଶୁଳ୍କ ଚିକିତ୍ସା ସୁବିଧା ଓ ପରାମର୍ଶର ଲାଭ ଉଠାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ନିଶୁଳ୍କ ଔଷଧ ମଧ ବଣ୍ଟା ଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ସ୍ଥାନୀୟ ଲୋକେ ଖୁବ୍ ପ୍ରଶଂସା କରିଥିଲେ।

# ବଜ୍ରାଘାତରେ ଜଣେ ମୃତ



**ଲାଞ୍ଜିଗଡ଼,୨୩।୫/ଏନ୍‌ଏନ୍‌ଏସ୍:** ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗେରଗୁଡ଼ା ଗ୍ରାମରେ ବଜ୍ରାଘାତରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଜଙ୍ଗେରଗୁଡ଼ା ଗ୍ରାମର ସୁବାସ ମାଝୀଙ୍କ ପୁଅ ପ୍ରଶାନ୍ତ ମାଝୀ (୧୬)। ଶୁକ୍ରବାର ୩ଟା ୩୦ରେ ପ୍ରଶାନ୍ତ ଗାଁ ପିଲାଙ୍କ ସହିତ ନିକଟସ୍ଥ ଆମ୍ବ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ। ସେହି ସମୟରେ ଘଡ଼ଘଡ଼ି ସହିତ ବିଜୁଳି ମାରିଥିଲା ଏବଂ ସେହି ବିଜୁଳି ଆଘାତରେ ପ୍ରଶାନ୍ତ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲା। ସେଠାରେ ସାଙ୍ଗରେ ଥିବା ପିଲାମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ପ୍ରଶାନ୍ତକୁ ଘରକୁ ଆଣିଥିଲେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ଆସିବା ପରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଚିକିତ୍ସା ପରେ ପ୍ରଶାନ୍ତକୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଶ୍ୱନାଥପୁର ଥାନାଧିକାରୀ ତୁଳସିରାମ ଶବର ଡାକ୍ତରଖାନାରେ ପୁଲିସ୍ ବଳ ସହିତ ପହଞ୍ଚି ତଦନ୍ତ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲେ। ଏନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ଶୁକ୍ରବାର ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇପାରି ନାହିଁ। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବିଶ୍ୱନାଥପୁର ଥାନାଧିକାରୀ ଶ୍ରୀ ଶବର ପ୍ରକାଶ କରିଛନ୍ତି।

# ସହକାରୀ ଗବେଷକଙ୍କ ଋତୁକାଳୀନ ଛାତ୍ରାବାସ ପରିଦର୍ଶନ



**କୋକସରା,୨୩।୫/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କଟକର ସହକାରୀ ଗବେଷକ ମିଳନ୍ କୁମାର ଭୋଇ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ଉପାନ୍ତ ଅଞ୍ଚଳସ୍ଥିତ ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସାନପୋଡ଼ାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କୁଲେରଗୁଡ଼ା ଋତୁକାଳୀନ ଛାତ୍ରାବାସ ପରିଦର୍ଶନ କରି ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ନିରୀକ୍ଷଣ କରିଥିଲେ। ଏହି ସମୟରେ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝୀ ଓ ଆମପାଣି ସିଆର୍‌ସିସି କେଦାରନାଥ ନାଏକ ଉପସ୍ଥିତ ଥିଲେ। ଋତୁକାଳୀନ ଛାତ୍ରାବାସର ସାମଗ୍ରିକ ବ୍ୟବସ୍ଥାକୁ ନିରୀକ୍ଷଣ କରି ଗବେଷକ ଶ୍ରୀ ଭୋଇ ପ୍ରଶଂସା କରିଥିଲେ। ଶିକ୍ଷାର ଗୁଣବତ୍ତା ନିରୀକ୍ଷଣ ସହ ବିଦ୍ୟାଳୟର ସ୍ୱଚ୍ଛତା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା ଏବଂ ରୋଷେଇ ଗୃହ, ଶୌଚାଳୟ, ପିଲାଙ୍କ ରହିବା, ଗାଧୋଇବା, ଖାଇବା, ପାନୀୟଜଳ ଓ ଆନୁଷଙ୍ଗିକ ଭିତ୍ତିଭୂମି ଦେଖି ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ପ୍ରଶଂସା କରିଥିଲେ। ଉଭୟ ଛାତ୍ରାବାସରେ ଦାଦନ ଶ୍ରମିକଙ୍କ ପୁଅଝିଅ ରହିବା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଥିବାରୁ ଖୁସିବ୍ୟକ୍ତ କରିଥିଲେ।

# ବ୍ଲକ୍‌ସ୍ତରୀୟ ଗଣ୍ଡ ସମାଜର ସାଂଗଠନିକ ସଭା



**କୋକସରା,୨୩।୫/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ମୂଷାପାଲି ପଞ୍ଚାୟତ ଖପ୍ରାମାଲ ଗ୍ରାମସ୍ଥିତ ଆମ୍ବତୋଟା ମହାଭାରତ ପଡ଼ିଆରେ କୋକସରା ବ୍ଲକ୍‌ସ୍ତରୀୟ ଗଣ୍ଡ ସମାଜର ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଦେଶୀ ଧରୁଆଙ୍କ ସଭାପତିତ୍ୱରେ ଏହି ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଗଣ୍ଡ ସମାଜର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଧରୁଆ, ନୃପରାଜ୍ ନାଏକ, ଉଦ୍ଧବ ଧରୁଆ, ଗୋସିଙ୍ଗ ଧରୁଆ, ବୈଦ ମାଝୀ, ବାମଦେବ ଧରୁଆ, ମେହୁରଲାଲ ମାଝୀ, ତ୍ରିନାଥ ପୋଟା, ଅକ୍ରୂର ମାଝୀ, ଦୁଲ୍ଲବ ଧରୁଆ, ଧନନ୍ତରୀ ଧରୁଆ, କ୍ଷିତିରାମ ମାଝୀ, ଡୋଲେ ମାଝୀ, ରୋହିତ ମାଝୀ, ହୀରାନ ମାଝୀ, କର୍ଣ୍ଣ ଧରୁଆ ପ୍ରମୁଖ ଉପସ୍ଥିତ ରହି ଗଣ୍ଡ ସମାଜର ଶିକ୍ଷା, ସଂସ୍କୃତି, ପରମ୍ପରା,ରାଜନୀତି ଓ ସମାଜର ଅର୍ଥନୀତି ଅଭିବୃଦ୍ଧି ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ପୁଣି ସମାଜକୁ କିଭଳି ସୁସଂଗଠିତ କରି ସାଧାରଣ ଲୋକଙ୍କ ମୌଳିକ ଅଧିକାର ପାଇବା ପାଇଁ ଆଲୋଚନା କରିଥିଲେ। ନେତ୍ରାନନ୍ଦ ଧରୁଆ ଧନ୍ୟବାଦ ଦେଇଥିଲେ।

# ଆବୁଧାବିରେ ଓଡ଼ିଆ ସମାଜ ପକ୍ଷରୁ ଉତ୍କଳ ଦିବସ

## ଭାରତୀୟ ରାଜଦୂତ ଡ. ଦୀପକ ମିତ୍ତଲ୍ ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଷ୍‌ଙ୍କ ଯୋଗଦାନ




**ଟିଟିଲାଗଡ଼,୨୩।୫/ଏନ୍‌ଏନ୍‌ଏସ୍:** ବିଦେଶ ମାଟିରେ ଓଡ଼ିଆ ଅସ୍ମିତା, ଭାଷା ଓ ସଂସ୍କୃତିର ମହାମିଳନ ଦେଖିବାକୁ ମିଳିଛି। ଓଡ଼ିଆ ସମାଜ ଆବୁଧାବି (ଓସା) ପକ୍ଷରୁ ଚଳିତ ବର୍ଷର ଉତ୍କଳ ଦିବସ ‘ଉତ୍କର୍ଷ-୨୦୨୬’ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଓଡ଼ିଆ ସମାଜ ଆବୁଧାବିର ଅଧ୍ୟକ୍ଷ ସୌଗତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ବିଭିନ୍ନ ପ୍ରାନ୍ତରୁ ୫୦୦ରୁ ଅଧିକ ପ୍ରବାସୀ ଓଡ଼ିଆ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ୟୁଏଇରେ ଭାରତର ରାଜଦୂତ ଡ଼ଃ ଦୀପକ ମିତ୍ତଲ୍ ଯୋଗଦେଇ ବିଦେଶ ମାଟିରେ ଓଡ଼ିଆ ପରମ୍ପରାକୁ ଜୀବନ୍ତ ରଖିବା ପାଇଁ ଓଡ଼ିଆ ସମାଜର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋଷ୍ ଯୋଗଦେଇ ଉତ୍କଳ ଦିବସର ଐତିହ୍ୟ ଏବଂ ଓଡ଼ିଶାର ଗୌରବମୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଦେବାଶିଷ ପଟ୍ଟନାୟକ ଆୟୋଜନକୁ ପ୍ରଶଂସା କରିଥିଲେ। ସମାଜର ଉପଦେଷ୍ଟା ପ୍ରଦୀପ କୁମାର ରଥ ଉତ୍କଳର ସ୍ୱର୍ଣ୍ଣିମ ଇତିହାସ ଉପରେ ବକ୍ତବ୍ୟ ରଖି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ସମାଜର ବାର୍ଷିକ ସ୍ମରଣିକା ‘ପ୍ରବାସୀ ଉତ୍କର୍ଷ’ର ଅଷ୍ଟମ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାଜର ଆଭ୍ୟନ୍ତରୀଣ କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ଦୀପ୍ତିରେଖା ପାଢ଼ୀଙ୍କ ସଙ୍ଗୀତ ପରିବେଷଣ ଶ୍ରୋତାଙ୍କୁ ଭାବବିହ୍ୱଳ କରିଥିଲା। ଓଡ଼ିଶାର ସୁପରିଚିତ ଉପସ୍ଥାପକ ସଞ୍ଜୀବ କୁମାର ମଞ୍ଚ ପରିଚାଳନା କରିଥିବାବେଳେ ସମ୍ବଲପୁରର ପ୍ରସିଦ୍ଧ ହାସ୍ୟ ଅଭିନେତା ଯୋଗେଶ ଜୋଜୋ ନିଜ ହାସ୍ୟରସାତ୍ମକ ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ଆମୋଦିତ କରିଥିଲେ। ଫ୍ୟାଶନ୍ ଡିଜାଇନର୍ ଦୀପିକା ଗୌଡ଼ଙ୍କ ସହଯୋଗ ଏବଂ ସ୍ୱାତୀ ଦାସ ଓ ଶୁଭ୍ରା ସାମଲ୍‌ଙ୍କ ନେତୃତ୍ୱରେ ଏକ ଆକର୍ଷଣୀୟ ଫ୍ୟାଶନ୍ ଶୋ’ ଅନୁଷ୍ଠିତ ହୋଇଥିଲା। ପ୍ରବାସୀ ଓଡ଼ିଆମାନେ ପାରମ୍ପରିକ ଓଡ଼ିଆ ଖାଦ୍ୟର ବେଶ୍ ଆନନ୍ଦ ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ଼ଃ ହିମାଂଶୁ ଦାସ ଓ କାର୍ତ୍ତିକ ସିଂହଙ୍କ ମାର୍ଗଦର୍ଶନରେ ସମାଜର କର୍ମକର୍ତ୍ତା ସିଦ୍ଧାର୍ଥ ଦାସ, ସୁକର୍ଣ୍ଣ ବେହେରା, ଜିତେନ୍ଦ୍ର ମିଶ୍ର, ସୁଶାନ୍ତ ମହାପାତ୍ର, ଚିନ୍ମୟ ନାୟକ, ସମ୍ବିତ କୁମାର ମହାନ୍ତି ଓ ଟି କେଶବ ରାଓ ସହଯୋଗ କରିଥିଲେ। ଏଥିସହ ସୁମନ୍ତ କୁମାର ପଣ୍ଡା, ଶୁଭ୍ରା ସାମଲ, ସିପ୍ରା ଦାସ, ଅସ୍ମିତା ପଟେଲ୍, ସୁବୋଧ କୁମାର ସାହୁ, ପ୍ରଦୀପ କୁମାର ସାହୁ, ବିଶ୍ୱରଞ୍ଜନ ଜେନା ଓ ଦିଲ୍ଲୀପ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏପରି ଅନେକ ସାଂସ୍କୃତିକ ସମାବେଶ ଆୟୋଜନ କରାଯିବ ବୋଲି ଅଧ୍ୟକ୍ଷ ସୌଗତ ନାୟକ ପ୍ରକାଶ କରିଛନ୍ତି।

## ଅରିନ୍ଦମଙ୍କ ମନ୍ତବ୍ୟକୁ ନେଇ ଥାନାରେ ଏତଲା

**କିଶୋରନଗର,୨୩।୫/ଏନ୍ଏନ୍ଏସ୍:** ସାମାଜିକ ଗଣମାଧ୍ୟମରେ ସାମ୍ବାଦିକମାନଙ୍କୁ ଅପମାନ ସୂଚକ ମନ୍ତବ୍ୟ ଦେଇ ଚର୍ଚ୍ଚା ଓ ବିବାଦ ଘେରକୁ ଆସିଛନ୍ତି ବିଜେପି ନେତା ଅରିନ୍ଦମ ରୟ। ତାଙ୍କର ଏହି ଭଳି ମନ୍ତବ୍ୟକୁ ନେଇ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ କିଶନନଗର ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁବାର କିଶନନଗର ଥାନାରେ ଅରିନ୍ଦମଙ୍କ ନାମରେ ଏକ ଏତଲା ଦେଇଥିବା ଜଣାପଡ଼ିଛି। ବରିଷ୍ଠ ସାମ୍ବାଦିକ ଅଶୋକ ଦାସ, ଚିତ୍ତରଞ୍ଜନ ବେହେରା, ରତିକାନ୍ତ ପଟ୍ଟନାୟକ, ଭୈରବ ଚନ୍ଦ୍ର ସେଠୀ, ପ୍ରଦୀପ ପରିଜା, ଦୀପକ ଷଡଙ୍ଗୀ, ସରୋଜ ମଲ୍ଲିକ, ଜଗନ୍ନାଥ ଆଚାର୍ଯ୍ୟ, ଜଗଦୀଶ ରାଉତ, ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଏତଲା ଦେବା ସମୟରେ ଉପସ୍ଥିତ ଥିଲେ।

ନିତିଦିନ NITIDIN

## ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଶ୍ରେଷ୍ଠ ସଫଳତା

**ଖୋର୍ଦ୍ଧା,୨୩।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସର ସଫଳତା ପାଇଁ ଜିଲ୍ଲାକୁ 'ଶ୍ରେଷ୍ଠ ଜିଲ୍ଲା କ୍ୟାମ୍ପୋରୀ ସମ୍ମାନ-୨୦୨୫' ରାଜ୍ୟପାଳ ଡ଼ ହରିବାବୁ କାମ୍ଭମପତି ଏବଂ ରାଜ୍ୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ଏବଂ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି ଏହି ସମ୍ମାନକୁ ଗ୍ରହଣ କରିଛନ୍ତି। ସମସ୍ତଙ୍କର ନିସ୍ୱାର୍ଥପର ସେବା ଓ ସକ୍ରିୟ ସହଯୋଗ ପାଇଁ ଏହି ସଫଳତା ମିଳିଥିବାର ଶିକ୍ଷାଧିକାରୀ ଶ୍ରୀମତୀ ରାୟ କହିଛନ୍ତି। ଏଥିପାଇଁ ରାଜ୍ୟ ସଂଗଠନର କର୍ମକର୍ତ୍ତା, ଜିଲ୍ଲାର କର୍ମକର୍ତ୍ତା, ଉପଦେଷ୍ଟା, ସମସ୍ତ ବିଦ୍ୟାଳୟର ସ୍କାଉଟ୍ସ ମାଷ୍ଟର, ଗାଇଡ୍ସ କ୍ୟାପଟେନ୍, କମିଟିର ସଦସ୍ୟ, ସଦସ୍ୟା, ବିଜେବି ହାଇସ୍କୁଲ, ଖୋର୍ଦ୍ଧା ବାଳିକା ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖୋର୍ଦ୍ଧାର ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀ, ସମସ୍ତ ସହଯୋଗ କରିଥିବା ବ୍ୟକ୍ତି ବିଶେଷ, ଗଣମାଧ୍ୟମର ପ୍ରତିନିଧି, ଜିଲ୍ଲା ଶିକ୍ଷା ଓ ସମଗ୍ରଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ଗୋଷ୍ଠୀ ଶିକ୍ଷାଧିକାରୀ ଗଣ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଜ୍ଞାପରମିତା ଜେନା, ରଶ୍ମିବାଳା ପରିଡା ଓ ବିଜୟ ବେହେରା ସମସ୍ତଙ୍କୁ ଶ୍ରୀମତୀ ରାୟ ଏହାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଖୋର୍ଦ୍ଧା ଜିଲ୍ଲା ଏ କ୍ଷେତ୍ରରେ କିଭଳି ଆଗକୁ ଆଗକୁ ଯିବ ଏବଂ ରାଜ୍ୟରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଜିଲ୍ଲା ତାଲିମ୍‌ଦାତା ମାନସ କୁମାର ସେଠୀ କାର୍ଯ୍ୟକାରୀ କମିଟି ସଦସ୍ୟ ସୁବାଷ ଚନ୍ଦ୍ର ରାୟ, ନୃସିଂହ ପ୍ରସାଦ ସିଂହ, ଗାଇଡ୍ସ କ୍ୟାପ୍‌ଟେନ୍ ବେବି ରୂପାଲି ରାଉତରାୟଙ୍କ ନେତୃତ୍ୱରେ ଜିଲ୍ଲାରୁ ରାଜ୍ୟ ପୁରସ୍କାର ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୩୨ଗଣ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟପାଳଙ୍କ ନିକଟରୁ ପୁରସ୍କାରର ପରୀକ୍ଷା ପ୍ରମାଣପତ୍ର ପାଇଥିବା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ସୂଚନା ଦେଇଛନ୍ତି।

## ସମାଜସେବୀଙ୍କ ବିୟୋଗରେ ଶୋକ



**ଚିଲିକା,୨୩।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମର ସମାଜସେବୀ ମଙ୍ଗରାଜ ବାରିକ(ମଙ୍ଗୁଲି)ଙ୍କ ନିଜ ବାସଭବନଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମ ପତ୍ନୀ, ପାଞ୍ଚପୁତ୍ର, ପୁତ୍ରବଧୂ, କନ୍ୟା, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ସ୍ନେହିଁ, ଅମାୟିକ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଚିଲିକା ବ୍ଲକର ପୂର୍ବତନ ଚେୟାରମ୍ୟାନ୍ ଲଳିତ ମୋହନ ପଟ୍ଟନାୟକ, ବଉଳାବନ୍ଧ ନୀଳକଣ୍ଠ ହାଇସ୍କୁଲର ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତି ଓ ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ବିଶ୍ୱପୁସ୍ତକ ଦିବସରେ ଜିଲ୍ଲାପାଳଙ୍କୁ ପୁସ୍ତକ ପ୍ରଦାନ

**ଖୋର୍ଦ୍ଧା,୨୩।୫/ଏନ୍ଏନ୍ଏସ୍:** ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଦଶରଥପୁର, ଯାଜପୁରର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ଉପ-ସଭାପତି ତଥା ଏହାର ମୁଖପତ୍ର 'ବର୍ତ୍ତିକା'ର ସୌଜନ୍ୟ ସମ୍ପାଦକ ଦେବେନ୍ଦ୍ର ନାରାୟଣ ବାରିକ ବିଶ୍ୱ ପୁସ୍ତକ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତକରି 'ବର୍ତ୍ତିକା'ର ବିଷୁବ ତଥା ସ୍ୱନକ୍ଷତ୍ର ବିଶେଷାଙ୍କ ଓ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଖଗେଶ୍ୱର ବାରିକଙ୍କ ପୁସ୍ତକ 'ସୋନାଲୀର ହସ' ପ୍ରଦାନ କରିଥିଲେ। ଜିଲ୍ଲାପାଳ ପୁସ୍ତକ ଦୁଇଟି ଗ୍ରହଣକରି ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

**ସାଲେପୁର,୨୩।୫/ଏନ୍ଏନ୍ଏସ୍:** ସାଲେପୁର ହାଇସ୍କୁଲ ଅଡିଟୋରୀୟମରେ ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା। ପ୍ରଥମଥର ଅନୁଷ୍ଠିତ ହେବାକୁ ଯାଉଥିବା ନୃତ୍ୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଉଥିବା ଆୟୋଜକଙ୍କ ଠାରୁ ପ୍ରକାଶ। ଏହି ପ୍ରତିଯୋଗିତା କ୍ଲାସିକାଲ୍, ସେମି କ୍ଲାସିକାଲ ଓ ମଡର୍ଣ୍ଣ ତିନୋଟି ବିଭାଗରେ ନୃତ୍ୟ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବିଚାରକ ଭାବେ ରାଜ୍ୟର ସୁନାମଧନ୍ୟ ନୃତ୍ୟ ଗୁରୁ ଜଗଦୀଶ ଦାସ, ଶ୍ରୀନିବାସ ଘଟୋରୀ ଓ ବିଜୟ ସାମଲ ପ୍ରମୁଖ ଯୋଗଦେବେ। ଏହାର ଆୟୋଜକ ସମର ଡ୍ୟାନ୍ସିଂ ଷ୍ଟାର୍ ଗ୍ରୁପ, ସାଲେପୁର ପ୍ରଥମ ଥର ଏହି ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରି ଅଞ୍ଚଳର କଳା, ସଂସ୍କୃତିକୁ ପ୍ରସାର ପ୍ରଚାର କରିବାକୁ ପ୍ରୟାସ କରିଥିବା ଜଣାଯାଇଛି।

## ରେଡ୍‌କ୍ରସ୍ ଛାତ୍ରଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

**ସାଲେପୁର,୨୩।୫/ଏନ୍ଏନ୍ଏସ୍:** ରିଖି ରେ ସ୍ଥାନୀୟ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି ର ବି ଫାର୍ମା ତୃତୀୟ ବର୍ଷ ର ଛାତ୍ର ତଥା ଯୁବ ରେଡକ୍ରସ ୟୁନିଟ୍ ର ସ୍ୱେଚ୍ଛାସେବୀ ଛାତ୍ର ଅମ୍ବିକା ପ୍ରସାଦ ସାହୁ ଙ୍କୁ ରକ୍ତଦାନ, ରେଡକ୍ରସ ର ବିଭିନ୍ନ ସଫଳତା କାର୍ଯ୍ୟକ୍ରମ ତଥା ନିସ୍ୱାର୍ଥପର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଭାରତ ରତ୍ନ ରାଜୀବ ଗାନ୍ଧୀ ଙ୍କ ୩୫ ତମ ପୁଣ୍ୟ ତିଥି ପାଳନ ଅବସରରେ ଓଡିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ତରଫରୁ ଅମ୍ବିକା ଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅମ୍ବିକା ଙ୍କର ଏହି ଗୌରବମୟ ସଫଳତା ପାଇଁ ସାଲେପୁର ଫାର୍ମାସୀ କଲେଜ ର ସଭାପତି, ସମ୍ପାଦକ, ସଭ୍ୟ ମଣ୍ଡଳୀ, ଅଧ୍ୟକ୍ଷ ତଥା ଅଧ୍ୟାପକ ଅଧ୍ୟାପିକା ଓ ରେଡକ୍ରସ ଛାତ୍ରଛାତ୍ରୀ ଙ୍କ ତରଫରୁ ଭୂୟସୀ ପ୍ରଶଂସା କରିଥିବା ସହିତ ଏହି ମହତ୍ କାର୍ଯ୍ୟ ର ଧାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।

# ଲୋ-ଭୋଲଟେଜ୍ ଓ ବିଦ୍ୟୁତ୍‌କାଟ୍‌ରେ ସନ୍ତୁଳୁଛନ୍ତି ଲୋକେ

### ୩୩କେଭି କାର୍ଯ୍ୟକାରୀ ନ କଲେ ଆନ୍ଦୋଳନ



### ମାଛିପଡ଼ାରେ ଅଟକିଛି ନୂତନ ଲାଇନ୍ କାର୍ଯ୍ୟ

**ଓଡ଼ଗାଁ,୨୩।୫/ଏନ୍ଏନ୍ଏସ୍:** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ଓଡ଼ିଶା ଛଟପଟ ହେଉଥିବା ବେଳେ ଓଡ଼ଗାଁ ଏଥିରୁ ବାଦ୍ ପଡ଼ିନି। ଡହଡହ ଖରାର ପ୍ରକୋପ ଏତେ ଭୟଙ୍କର ହେଉଛି ସକାଳ ୭ଟା ବାଜିଲେ ରାସ୍ତାଘାଟ ଖାଁ ଖାଁରେ ପରିଣତ ହେଇଯାଉଛି। ଏହାସହିତ ବିଜୁଳି ଯନ୍ତ୍ରଣାରେ ପେଶି ହେଉଛନ୍ତି ଓଡ଼ଗାଁବାସୀ। ଲାଇନ୍ କଟିଲେ ଆସିବାର ନାଁ ଧରୁନଥିବାବେଳେ ଆଉ କେତେବେଳେ ଲାଇନ୍ ଥିଲେ ମଧ୍ୟ ଘରର ପଙ୍ଖା ଚାଲୁନି କି ବଲ୍‌ବ ଜଳୁନି। ଓଡ଼ଗାଁରେ ଏଭଳି ପରିସ୍ଥିତି ଗତ ୨ମାସ ଧରି ଦେଖିବାକୁ ମିଳିଛି। ବିଦ୍ୟୁତ୍ କର୍ମଚାରୀଙ୍କୁ ଉପଭୋକ୍ତାମାନେ ଯେତେ ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାରୁ ଜନଅସନ୍ତୋଷ ଦେଖିବାକୁ ମିଳିଛି। ନୂତନ ୩୩କେଭି ବିଦ୍ୟୁତ ଲାଇନ୍ କାର୍ଯ୍ୟକାରୀ ନକଲେ ଆନ୍ଦୋଳନ ହେବ ବୋଲି ଲୋକେ ନିଷ୍ପତ୍ତି ନେବା ସହିତ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ ଓଡ଼ଗାଁ ଓ ଶରଣକୁଳରେ ତ୍ରାହି ତ୍ରାହି ଡାକୁଛନ୍ତି ଜନସାଧାରଣ। ପାରଦ ଉପରମୁହାଁ ହୋଇଥିବାରୁ ଖରାର ପ୍ରକୋପ ବଢ଼ି ଏବେ ୪୩ ଡିଗ୍ରୀ ଉପରେ ରହିଛି। ଲୋକମାନେ ଖରାରୁ ମୁକ୍ତି ପାଇବାକୁ ସବୁ କାମ ସାରି ଘରକୁ ଆସୁଥିଲେ ମଧ୍ୟ ବିଦ୍ୟୁତ୍‌କାଟ୍ ବାଧକ ସାଜିଛି। ସେତିକି ନୁହଁ ଲାଇନର ଲୁଚକାଳି ଖେଳ ଓ ଲୋ-ଭୋଲଟେଜ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଦିନରେ ୮ରୁ ୧୦ ଥର ବିଦ୍ୟୁତ୍ କାଟ୍ ହେଉଥିବା ବେଳେ ରାତିରେ ୪ରୁ ୫ଥର କଟୁଛି। ବାକି ଯେତିକି ସମୟ ରହୁଛି ସେତିକିରେ ନା ଏସି ଚାଲୁଛି ନା କୁଲର ବୁଲୁଛି। ଲୋକମାନେ ରାତିରେ ଡହଳ ବିକଳ ହୋଇ ବାହାରେ ବୁଲୁଛନ୍ତି। ଏହା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ବିଦ୍ୟୁତ୍ କର୍ମଚାରୀମାନେ ସବୁଜାଣି ନିଘୋଡ଼ ନିଦ୍ରାରେ ଥିବା ଜଣାପଡ଼ିଛି। କିଛି ଉପଭୋକ୍ତାଙ୍କ କହିବାକଥା ଏବେ ଆଉ ଇଲେକ୍ଟ୍ରି ବିଲ୍ ଦିଆଯିବ ନାହିଁ। ଟିପିସିଏଲଓ ଆସିବା ଦିନଠାରୁ ଲୋକମାନେ ପ୍ରତିଦିନ ବିଜୁଳି ଯନ୍ତ୍ରଣାରେ ଉବୁଟୁବୁ ହେଉଛନ୍ତି ତାହାନୁହଁ ସରକାରୀ ଅଫିସ ଓ ବେସରକାରୀ ଅନୁଷ୍ଠାନ ଏଥିରୁ ବାଦ୍‌ପଡ଼ିନି। ଓଡ଼ଗାଁକୁ ନୂତନ ୩୩କେଭି ବିଦ୍ୟୁତ ଯୋଗାଇବା ପାଇଁ ଗତବର୍ଷ ଦ୍ରୁତ ଗତିରେ କାମଆରମ୍ଭ ହୋଇଥିଲେ ମଧ୍ୟ ତାହା ମାଛିପଡ଼ା ଠାରେ ଅଟକି ରହିଛି। ବଜାର ଦେଇ ୩୩କେଭି ବିଦ୍ୟୁତ୍ ନ ଯିବାକୁ ଲୋକମାନେ ଅଡ଼ି ବସିଥିବା ବେଳେ ବିଦ୍ୟୁତ୍ ବିଭାଗ ଅଣ୍ଡର୍ ଗ୍ରାଉଣ୍ଡ୍ କରି ନେଇପାରନ୍ତା ବୋଲି କହିଛନ୍ତି ଲୋକେ। କିନ୍ତୁ ବିଦ୍ୟୁତ୍ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ତାହା ୧ବର୍ଷ ଧରି ପଡ଼ିରହିଛି। ଚଳିତ ମାସଠାରୁ ଉପଭୋକ୍ତାମାନେ ଇଲେକ୍ଟ୍ରି ବିଲ୍ ନ ଦେବାକୁ ସ୍ଥିର କରିଥିବାବେଳେ ଅଫିସ୍ ଘେରାଉ ସହ ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

## ଅସ୍ତିତ୍ୱ ହରାଇବାକୁ ବସିଲାଣି ରତ୍ନଚିରା ନଦୀ



**ସାକ୍ଷୀଗୋପାଳ,୨୦।୫/ଏନ୍ଏନ୍ଏସ୍:** ଅସ୍ତିତ୍ୱ ହରାଇବାକୁ ବସିଲାଣି ଐତିହାସିକ ରତ୍ନଚିରା ନଦୀ। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି ହେଲେ ରତ୍ନଚିରାର ପୁନରୁଦ୍ଧାର ହେଉନି। କିମ୍ବଦନ୍ତୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର, ମା' ସୀତା ଦେବୀଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ ତାଙ୍କର ଆଙ୍ଗୁଳିରେ ଥିବା ମୁକ୍ତା ମୁଦି ସାହାଯ୍ୟରେ ପାଣି ପାଇଁ ଖୋଳିଥିଲେ। ତେଣୁ ସେଠାରେ ହିଁ ରତ୍ନଚିରା ନଦୀର ଉତ୍ପତ୍ତି ସ୍ଥଳ ହେଲା ବୋଲି ଜନଶ୍ରୁତି ରହିଛି। ପିପିଲି ବ୍ଲକ ହରିପୁର ଠାରୁ ଭାର୍ଗବୀ ନଦୀରୁ ବାହାରି ଥିବା ରତ୍ନଚିରା ସତ୍ୟବାଦୀ ପୁରୀ ସଦର ଦେଇ ବ୍ରହ୍ମଗିରି ଘଟକୁଳି ବ୍ରିଜ ଠାରେ ପୁଣି ଭାର୍ଗବୀରେ ମିଶିଛି।

ମହାନଦୀର ଜଳ ଭାର୍ଗବୀ ଦେଇ ଆସିବା ପରେ ରତ୍ନଚିରା ଦେଇ ଜିଲ୍ଲାର ୪ ବ୍ଲକରେ ପ୍ରବାହିତ ହୋଇଥାଏ। କିନ୍ତୁ ସତ୍ୟବାଦୀ ଅଞ୍ଚଳର ଜୀବନଧାରା ଭାବେ ପରିଚିତ ରତ୍ନଚିରା ଏବେ ସରକାରଙ୍କ ଦୂରଦୃଷ୍ଟି ଅଭାବ ପରିଚାଳନାଗତ ତ୍ରୁଟି ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଛି। ପ୍ରାୟ ୧୫ ବର୍ଷ ତଳେ ଏଥିରେ ଯେଉଁ ଅକାତକାତ ପାଣି ଆସୁଥିଲା ଏବେ ସେ ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। କେବଳ ଜୁଲାଇ ମାସ ଠାରୁ ମାସେ ଦୁଇ ମାସ ଛାଡିଦେଲେ ବର୍ଷ ତମାମ ଶୁଖିଲା ପଡୁଛି। ଦିନଥିଲା ଉତ୍କଳର ଗୌରବ ଶାଳୀ ନୌବାଣିଜ୍ୟର ସନ୍ତକ ବହନ କରୁଥିଲା ଏହି ନଦୀ। ହେଲେ ଆଜି ଏହାର କୌଣସି ଅସ୍ତିତ୍ୱ ନାହିଁ। କେଉଁଠି ନଦୀ ଶଯ୍ୟା ଶୁଖିଲା ପଡ଼ିଛି ତ କେଉଁଠି ବିଲାତି ଦଳରେ ପରିପୂର୍ଣ୍ଣ। କେଉଁଠି ନଦୀକୁ ପୋତି ପକାଇ ଛନ୍ତି ଜବରଦଖଲ କାରି। ପ୍ରକୃତରେ ଏହା ନଦୀ କି ପଡିଆ ବର୍ତ୍ତମାନ ଏହା କହିବା ଅସମ୍ଭବ ପ୍ରାୟ। ସୂଚନା ଯୋଗ୍ୟକି, ୨୦୨୧ ଜୁଲାଇ ମାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ ଐତିହାସିକ ଓ ପୌରାଣିକ ନଦୀର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଓ ଡକ୍ୟୁମେଣ୍ଟସନ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ଙ୍କୁ ଚିଠି ଲେଖିବା ସହ ଖୁବଶୀଘ୍ର ଏହି ଐତିହ୍ୟର ପୁନରୁଦ୍ଧାର ହେବ ବୋଲି ସୂଚନା ଦେଇଥିଲେ। ସେହିପରି ତତ୍କାଳୀନ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଧ୍ୟ ଉକ୍ତ ନଦୀର ପୁନରୁଦ୍ଧାର ଦାୟିତ୍ୱ ସରକାର ନେବେ ବୋଲି କହିଥିଲେ। ୪ ବର୍ଷ ଅତିକ୍ରାନ୍ତ ହୋଇଗଲାଣି ପ୍ରତିଶ୍ରୁତି ଫାଇଲର ନାଲିଫିତା ତଳେ ରହିଯାଇଛି। ଏ ସମ୍ପର୍କରେ ଚାଷୀ ପ୍ରଫୁଲ୍ଲ ବିଶ୍ୱାଳଙ୍କ କହିବା ମୁତାବକ ୧୨ବର୍ଷ ତଳେ ରତ୍ନଚିରାରେ ବର୍ଷ ତମାମ ପାଣି ରହୁଥିଲା। ଯଦି କେନାଲ ପାଣି ଆସୁନଥିଲା ଲୋକେ ରତ୍ନଚିରାରୁ ପମ୍ପ ଲଗାଇ ପାଣି ମଡାଇ ଚାଷବାସ କରୁଥିଲେ। ଏବେ କିନ୍ତୁ ରତ୍ନଚିରା ପାଣି ସ୍ୱପ୍ନ ପାଲଟିଛି। ସେହିପରି ଚାଷୀ ଗୋଲକ ପ୍ରଧାନ କୁହନ୍ତି ଉଭୟ ରବି ଓ ଖରିଫ ଧାନ ଚାଷ ସହ ବିରି, ମୁଗ ଆଦି ଚାଷବାସ ହେଉଥିଲା। ଚାଷପାଇଁ ପାଣିର ଅଭାବ ନଥିଲା। ବର୍ଷା ଦିନେ ପାଣି ଆସୁଛି ସତ କିନ୍ତୁ ମାସେ ଦୁଇ ମାସ ମଧ୍ୟରେ ଶୁଖିଯାଉଛି ବୋଲି କହିଥିଲେ। ଉକ୍ତ ନଦୀକୁ ଏବେ ଅନେକ ଲୋକ ଜବରଦଖଲ କରିଥିବା ବେଳେ ବହୁ ବର୍ଷ ହେବ ଏହି ପୌରାଣିକ ନଦୀ କଳିକତି ଦଳରେ ପୋତି ହୋଇଗଲାଣି ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍ ବୋଲି ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ସତ୍ୟବାଦୀ ବିଧାୟକ ଏହି ଐତିହାସିକ ନଦୀର ପୁନରୁଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଛନ୍ତି। ନଚେତ୍ ଏହା ଏକ ଜନଆନ୍ଦୋଳନର ରୂପ ନେବ।

**AFFIDAVIT**

I, Puspalata Lenka, W/o- Bhuban Mohan Patra resident of At- Khandagiri, PO- Gopinathpur, PS- Nemalo, Dist- Cuttack, Pin- 754203 have changed my name from Puspalata Patra to Puspalata Lenka. Henceforth, I shall be known as Puspalata Lenka for all future purposes by an affidavit before Notary of Salipur, Cuttack.

**AFFIDAVIT**

By virtue of an affidavit sworn before Notary Public, Balliguda dated **20.05.2026**, I **Matili Malik**, aged about 41 years, Wife of Rame Mallick, Village- Jidingpanga, P.O- Sautikia, P.S- Balliguda, Dist- Kandhamal, PIN- 762110, Odisha have changed the name of my minor son from "**Manage Mallick**" to "**Manab Mallick**", and henceforth he shall be known as "**Manab Mallick**" for all purpose.

**AFFIDAVIT**

By virtue of an Affidavit made before The Executive Magistrate, Bhadrak, I Jyotshnarani Barik, Aged 45yrs, W/o- Seshadev Barik, At- Haripur, P.O.- Korkora, P.S.- Bhadrak Rural, Dist- Bhadrak do solemnly affirm vide this Affidavit that the name of my minor son is Himanshu Barik. But after this affidavit I have changed my minor son's name from Himanshu Barik to Himanshu Kumar Barik. In this affidavit I swear that Himanshu Barik and Himanshu Kumar Barik is one and same person, He and his next generation will be used his name as **Himanshu Kumar Barik** in all purpose. **Sd/- Jyotshnarani Barik**

## କଟକ-ଚାନ୍ଦବାଲି ରାସ୍ତାରେ ସିରିଜ୍ ଦୁର୍ଘଟଣା: ୭ ଗୁରୁତର

**ସାଲେପୁର,୨୩।୫/ଏନ୍ଏନ୍ଏସ୍:** କଟକ- ଚାନ୍ଦବାଲି ରାସ୍ତାରେ ସିରିଜ ଦୁର୍ଘଟଣା ଘଟି ୭ଜଣ ଗୁରୁତର ହୋଇଛନ୍ତି। କଟକ-ଚାନ୍ଦବାଲି ରାସ୍ତାର ଜଗତପୁର ଥାନା ଅନ୍ତର୍ଗତ ପିରବଜାର, ନୃସିଂହ ବଜାର ଓ ପାଗା ବଜାରରେ ଜଣେ ମହିନ୍ଦ୍ରା ଏସ.ୟୁ.ଭି ଗାଡି ଚାଳକ ବେପରୁଆ ଭାବେ ଗାଡି ଚଲାଇ ସିରିଜ ଦୁର୍ଘଟଣା ଘଟାଇଛି। ଏହି ଦୁର୍ଘଟଣାରେ ୭ଜଣ ଗୁରୁତର ହୋଇଛନ୍ତି। ପ୍ରକାଶଥାଉ କି ଦ୍ରୁତଗତିରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ମହିନ୍ଦ୍ରା ଏସ.ୟୁ.ଭି ଗାଡିଟି ପ୍ରଥମେ ଦୁଇଟି ବାଇକକୁ ଧକ୍କା ଦେଇଥିଲା ପରେ ପୁଣି ଗୋଟିଏ ପରେ ଗୋଟିଏ ଅଟୋକୁ ଧକ୍କା ଦେବା ଫଳରେ ୭ଜଣ ଗୁରୁତର ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଓ ପାଗା ଫାଣ୍ଡି ପୋଲିସ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ପାଗା ଛକରେ ଦୁର୍ଘଟଣାଗ୍ରସ୍ତ ମହେଗାଡିକୁ ପାଗା ଫାଣ୍ଡି ପୁଲିସ ଜବତକରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

34001/243/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM[R&B]DIVISION NO.I BERHAMPUR.
Phone/Fax:(0680) 2233683,e-mail :sernb1.ganjam@yahoo.com

"e" Procurement Notice

Bid Identification No.SE R&B Divn. No.I Bam. 08/ 2026-27 Lr. No.5479 dtd. 20.05.2026.

| | | |
|---|---|---|
| Name of work | : | E.I. Works. |
| No of works | : | 13 (Thirteen) No's |
| Estimated Cost | : | Approximately Rs. 1.12 to 44.06 Lakh |
| Period of completion. | : | Three to Twenty four Calendar Months. |
| Date and time of Availability of bid document in the portal. | : | From 10.00 hours of 28.05.2026 to 16.00 hours of 04.06.2026. |
| Last date / time for receipt of bids in the portal | : | Upto 16.00 hours of 04.06.2026. |
| Name & address of the Officer Inviting Bid | : | Superintending Engineer, Ganjam(R&B)Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Sd/-Superintending Engineer
Ganjam (R&B) Division.I Berhampur

OIPR-34001/34109/1/26-27/0008

13001/604/2627

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
OFFICE OF THE MUNICIPAL COUNCIL, TITILAGARH
(Dept. of Housing & Urban Development, Govt. of Odisha)
At/Po.Ps.Titilagarh, Dist.Balangir-767033, e-mail:titilagarhmunicipality@gmail.com

No.1541 Date : 22.05.2026

e-quotation call notice
BID Identification No. TIG-MPL-29-2026

Bid Documents consisting of work, Cost of Tender Paper, EMD, time of completion, and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. Name of the work | : | Fitting and Fixing of floating line Jet fountain at Maharaj Sagar. |
| 2. No. of works. | : | 1 nos. of Projects |
| 3. Tender Cost | : | As per DTCN |
| 4. Period of Completion | : | 90days |
| 5. Date &Time of availability of Bid Documents in the Portal | : | From 25.05.2026, 12:00 noon to 16.06.2026, 5:00 PM. |
| 6. Last date & time for deposit Of Fees& Documents (in sealed envelope) at Office tender box. | : | upto 18.06.2026 at 12:00 noon. |
| 7. Bids received online & Offline will be opened on | : | on 18.06.2026 at 01:00 pm |
| 8. Name and address of the officer inviting Bid | : | Executive Officer, Titilagarh Municipality. |

Further details can be seen from the procurement portal i.e.https://tendersodisha.gov.in

OIPR-13001/13095/1/26-27/0003

Executive Officer, Titilagarh Municipality

## ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ

**ନୟାହାଟ,୨୩।୫/ଏନ୍ଏନ୍ଏସ୍:** ନୟାହାଟ-ଶିକ୍ଷରଘାଟ ରାସ୍ତା ନିର୍ମାଣ ଦାବିରେ ଶନିବାର ଦିନ ନିମାପଡ଼ା-ଅସ୍ତରଙ୍ଗ ମୁଖ୍ୟରାସ୍ତା ନୟାହାଟର ଧୂମାଳ ଗଳି ଠାରେ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଧୂମାଳ ପଞ୍ଚାୟତବାସୀଙ୍କ ପକ୍ଷରୁ ସାମାଜିକ କର୍ମୀ ଅଭିମନ୍ୟୁ ସିଂହଙ୍କ ନେତୃତ୍ୱରେ ରାସ୍ତାରୋକ କରାଯାଇଥିଲା। ଏହି ରାସ୍ତାରୋକରେ ସମିତିସଭ୍ୟାଙ୍କ ପ୍ରତିନିଧି ସହଦେବ ମାଣିକ, ନାୟବ ସରପଞ୍ଚ ଅଶୋକ ସାହୁ, ସାମାଜିକ କର୍ମୀ ମହମ୍ମଦ ସମ୍ ଶୁଲ ଆରଫିନ୍, ସଭାପତି ଦିଲ୍ଲୀପ ରାୟ, ସାମାଜିକ କର୍ମୀ ଏସକେ ଶିକନ, ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ସନ୍ତୋଷ ବେହେରା ପ୍ରମୁଖ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ରାସ୍ତା ଅବରୋଧ କରି ବସିଥିବା ବେଳେ ଖବର ପାଇ ଗୋପ ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓ ଫୋର୍ସ ସହିତ ଘଟଣାସ୍ଥଳେ ପହଞ୍ଚିଥିଲେ। ଏକ ଘଣ୍ଟା ଧରି କଟକ-ଭୁବନେଶ୍ୱର ଓ କାକଟପୁରକୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳକୁ ନ ଆସି ଗୋପ ଥାନା ଆଇଆଇସି ଶ୍ରୀ ମହାପାତ୍ରଙ୍କୁ ଫୋନ୍ ଯୋଗେ ରାସ୍ତା କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଲାପରେ ରାସ୍ତାରୋକ ହଟିଥିଲା। ସୋମବାର ଏକ ପ୍ରତିନିଧି ଦଳ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କୋଣାର୍କଠାରେ ଆଲୋଚନା ପରେ ରାସ୍ତା କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ଷା ଦିନ ପୂର୍ବରୁ ରାସ୍ତା କାର୍ଯ୍ୟ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର୍ କରାଯିବ ବୋଲି ପଞ୍ଚାୟତବାସୀ ସୂଚନା ଦେଇଛନ୍ତି।



# ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ମୃତ୍ୟୁ

## କେନ୍ଦ୍ରର ୨ କର୍ମଚାରୀ କୋର୍ଟଚାଲାଣ

**ଜଗତସିଂହପୁର,୨୩।୫/ଏନ୍ଏନ୍ଏସ୍:** ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ମୃତ୍ୟୁ। ଇଞ୍ଜେକସନ୍ ଦେଇ ମାରିଦେଲେ ବୋଲି ଅଭିଯୋଗ ଆସିଛି। ଶନିବାର ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସୁକନ୍ୟା ନର୍ସିଂ ହୋମ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ଅନିରୁଦ୍ଧଙ୍କ ମୃତ୍ୟୁ ହୋଇଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ, ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଅନ୍ତେବାସୀ ତିର୍ତ୍ତୋଲ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବାଡେଇ ବାଡେଇ ମାରି ଦେଇଥିବା ଅନ୍ତେବାସୀଙ୍କ ପୁଅ ଅବିନାଶ ଲେଙ୍କା ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୁଲିସ ନିଶା ନିବାରଣ କେନ୍ଦ୍ରରେ ପହଞ୍ଚି ତଦନ୍ତ କରିବା ପରେ କେନ୍ଦ୍ରର ୨ଜଣଙ୍କୁ ଉଠାଇ ନେଇ କୋର୍ଟଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଜାର ସ୍ଥିତ ନିଶାମୁକ୍ତି କେନ୍ଦ୍ରରେ ସୂଚନାରୁ ଜଣାଯାଇଛି , ଗତ ୧୯ ତାରିଖ ଦିନ ରାତି ୯.୩୦ ସମୟରେ ସ୍ୱଧାର କେନ୍ଦ୍ରର କିଛି କର୍ମଚାରୀ ଅନିରୁଦ୍ଧଙ୍କ ଘରକୁ ଯାଇ ଉଠାଇ ଆଣିଥିଲେ। ସେଠାରେ ସେଠାରେ ଅନିରୁଦ୍ଧ ରହିବା ମଧ୍ୟରେ ୨୨ ତାରିଖ ରାତିରେ ସ୍ୱଧାର ନିଶା ମୁକ୍ତି କେନ୍ଦ୍ର ପକ୍ଷରୁ ଅନିରୁଦ୍ଧଙ୍କ ଦେହ ଖରାପ ଅଛି ଓ ମେଡିକାଲ୍‌ରେ ଚିକିତ୍ସା କରାଯାଉଥିବା ଅନିରୁଦ୍ଧାଙ୍କ ଘରକୁ ଫୋନ ହୋଇଥିଲା। ଖବରପାଇ ପରିବାର ଲୋକେ ଜଗତସିଂହପୁର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ଅନିରୁଦ୍ଧଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ପରିବାରଙ୍କ କହିବା ମୁତାବକ ଅନିରୁଦ୍ଧଙ୍କ ଦେହରେ କିଛି ସ୍ଥାନରେ ମାଡ଼ ଚିହ୍ନ ଥିବା ପରିବାର ଲୋକେ ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଥିଲେ। ସ୍ୱଧାର ନିଶା ମୁକ୍ତି ଗୃହରେ ମାଡ଼ ମାରି ଅନିରୁଦ୍ଧଙ୍କୁ ମାରି ଦେଇଥିବା ଜଗତସିଂହପୁର ଥାନାରେ ପୁଅ ଅବିନାଶ ଏତଲା କରିଥିଲେ। ଏତଲା କ୍ରମେ ପୁଲିସ ଥାନା ମାମଲା ନଂ ୪୩୩/୨୬ ରୁଜୁ କରି ତଦନ୍ତ କରିଥିଲେ। ନିଶା ମୁକ୍ତି କେନ୍ଦ୍ରର ସିସିଟିଭି ଯାଞ୍ଚ କରିବା ପରେ ନିଶାମୁକ୍ତି କେନ୍ଦ୍ରର ମାଲିକ ସବୁଜ ଓ ବାଲିକୁଦା ଥାନା ଆମ୍ବଶାଳ ଅଞ୍ଚଳର ବିବାଭ ରଞ୍ଜନ ମହାନ୍ତି ଓରଫ ବାଦଲଙ୍କୁ ଗିରଫ କରି ଥାନାରେ ଅଟକ ରଖାଯାଇ ପଚରା ଉଚରା କରିଥିଲେ। ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

## ତୃତୀୟ ପୃଷ୍ଠାରୁ

### ୫୧ ହଜାର ନିଯୁକ୍ତିପତ୍ର ...

ସହରରେ ପୂର୍ବ ଅପେକ୍ଷା ଅଧିକ ମହିଳା ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି।

ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ମୋଦୀ କହିଥିଲେ ଯେ ସରକାରୀ ଚାକିରି ଲୋକଙ୍କ ଜୀବନକୁ ସହଜ କରିବାର ଏକ ମାଧ୍ୟମ। ଆପଣ ଯେଉଁ ବିଭାଗରେ କାମ କରିବେ, ଆପଣଙ୍କର ଆଚରଣ, ସମ୍ବେଦନଶୀଳତା ଏବଂ ଆଭିମୁଖ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ଆପଣଙ୍କ କାମ, ଆପଣଙ୍କ ଆଚରଣ, ଆପଣଙ୍କ କଥା ଏବଂ ଆପଣଙ୍କ ଆଚରଣ ମାଧ୍ୟମରେ ବିଶ୍ୱାସକୁ ସୁଦୃଢ଼ କରିବା ଆପଣଙ୍କର ଦାୟିତ୍ୱ। ପ୍ରତ୍ୟେକ ଯୁବବର୍ଗ ନିଜ କାମକୁ ଦାୟିତ୍ୱପୂର୍ଣ୍ଣ ଭାବରେ କରିବା ଉଚିତ। ଆପଣ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ସରକାରଙ୍କ ବାହୁ, ସରକାରଙ୍କ ଶକ୍ତି। ଆଜି ଭାରତର ଲୋକଙ୍କ ଆକାଂକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମୁଁ ଏହାକୁ ବିକାଶର ଏକ ସକାରାତ୍ମକ ସଙ୍କେତ ମଧ୍ୟ ମନେ କରେ। ମୁଁ ଆପଣଙ୍କୁ କର୍ମଯୋଗୀ ପ୍ଲାଟଫର୍ମର ସୁଯୋଗ ନେବାକୁ ଅନୁରୋଧ କରୁଛି। ଭାରତର ଯୁବପିଢ଼ି ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରୁଛନ୍ତି। ଏହି ସମାନ ଶକ୍ତି ସାର୍ବଜନୀନ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେବା ଉଚିତ। ଲୋକଙ୍କ ସେବା କରିବା ହେଉଛି ଈଶ୍ୱରଙ୍କ ସେବା। ମୁଁ ବିଶ୍ୱାସ କରେ ଯେ ନିଯୁକ୍ତି ପତ୍ର ପାଉଥିବା ଯୁବ ସହକର୍ମୀମାନେ ଏଥିରେ ଯୋଗଦାନ ଦେବେ। ଆମର ମନ୍ତ୍ର ହେଉଛି 'ନାଗରିକ ଦେବୋ ଭବଃ'। ନାଗରିକଙ୍କ କଲ୍ୟାଣ ଆମର କର୍ତ୍ତବ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଓଡ଼ିଶାରୁ ୧୮୬ ...

ଉତ୍ସାହିତ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ; ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର, ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ, ଓଡ଼ିଶା ଏସଏଲବିସିର ମହାପ୍ରବନ୍ଧକ ଓ କନଭେନର ପ୍ରଣବ କୁମାର ବିଶ୍ୱାସ, ଭୁବନେଶ୍ୱରରେ ଆଞ୍ଚଳିକ ଭବିଷ୍ୟ ନିଧି କମିଶନର-୨ ଆବେଶ ମିଶ୍ର ଏବଂ ଭୁବନେଶ୍ୱରର ଏଜିଏମ (ଆକାଉଣ୍ଟସ୍) ବିକାଶ ରଞ୍ଜନ ସାହୁ ସାମିଲ ଥିଲେ।

ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଯୁବବର୍ଗଙ୍କୁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଦେଶବ୍ୟାପୀ ଆୟୋଜିତ ୧୯ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇସାରିଛି, ଯାହା ଏକ ସଶକ୍ତ କାର୍ଯ୍ୟଶକ୍ତି ଗଠନ ପାଇଁ ସରକାରଙ୍କ ନିରନ୍ତର ଉତ୍ସର୍ଗୀକୃତ ଭାବନାକୁ ପ୍ରକାଶ କରୁଛି।

### ଆଇନଶୃଙ୍ଖଳା ପରିସ୍ଥିତିର ...

ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

### କୋଇଲା ଖଣିରେ ...

ମିଳିଥିବା ବେଳେ ଅନେକ ନିଖୋଜ ରହିଛନ୍ତି। ତେଣୁ ଆଗକୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେହିପରି କିଛି ଶ୍ରମିକ ଓ କର୍ମଚାରୀଙ୍କୁ ପ୍ରଶାସନ ଉଦ୍ଧାର କରିବାରେ ସକ୍ଷମ ହୋଇପାରିଛି।

### ପୁଣି ପେଟ୍ରୋଲ୍-ଡିଜେଲ୍ ...

ପ୍ରାୟ ୫ ଟଙ୍କା ମହଙ୍ଗା ହୋଇଛି। ଗୋଟିଏ ମାସରେ ୩ ଥର ତେଲ ଦର ବଢ଼ିଛି। ଯାହା ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଆଜି ରାଜଧାନୀ ଭୁବନେଶ୍ୱରର ପମ୍ପରେ ପେଟ୍ରୋଲ ଲିଟର ପିଛା ଦର ରହିଛି ୧୦୬ଟଙ୍କା ୩୩ ପଇସା। ଡିଜେଲ ଲିଟରକୁ ୯୭ଟଙ୍କା ୯୨ ପଇସା। ସ୍ପିଡ୍ ପେଟ୍ରୋଲ ୧୧୫ ଟଙ୍କା ୪୭ ପଇସାରେ ପହଞ୍ଚିଛି।ପଶ୍ଚିମ ଏସିଆ ସଂକଟ ଯୋଗୁ ଅଶୋଧିତ ତୈଳ ଦରରେ ବୃଦ୍ଧି ଦେଖାଦେଉଛି। ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ ବ୍ୟାରେଲ ପିଛା ୧୧୩ ଡଲାରରେ ପହଞ୍ଚିଲାଣି। ଯାହାର ପ୍ରଭାବ ତେଲ ଦର ଉପରେ ପଡୁଛି। ହେଲେ ଖାଉଟିଙ୍କ ଭିତରେ କିନ୍ତୁ ଅସନ୍ତୋଷ। ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି ସହ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବଢ଼ିବାର ଆଶଙ୍କା କରାଯାଉଛି।ସେପଟେ ତୈଳ କମ୍ପାନୀଙ୍କ କହିବା କଥା, ବର୍ତ୍ତମାନ ସେମାନଙ୍କୁ ପେଟ୍ରୋଲ ଲିଟର ପିଛା ୩୦ ଟଙ୍କା ଆଉ ଡିଜେଲରେ ପ୍ରାୟ ୮୦ ଟଙ୍କା ପ୍ରତି ଲିଟର କ୍ଷତି ସହିବାକୁ ପଡୁଛି। ଦିନକୁ କ୍ଷତି ହେଉଛି ପ୍ରାୟ ହଜାରେ କୋଟି। ଅନ୍ତର୍ଜାତୀୟ ବଜାରରେ ମହଙ୍ଗା ସ୍ଥିତି ଯୋଗୁଁ ଆଗକୁ ତେଲ ଦର ବୃଦ୍ଧି ଆହୁରି ହୋଇପାରେ ବୋଲି ଆକଳନ କରାଯାଉଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ହ୍ରାସ କରି ଖାଉଟିଙ୍କ ବୋଝ ହାଲକା କରିବାକୁ ବିରୋଧୀ ଦାବି କରିଛନ୍ତି।

### ୪୫.୨ ଡିଗ୍ରୀ ସହ ...

ଲେଖାଏଁ ତାପମାତ୍ରା ରେକର୍ଡ ହୋଇଛି। ସେହିଭଳି ସବୁଠୁ ଉତ୍ତପ୍ତ ୧୦ ସହର କେବଳ ପଶ୍ଚିମ ଓଡ଼ିଶାର। ତେବେ ଖାଲି ଦିନ ନୁହେଁ, ରାତିରେ ବି ଛଟପଟ କରୁଛି ଗରମଗୁଳୁଗୁଳି। କେନ୍ଦ୍ରୀୟ ଭାରତ ତଥା ଉତ୍ତର ପଶ୍ଚିମ ଦିଗରୁ କ୍ରମାଗତ ଭାବେ ଶୁଷ୍କ ଓ ଗରମ ପବନ ରାଜ୍ୟକୁ ପ୍ରବେଶ କରୁଛି। ଯାହା ତାପମାତ୍ରା ବୃଦ୍ଧି କରିବାରେ ସହାୟକ ହେଉଛି। ଏହା ପ୍ରଭାବରେ ପଶ୍ଚିମ ଓଡ଼ିଶାରେ ଉଚ୍ଚ ତାପମାତ୍ରା ରେକର୍ଡ ଭାଙ୍ଗୁଛି। ଅନ୍ୟପକ୍ଷରେ ଉଷ୍ମରାତି ନେଇ ଆସନ୍ତାକାଲି ୩ ଜିଲ୍ଲା ଯଥା ଝାରସୁଗୁଡ଼ା, ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ସେପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢୁଛି। ମୌସୁମୀ ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଏବଂ ପୂର୍ବ-ମଧ୍ୟ ବଙ୍ଗୋପସାଗରକୁ ବି ଅଗ୍ରସର ହେଉଛି। ଅନ୍ୟପଟେ ଆଣ୍ଡାମାନ ସାଗରର ଅଧିକାଂଶ ଅଞ୍ଚଳକୁ ମୌସୁମୀ ବାୟୁ ଆହୁରି ଅଗ୍ରସର ହୋଇଛି।

# କେନାଲ୍ ହେଉନି ସଫେଇ, ଜଳ ପ୍ରଦୂଷିତ

## ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକ



**ତାଳଚେର,୨୩।୫/ଏନ୍ଏନ୍ଏସ୍:** ତାଳଚେର ସହର ମଧ୍ୟଦେଇ ଯାଇଥିବା ଜଳସେଚନ ବିଭାଗର ଦକ୍ଷିଣପାର୍ଶ୍ୱ ରେଙ୍ଗାଳି ମୁଖ୍ୟ କେନାଲ ଏବେ ପ୍ରଚୁର ମାତ୍ରାରେ ପ୍ରଦୂଷିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ତାଳଚେର ଉପଖଣ୍ଡର ବିଭିନ୍ନ ଗ୍ରାମ ପାର୍ଶ୍ୱଦେଇ ଯାଇଥିବା ଜଳସେଚନ ବିଭାଗର ଏହି ମୁଖ୍ୟ କେନାଲଟି ଉପରେ ଗ୍ରାମ ଓ ସହରାଞ୍ଚଳ ନିକଟବର୍ତ୍ତି ଲୋକମାନେ ନିର୍ଭର କରି ଚଳିଆସୁଛନ୍ତି। ଏବଂ ସହଜରେ ଚାଷୀମାନେ କିପରି ଜଳନେଇ ଚାଷ କାର୍ଯ୍ୟରେ ଲଗାଇ ପାରିବେ ତେଣୁ କେନାଲ ଉପରେ ଆଶା, ଭରଷା ଓ ନିର୍ଭରଶୀଳ ହୋଇଥାନ୍ତି। ତେବେ କେନାଲରେ ଅପରିଷ୍କାର ଜଳ, ଅଳିଆ ଆବର୍ଜନା, ଅନାବନା ଗଛ, ଶିଉଳିରେ ପୋତା ପୁରି ପଚିଷଢ଼ି କେନାଲ ପାଣିକୁ ବହୁମାତ୍ରାରେ ପ୍ରଦ୍ୟୁଷିତ କରୁଛି, ଲୋକମାନେ ଏହି ଜଳକୁ ନେଇ ଘରର ବିଭିନ୍ନ କାର୍ଯ୍ୟରେ ଲଗାଉଛନ୍ତି। ଏହି ଜଳରେ ଗାଧୋଇଲେ ଲୋକମାନଙ୍କ ଦେହରେ ଚର୍ମରୋଗ ବ୍ୟାପୁଥିବା କେନାଲ ପାର୍ଶ୍ୱବର୍ତ୍ତୀ ବାସିନ୍ଦାମାନେ କହୁଛନ୍ତି। ଜଳକୁ ବ୍ୟବହାର କଲେ ଯାଦୁ, କାଛୁ, କୁଣ୍ଡିଆ, ପାଣିକଦା ଏବଂ ଅନ୍ୟାନ୍ୟ ଚର୍ମ ଜନିତ ରୋଗ ବ୍ୟାପୁଛି। ଅଞ୍ଚଳ ଜଣେ ବାସିନ୍ଦାଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଗତ କିଛି ଦିନ ତଳେ ମୋ ଦେହରେ ଏମିତି ଯାଦୁ ହେଲା ପରି ଲକ୍ଷଣ ଦେଖାଦେଲା ଏବଂ ମୁ ଡାକ୍ତରଙ୍କ ପରାମର୍ଶ ନେବାପରେ ସେ ମୋତେ କେନାଲ ପାଣିରେ ଗାଧେଇବାକୁ ବାରଣ କରିଥିଲେ। ପ୍ରକାଶ, କେନାଲ ପାର୍ଶ୍ୱରେ ଥିବା ଦୋକାନ ଓ ଘରଗୁଡ଼ିକର ନିଜର ପ୍ରତିଦିନର ଅଳିଆ ଆବର୍ଜନା, ପାଉଁଶ, ପ୍ଲାଷ୍ଟିକ୍ ବୋତଲ, ନିଶାଡ଼ିମାନେ ମଦ୍ୟପାନ କରି ପଲିଥିନ୍, ଗ୍ଲାସ, ମଦ ବୋତଲ ଇତ୍ୟାଦି କେନାଲ୍ ଭିତରେ ପକାଉଛନ୍ତି ଓ କୌଣସି କାରଣ ଜନିତ ପଶୁପକ୍ଷୀମାନେ ମୃତାହତ ହୋଇ କେନାଲରେ ପଡ଼ି ପଚିଷଢ଼ି ଦୁର୍ଗନ୍ଧ ହେବାସହ ପାଣିକୁ ପ୍ରଦ୍ୟୁଷିତ ହେଉଛି। ଏହାକୁ ବ୍ୟବହାର କଲେ ଚର୍ମରୋଗ ବ୍ୟାପୁଛି ବୋଲି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ତେବେ ବିଶେଷ କରି ଆଜକୁ ଦୁଇମାସ ହେବ ଲୋକଙ୍କର ସହାରା ହୋଇଥିବା ରେଙ୍ଗାଳି ଦକ୍ଷିଣପାର୍ଶ୍ୱ କେନାଲଟିରେ ପାଣି ଆସୁନଥିବାରୁ ଏହା ଉପରେ ନିର୍ଭର କରୁଥିବା ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଏପରିକି ଚାଷୀ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି। ଯେଉଁ ଗ୍ରାମ ଗୁଡ଼ିକରେ ନଦୀ, ଜଳାଶୟ, ପୋଖରୀ, ଯୋଡ଼ ବିଶେଷ ଭାବେ ନାହିଁ ଅଞ୍ଚଳବାସୀଙ୍କ ଜଳାଭାବକୁ ଦୂର କରିବା ନେଇ କେନାଲ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି, ତେବେ ଲୋକଙ୍କ ହିତ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏହାର ଦେଖାଶୁଣା ଓ ପରିଷ୍କାର ପରିଚ୍ଛନ୍ନ କରାଯାଉନଥିବା ଯୋଗୁଁ ସରକାରୀ ଯୋଜନା ଗୁଡ଼ିକ ନିର୍ମିତ ହେବା ପର ଠାରୁ ଖତ ଖାଇବା ଆରମ୍ଭ ହେଉଛି ବୋଲି ବିଭିନ୍ନ ମହଲରେ ଶୁଣିବାକୁ ମିଳେ। ଅଞ୍ଚଳରେ ଜଳଭାବ ଯୋଗୁଁ ଚାଷବାସ କାର୍ଯ୍ୟ ଚାଷୀଙ୍କ ଦ୍ୱାରା ହୋଇପାରୁ ନାହିଁ ଓ ଏହି କେନାଲରେ ତୁରନ୍ତ ଜଳ ଛଡ଼ା ଯାଉ ବୋଲି ସାଧାରଣରେ ଦାବି ହେଉଛି।

# ବାରଗୌଣିଆ ପଞ୍ଚାୟତ କଂଗ୍ରେସ କର୍ମୀ ବୈଠକ



**ଅନୁଗୋଳ,୨୩।୫/ଏନ୍ଏନ୍ଏସ୍:** ଆଜି ଅନୁଗୋଳ ବ୍ଲକ କଂଗ୍ରେସ ପକ୍ଷରୁ ବାରଗୌଣିଆ ପଞ୍ଚାୟତ କଂଗ୍ରେସର କର୍ମୀ ବୈଠକ ବାରଗୌଣିଆ ମାଆ ପାଣ୍ଡରିଶୁଣୀଙ୍କ ପ୍ରାଙ୍ଗଣରେ ଥିବା ଆମ୍ବତୋଟାଠାରେ ବ୍ଲକ ସଭାପତି ରାକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ ପଞ୍ଚାୟତ ସ୍ତରରେ କଂଗ୍ରେସ କର୍ମୀମାନଙ୍କୁ ସୁସଂଗଠିତ କରି ପ୍ରତ୍ୟେକ ୱାର୍ଡ ଓ ବୁଥ୍‌ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରଥମେ ପଞ୍ଚାୟତ କମିଟି ଗଠନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଏକ ତିନି ଜଣିଆ କମିଟି ଗଠନ ହୋଇଥିଲା।ପଞ୍ଚାୟତର କଂଗ୍ରେସ ନେତା ଅମର ପ୍ରଧାନଙ୍କୁ ସଭାପତି, ନରେଶ ସାହୁ ଓ ବବ୍ରୁବାହାନ ନାହାକଙ୍କୁ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ଯୁବକମାନଙ୍କୁ ବିଶେଷ ଭାବେ କ୍ରିୟାଶୀଳ କରି ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଆଜି ବୈଠକର ମୁଳ ଉଦ୍ଦେଶ୍ୟ ବୋଲି ସଭାପତି ପ୍ରକାଶ କରିଥିଲେ। ପଞ୍ଚାୟତ ସଭାପତି ଓ ସମ୍ପାଦକ ପ୍ରତ୍ୟେକ ବୁଥ ଓ ୱାର୍ଡ କମିଟି କର୍ମୀମାନଙ୍କ ବୈଠକ ମାଧ୍ୟମରେ ଗଠନ କରିବେ ଓ ବ୍ଲକ କଂଗ୍ରେସ ସଭାପତିଙ୍କୁ ମଧ୍ୟ ବୈଠକରେ ସାମିଲ କରିବା ପାଇଁ ସ୍ଥିର ହୋଇଛି। ଆଜିର ଏହି କର୍ମୀ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ମିଡିଆ ପ୍ୟାନେଲଲିଷ୍ଟ ରୂପାଦୀପ୍ତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଗାମୀ ପଞ୍ଚାୟତରେ କଂଗ୍ରେସ ଦଳକୁ ମଜଭୁତ କରିବା ସହ ଦଳକୁ ଆଗାମୀ ଦିନରେ ସୁଦୃଢ଼ କରିବାକୁ ସମସ୍ତ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପସଭାପତି ସୌଭାଗ୍ୟ ବିଶ୍ୱାଳ, ସାଧାରଣ ସମ୍ପାଦକ ଆଲୋକ ଦେହୁରୀ, ସଂପାଦକ ଚନ୍ଦ୍ରକାନ୍ତ ପ୍ରଧାନ ଓ ଉପେନ୍ଦ୍ର ଦେହୁରୀ, ଛକୁଡି ଦେହୁରୀ, ଚିତ୍ତରଞ୍ଜନ ସାହୁ,ବଳରାମ ସାହୁ, କଣ୍ଟିଆ ମହାରଣା, ଅଧିକାରୀ ଦେହୁରୀ, ଗଗନ ନାଏକ, କାଳିଆ ସାହୁ, ଦେବରାଜ ସାହୁ, ସୁଭମ ନାହାକ, ଦିଲ୍ଲୀପ ଭୋଇ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରେନେସା ଯୁକ୍ତଦୁଇ କଲେଜ୍‌ର ଛାତ୍ରଛାତ୍ରୀଙ୍କ ସଫଳତା



**ଧର୍ମଶାଳା,୨୩।୫/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନେସା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଅନୁଷ୍ଠାନରୁ ପରୀକ୍ଷା ଦେଇଥିବା ବିଜ୍ଞାନରେ ୯୬% ହୋଇଥିବା ବେଳେ କଳାରେ ୯୭% ପାସ କରିଛନ୍ତି। ବିଜ୍ଞାନ ବିଭାଗରେ ୧୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୧୫ଜଣ, ଦ୍ୱିତୀୟ ଶ୍ରେଣୀରେ ୩୩ଜଣ ଓ ତୃତୀୟ ଶ୍ରେଣୀରେ ୨ଜଣ ପରୀକ୍ଷାର୍ଥୀ ପାସ କରିଛନ୍ତି । ସେଥିମଧ୍ୟରୁ ଇଜ୍ଜାର ଅହମ୍ମଦ ଖାନ ୫୬୮ ମାର୍କ ରଖି କଲେଜରେ ଟପର ହୋଇଥିବା ବେଳେ ବିଦ୍ୟୁସ୍ମିତା ସାହୁ ୫୬୫ ମାର୍କ ରଖି ଦ୍ୱିତୀୟ ଓ ସୋମ୍ୟଜିତ ସାହୁ ୫୫୫ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଳା ବିଭାଗରେ ୩୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୩ଜଣ, ଦ୍ୱିତୀୟ ଶ୍ରେଣୀରେ ୭ଜଣ ଓ ତୃତୀୟ ଶ୍ରେଣୀରେ ୫ଜଣ ପାସ କରିଛନ୍ତି। ସେଥୁମଧ୍ୟରୁ ଆୟେଷା ବାରିକ ସର୍ବୋଚ୍ଚ ୫୨୦ ମାର୍କ ରଖି କଲେଜ ଟପର ହୋଇଥିଲା ବେଳେ ଆକାଂକ୍ଷା ମଲ୍ଲ ୫୦୭ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ଦିବ୍ୟାରାଣୀ ପୃଷ୍ଟି ୫୦୩ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଦର୍ଶ ରିନେସା କଲେଜର ଶୃଙ୍ଖଳିତ ପାଠପଢା ପରିବେଶ, ଅନୁଭବୀ ଅଧାପକମାନଙ୍କ ନିୟମିତ ମାର୍ଗ ଦର୍ଶନ ତଥା ନିରନ୍ତନ ପରୀକ୍ଷା ପ୍ରଣାଳୀ ଓ ଆବାସିକ ବ୍ୟବସ୍ଥା ଛାତ୍ରଛାତ୍ରୀ ମାନଙ୍କ ସଫଳତାର ମୂଳ କରଣ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ବିଭୁତି ଭୂଷଣ ରାଉତ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନରେ ଅଧୟନ ପାଇଁ ଉପଯୁକ୍ତ ଓ ସୁସ୍ଥ ଶିକ୍ଷାମୂଳକ ପରିବେଶ ରହିଥିବାରୁ ବିଦ୍ୟାର୍ଥୀ ମାନେ ନିଜ ଲକ୍ଷ୍ୟପ୍ରତି ଅଧିକ ଏକାଗ୍ର ହୋଇପାରୁଛନ୍ତି।ଏହି ଅଧଭୂତପୂର୍ବ ସଫଳତା ପାଇଁ କଲେଜର ସମସ୍ତ ଅଧାପକ ଓ କର୍ମକର୍ତ୍ତା ମାନେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବଜାର କମିଟି ପକ୍ଷରୁ ମୁଗମଣ୍ଡି ଉଦ୍‌ଘାଟିତ

**ଜଗତସିଂହପୁର,୨୩।୫/ଏନ୍ଏନ୍ଏସ୍:** ଶନିବାର ଜିଲ୍ଲାରେ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରଥମେ ରବି-୨୦୨୬ ନିମନ୍ତେ ମୁଗ ମଣ୍ଡି ଶୁଭ ଉଦ୍‌ଘାଟିତ ହୋଇଯାଇଛି। ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ଶିବିରରେ ସମବାୟ ସମିତି ସମୂହ ବିଭାଜନ ଉପନିବନ୍ଧକ ପ୍ରଭାତ କୁମାର ଶତପଥି, ମୁଖ୍ୟ କୃଷି ଅଧିକାରୀ,କୃଷି ଯୋଜନା ଅଧିକାରୀଣି, ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟିର ସଂପାଦକ ସୂର୍ଯ୍ୟକାନ୍ତ ଦାଶ, ପୂର୍ବତନ ପୌରପରିଷଦ ଅଧକ୍ଷ ବିପ୍ଳବ ଚୌଧୁରୀ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଧୀରେନ୍ଦ୍ର କୁମାର ବାରିକ, ମାର୍କଫେଡ୍ କର୍ମଚାରୀ, ସନ୍ଦୀପ ପାତ୍ର ବରିଷ୍ଠ ହିସାବ ରକ୍ଷକ, ନିୟନ୍ତ୍ରିତ ବଜାର କମିଟି ଅଭୟ କୁମାର ମହାନ୍ତି, ସୁକୁମାର ଦାସ, ପ୍ରତ୍ୟୁର୍ଯ୍ୟ ଲେନିକା,ସୌମ୍ୟ ଦାସ, ଚିତ୍ତଦିପ୍ତ ଜେନା, ସୁଧୀର କୁମାର ମହାରଣା କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର ଏବଂ ୧୦ଜଣ ଚାଷୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ଜଗତସିଂହପୁର କୁଇଣ୍ଟାଲ ପିଛା ମୁଗର ସରକାରୀ ଧାର୍ଯ୍ୟ ମୂଲ୍ୟ ଟ.୮୭୬୮ ଏବଂ ୧୦୦୦ରୁ ୧୨୦୦ କ୍ୟୁଣ୍ଟାଲ ମୁଗ ମଣ୍ଡିରେ କ୍ରୟ କରାଯିବାର ଆଶା ରଖିଛନ୍ତି।

# ଭାରତୀୟ ସେନାର ହେଲିକପ୍ଟର କ୍ରାଶ୍

**ନୂଆଦିଲ୍ଲୀ,୨୩।୫/ଏଜେନ୍ସି:** ଲଦାଖ ସେକ୍ଟରର ଲେହ ନିକଟରେ କ୍ରାଶ ହୋଇଯାଇଛି ଭାରତୀୟ ସେନାର ଗୋଟିଏ ଚିତାଲ ଲାଇଟ ହେଲିକପ୍ଟର। ଗୋଟିଏ ପାହାଡ଼ିଆ ଅଞ୍ଚଳରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଏହି ହେଲିକପ୍ଟରରେ ଭାରତୀୟ ସେନାର ଜଣେ ମେଜର ଜେରାଲଙ୍କ ସହ ୩ ଜଣ ଅଧିକାରୀ ରହିଥିଲେ। ଦୁର୍ଘଟଣାରେ ହେଲିକପ୍ଟରଟି ଧ୍ୱଂସ ହୋଇ ଯାଇଥିବେଳେ ଭାରତୀୟ ସେନାର ୩ କର୍ମଚାରୀ ସୁରକ୍ଷିତ ରହିଛନ୍ତି। ସେହିପରି



ମେଜର ଜେନେରାଲ ଜଣଙ୍କ ଦୁର୍ଘଟଣା ସ୍ଥଳରେ ଉଠାଇଥିବା ଗୋଟିଏ ସେଲଫି ବେଶ ଭାଇରାଲ ହେବାରେ ଲାଗିଛି। ଏହି ହେଲିକପ୍ଟରଟି ଚିତା ହେଲିକପ୍ଟରର ଅତ୍ୟାଧୁନିକ ଭର୍ସନ। ଏହାର ଇଞ୍ଜିନ ନମ୍ବର ଟିଏମ୩୩୩ବି। ମେ' ୨୦ ତାରିଖ ମଧ୍ୟାହ୍ନରେ ଏହାର ନିୟମିତ ଉଡ଼ାଣରେ ଯାଇଥିଲା। କିନ୍ତୁ ଉଡ଼ାଣର କିଛି ସମୟ ପରେ ଏହା ଦୁର୍ଘଟଣା ଗ୍ରସ୍ତ ହୋଇଛି। ସେନା ଅଧିକାରୀଙ୍କ କହିବା କଥା ଯେ ହେଲିକପ୍ଟରରେ ୨ ଜଣ ପାଇଲଟ ଓ ଡିଭିଜନ କମାଣ୍ଡର ମେଜର ଜେନେରାଲ ସଚିବ ମେହତା ରହିଥିଲେ। ହେଲିକପ୍ଟରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ପାଇଲଟ ଓ ମେଜର ସାମାନ୍ୟ ଆହତ ହୋଇଥିଲେ। ମେଜର ତୁରନ୍ତ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ ହେଁ ଦୁଇ ପାଇଲଟଙ୍କୁ ସେଠାରେ ରଖାଯାଇଛି। କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଓ ସ୍ଥିର ରହିଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ମେଜର ଜେନେରାଲ ମେହତା ଘଟଣା ସ୍ଥଳରେ ନେଇଥିବା ସେଲଫି ଏବେ ସୋଶାଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ଏଥିରେ ଦେଖାଯାଉଛି ଯେ ହେଲିକପ୍ଟରଟି ଗୋଟିଏ ପାହାଡ଼ିଆ ଅଞ୍ଚଳରେ ଖଣ୍ଡବିଖଣ୍ଡିତ ହୋଇ ପଡ଼ି ରହିଛି। ଦୁଇ ପାଇଲଟ ପାହାଡ଼ ଉପରେ ବସିଥିବା ବେଳେ ମେଜର ଜେନେରାଲ ସେଲଫି ନେଉଛନ୍ତି। ତେବେ କେଉଁ ପରିସ୍ଥିତିରେ ହେଲିକପ୍ଟର କ୍ରାଶ ହେଲା, ସେକଥା ଜଣାପଡ଼ିନି। ଏବେ ସେନା ପକ୍ଷରୁ ଏହାର ବିଧିବଦ୍ଧ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସେନା ପକ୍ଷରୁ ତଦନ୍ତ ଶେଷ ହେବା ପରେ ଏହାର ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି କୁହାଯାଇଛି। ସମ୍ଭବତଃ ଖରାପ ପାଣିପାଗ ଯୋଗୁ ଏପରି ଘଟିଥିବା ଆଶଙ୍କା କରାଯାଉଛି।

## ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ପାଇଁ ବଡ଼ ପଦକ୍ଷେପ

# ଆସିଲା ସଂଶୋଧିତ ବଦଳି ନୀତି

- ପ୍ରତିବର୍ଷ ଏପ୍ରିଲ୍ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି
- ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ନିୟମ ଲାଗୁ ହେବ
- ବଦଳି ନିର୍ଦ୍ଦେଶନାମାରେ ରହିବ ରିଲିଭିଂ ଓ ଜଏନିଂ ସମୟସୀମା
- ସମଗ୍ର ରାଜ୍ୟରେ ତାହା କଡ଼ାକଡ଼ି ଭାବେ ପାଳନ କରାଯିବ

**ଭୁବନେଶ୍ୱର,୨୩।୫/ଏନ୍ଏନ୍ଏସ୍:** ରାଜ୍ୟ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମୋହନ ମାଝୀଙ୍କ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଛି ସଂଶୋଧିତ ବଦଳି ନୀତି। ସମଗ୍ର ରାଜ୍ୟରେ ତାହା କଡ଼ାକଡ଼ି ଭାବେ ପାଳନ କରାଯିବ। ମନଇଚ୍ଛା ବଦଳି ହୋଇପାରିବ ନାହିଁ। ବଦଳି ନିର୍ଦ୍ଦେଶନାମାରେ ରହିବ ରିଲିଭିଂ ଓ ଜଏନିଂ ସମୟସୀମା। କେବଳ ଜନସ୍ୱାର୍ଥ, ପ୍ରଶାସନିକ ସମସ୍ୟା କିମ୍ବା କୌଣସି ଗୁରୁତର ବ୍ୟକ୍ତିଗତ ଅସୁବିଧା ସମୟରେ ଉପଯୁକ୍ତ କର୍ତ୍ତୃପକ୍ଷ ଲିଖିତ କାରଣ ଦର୍ଶାଇ ଏହି ନିୟମରେ ସାମାନ୍ୟ କୋହଳ କରିପାରିବେ। ପ୍ରତିବର୍ଷ ଏଣିକି ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ମଧ୍ୟରେ ସାଧାରଣ ବଦଳି କରାଯିବ। ଯଦି କୌଣସି ବଦଳି ଜରୁରୀ ଥାଏ, ତାହାଲେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ଉଚ୍ଚ ଅଧିକାରୀଙ୍କ ଠାରୁ ଆଗୁଆ ଲିଖିତ ମଞ୍ଜୁରୀ ନେବା ବାଧ୍ୟତାମୂଳକ। ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ଭାବେ ନିୟମ ଲାଗୁ ହେବ। ଗୋଟିଏ ସ୍ଥାନରେ ୩ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ହିଁ ବଦଳି ପାଇଁ ଯୋଗ୍ୟ ବିବେଚିତ ହେବେ। ହେଲେ ସରକାର ଚାହିଁଲେ ବଦଳି କରିପାରିବେ। ସରକାରି ଚାକିରିଆ ଦମ୍ପତ୍ତିଙ୍କ ଯଦି ସ୍ୱାମୀ ଓ ସ୍ତ୍ରୀ ଉଭୟ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି, ତେବେ ଗୁରୁତ୍ୱପୂର୍ଣ୍ଣ ପଦବୀର କଟକଣାକୁ ଆଖିରେ ରଖି ସେମାନଙ୍କୁ ଗୋଟିଏ ଷ୍ଟେସନରେ ଅବସ୍ଥାପିତ କରାଯାଇପାରିବ। ବଦଳି ସମୟରେ ରାଜସ୍ୱ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ୟୁନିଟ୍ ଭାବେ ଗ୍ରହଣ କରାଯିବ। କେବଳ ଜିଲ୍ଲା ଓ ରାଜ୍ୟସ୍ତରର ଅଫିସର ଅବା କର୍ମଚାରୀ ନୁହଁନ୍ତି ସଂଶୋଧିତ ବଦଳି ନିୟମ ମଧ୍ୟ ସଚିବାଳୟ ଓ ବିଭିନ୍ନ ନିର୍ଦ୍ଦେଶାଳୟରେ ଥିବା ଅଣବଦଳିଯୋଗ୍ୟ ମିନିଷ୍ଟ୍ରିଆଲ କ୍ୟାଡ଼ର ପାଇଁ ବି ଲାଗୁ ହେବ। ଏସବୁଠାରେ କାର୍ଯ୍ୟରତ ଥିବା କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ସିଟ ବା ଦାୟିତ୍ୱରେ ୩ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ଓ କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ହିଁ ଏହି ସମୟସୀମା ବଢ଼ାଯାଇପାରିବ। ଗ୍ରୁପ୍ 'ସି' କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ବ୍ଲକ କିମ୍ବା ତହସିଲ ଅଞ୍ଚଳରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ରାଜ୍ୟ କ୍ୟାଡରର ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି' ଅଧିକାରୀମାନେ ଗୋଟିଏ ରାଜସ୍ୱ ଜିଲ୍ଲାରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ହିଁ ରହିପାରିବେ। ଏହାସହିତ ଗ୍ରୁପ 'ଏ' ଓ ଗ୍ରୁପ 'ବି' ବର୍ଗର ସମ୍ବେଦନଶୀଳ ପଦବୀଗୁଡ଼ିକରେ କୌଣସି ଅଧିକାରୀଙ୍କୁ ସେମାନଙ୍କ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। ବୁକ୍ ସର୍କୁଲାର-୧୯୬୭ରେ ଆଧାର କରି ଅଫିସରମାନେ ବଦଳି ଅଟକାଇବା ପାଇଁ ରାଜନୈତିକ ନେତାଙ୍କ ଦ୍ୱାରା ସରକାରଙ୍କ ଉପରେ ଚାପ ପକାଉଥିଲେ ଓ ରିଲିଭ୍ ହେବାରେ ବିଳମ୍ବ କରୁଥିଲେ। ମାତ୍ର ଏହି ସଂଶୋଧିତ ଗାଇଡ଼ଲାଇନରେ ବଦଳି ଅର୍ଡ଼ରରେ ରିଲିଭିଂ ଓ ଜଏନିଂ ସମୟସୀମା ଉଲ୍ଲେଖ ରହିବ। ସଂଶୋଧିତ ବଦଳି ନୀତିରେ କର୍ମଚାରୀମାନଙ୍କୁ ସେମାନଙ୍କ ବଦଳି ଆଦେଶ ପ୍ରକାଶ ପାଇବା ପରେ ତୁରନ୍ତ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ଆକ୍ରମଣକୁ ନିନ୍ଦା

**କଟକ,୨୩ା୫/ଏନ୍ଏନ୍ଏସ୍:** ଆଠଗଡ଼ ବିଧାୟକ ରାଜା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତିଗିରିଆ ବ୍ଲକ ପଞ୍ଚାୟତ ସମିତି ବୈଠକକୁ ଯିବା ରାସ୍ତାରେ ଆକ୍ରମଣ ଘଟଣାକୁ ବିଜୁ ଜନତା ଦଳ, ସିପିଆଇ (ଏମ୍) ଓ ସିପିଆଇର ଏକ ମିଳିତ ବୈଠକରେ ତୀବ୍ର ନିନ୍ଦା କରାଯାଇଛି । ସେହିପରି ବିଜେପିର ଦୁଇ ଜଣ ନେତା ଅରିନ୍ଦମ ରାୟ ଓ ଅଭୟ ବାରିକ ଟାଙ୍ଗୀ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ ଯେଉଁଭଳି ଭାବରେ କାର୍ଯ୍ୟାଳୟ ଭିତରେ ପଶି ଧମକଚମକ ଦେଲେ ଉକ୍ତ କାର୍ଯ୍ୟଧାରାକୁ ତିନି ଦଳ ତରଫରୁ ବିରୋଧ କରାଯାଇଛି । ଆଜି ବିଜୁ ଜନତା ଦଳ ଟାଙ୍ଗୀ ଚୌଦ୍ୱାର ସଭାପତି ବିରେନ୍ଦ୍ର କୁମାର ଜେଠୀଙ୍କ ସଭାପତିତ୍ୱରେ ଏକ ବୈଠକ କଟକ ସର୍କିଟ ହାଉସ ଗୃହରେ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ପୁଲିସ ପ୍ରଶାସନ ଟାଙ୍ଗୀ ବ୍ଲକ ଘଟଣାରେ ଆଇନ ସମ୍ମତ ରାସ୍ତାରେ ନ ଯାଇ ଶାସକ ଦଳର ହାତବାରିସୀ ଭାବରେ କରିଥିବା କାର୍ଯ୍ୟ କରିବା ଏବଂ ଅପରାଧୀମାନଙ୍କୁ ଗିରଫ କରିବା ବଦଳରେ ପୁଲିସ ସୁରକ୍ଷା ଦେବା ଘଟଣାକୁ ଆଜିର ବୈଠକରେ ନିନ୍ଦା କରାଯାଇ ପ୍ରସ୍ତାବ ଗୃହୀତ ହୋଇଛି । ରାଜ୍ୟରେ ବିଜେପି ସରକାରଙ୍କର କୁଶାସନ, ନିୟନ୍ତ୍ରଣ ବିହୀନ ଆଇନ ଶୃଙ୍ଖଳା ପରିସ୍ଥିତି, ଦୁଇ ବର୍ଷ ଧରି ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ଏବଂ ଆବାସ ଯୋଜନା ବନ୍ଦ କରିବା ସମେତେ ଏସଆଇଆର ନିଟ ପ୍ରଶ୍ନପତ୍ରର ଖୋଲାଖୋଲି ବ୍ୟବସାୟ ଏବଂ ପେଟ୍ରୋଲିୟମ ସାମଗ୍ରୀଗୁଡ଼ିକର ତିନି ତିନି ଥର ମୂଲ୍ୟବୃଦ୍ଧି ଜନଜୀବନକୁ ବିପର୍ଯ୍ୟସ୍ତ କରୁଥିବା ସମ୍ପର୍କରେ ୮ଟି ମିଳିତ ସମାବେଶ କରାଯିବା ସହ ଆସନ୍ତା ୨୯ ତାରିଖରେ ଟାଙ୍ଗୀ ପୁଲିସ ଷ୍ଟେସନ ସମ୍ମୁଖରେ ମିଳିତ ପ୍ରତିବାଦ ବିକ୍ଷୋଭ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ବିଧାୟକ ଶ୍ରୀ ସ୍ୱାଇଁ, ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ବିଜେଡି ନେତା ଜନ୍ମଜୟ ଖୁରାଜ, ସିପିଏମ୍ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ସିପିଆଇର ରାଜ୍ୟ କମିଟି ସଭ୍ୟ ଅମରେନ୍ଦ୍ର ମହାନ୍ତି, ତପସ୍ୱିନୀ ସାହୁ, ରାକେଶ ରଞ୍ଜନ ଷଡ଼ଙ୍ଗୀ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ସେଜ ସାହାଜାନ, ବିଷ୍ଣୁ ବେହେରା, ରମେଶଚନ୍ଦ୍ର ବେହେରା, ଉମ୍ବରୁଧର ସାହୁ, ଅଶୋକ ପରିଡ଼ା, ରତ୍ନାକର ରାଜତ, ଚିତ୍ତରଞ୍ଜନ ନାୟକ, ଲକ୍ଷ୍ମଣ ରାଗତ, ଅଶୋକ ବାଇ, ସରୋଜ ଖଟୁଆ, ଜଗନ୍ନାଥ ଦାସ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକର ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କଲବଲ କରୁଛି ଅଘୋଷିତ ବିଦ୍ୟୁତ୍‌କାଟ୍

**କଟକ,୨୩ା୫/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହରେ ରାଜ୍ୟବାସୀ ଛଟପଟ ହେଉଥିଲା ବେଳେ ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କୁ କଲବଲ କରୁଛି । କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ । ବିଶେଷ କରି କଟକ ସହରର ଜନବହୁଳ ଅଞ୍ଚଳ ବାଦାମବାଡି ଅଞ୍ଚଳରେ ଗତ ଚାରିଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଦେଖାଯାଇଛି । ଆଜି ଦିନ ୩ଟା ବେଳୁ ସାଢ଼େ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହୋଇଥିଲା । ବାହାରେ ଅସହ୍ୟ ତାତି ସାଙ୍ଗକୁ ବିନା ବିଦ୍ୟୁତ୍‌ରେ ଘର ଭିତରେ ଅସହ୍ୟ ଯନ୍ତ୍ରଣା ଅଞ୍ଚଳବାସୀଙ୍କୁ ଭୋଗିବାକୁ ପଡ଼ିଛି । ଅନ୍ୟପକ୍ଷରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ଟିପିସିଓଡିଏଲ୍ କାର୍ଯ୍ୟରତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଛଟେଇ କରାଯିବାକୁ ନେଇ ଆନ୍ଦୋଳନ ଚାଲିଥିବାରୁ ଏହି ସମସ୍ୟା ଉପୁଜୁଛି ବୋଲି କୁହାଯାଉଛି ଅର୍ଥାତ୍ ବିଦ୍ୟୁତ୍ କାର୍ଯ୍ୟ ପରିଚାଳନା



ପାଇଁ ଆବଶ୍ୟକ କର୍ମଚାରୀ ନାହାନ୍ତି । ଏପରି ସ୍ଥିତିରେ ଯଦି କାଳବୈଶାଖୀ ଯୋଗୁଁ କୌଣସି ସରବରାହରେ କୌଣସି ଅସୁବିଧା ହେଲେ କାର୍ଯ୍ୟ କରିବାକୁ କେହି ନାହାନ୍ତି । ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଶିଶୁଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ପାନୀୟ ଜଳ ଠିକ୍ ଭାବରେ ପାଇପ୍‌ରେ ଆସୁନାହିଁ । ଅପର ପକ୍ଷେ କଟକ ସଦର ,୪୨ମୌଜା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏଥି ସହିତ ସହର ମଧ୍ୟରେ ଲୋ ଭୋଲ୍ଟେଜ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି । ସାମାନ୍ୟ ପବନ କି ଝିପିଝିପି ବର୍ଷା ହେଲେ ବିଜୁଳି ଚାଲିଯାଉଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

### ନୟାଗଡ଼ ନିର୍ବାଚନୀ ମାମଲା

## ଅରୁଣ ସାହୁଙ୍କ ଅନ୍ତରୀଣ ଆବେଦନ ଖାରଜ

**କଟକ,୨୩ା୫/ଏନ୍ଏନ୍ଏସ୍:** ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ଅଦାଲତୀ ଝଟକା ଲାଗିଛି । ମୂଳ ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରିବାକୁ ନିବେଦନ କରି ଆବେଦନକାରୀ ବିଧାୟକ ଶ୍ରୀ ସାହୁଙ୍କ ତରଫରୁ ଦାୟର ତିନୋଟି ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ସେହିପରି ହେମନ୍ତ କୁମାର ପୃଷ୍ଟିଙ୍କ ପକ୍ଷରୁ ସମାନ ପ୍ରସଙ୍ଗ ନେଇ ଦାୟର କରାଯାଇଥିବା ଅନ୍ତରୀଣ ଆବେଦନକୁ ମଧ୍ୟ ହାଇକୋର୍ଟ ଆଗ୍ରାହ୍ୟ କରିଛନ୍ତି । ଏଥିସହିତ ଜୁନ ୨୫କୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ତରଫରୁ ଦାୟର ମୂଳ ନିର୍ବାଚନୀ ମକଦ୍ଦମାର ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି ।

## ବାପି ଓ ଜେପିକୁ ଜାତୀୟ ନିରାପତ୍ତା ଆଇନରେ ଅଟକ ରଖିବାକୁ ନିର୍ଦ୍ଦେଶ

**କଟକ,୨୩ା୫/ଏନ୍ଏନ୍ଏସ୍:** ଜାତୀୟ ନିରାପତ୍ତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଜ୍ୟୋତି ସମ୍ରାଟ ପ୍ରହରାଜ ଓରଫ୍ ବାପି, ଜ୍ୟୋତି ପ୍ରକାଶ ପ୍ରହରାଜ (୩୫) ଓରଫ୍ ଜେପି ଉଭୟଙ୍କ ପିତା ସ୍ୱର୍ଗତ ଶିଶିର ପ୍ରହରାଜ, ଗାଁ-ଝାଡ଼େଶ୍ୱରପୁର, ଥାନା-ଭଦ୍ରେଶ୍ୱର, ଜିଲ୍ଲା-କଟକଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହାପୂର୍ବରୁ ଆରକ୍ଷୀ ଅଧୀକ୍ଷକ ବାପି ଓ ଜେପିଙ୍କୁ ଗତ ୧୯ ତାରିଖରେ ଜାତୀୟ ନିରାପତ୍ତା ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତ୍ତା ଆଇନ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ବାପି ଓ ଜେପି ୨୦୨୫ ମସିହାର ଭଦ୍ରେଶ୍ୱର ଥାନାର ଏକ ମାମଲାରେ ଚୌଦ୍ୱାର ମଣ୍ଡଳ କାରାଗାରରେ ନ୍ୟାୟିକ ହେପାଜତରେ ଅଛନ୍ତି । ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ଏହି କାରାଗାରରେ ଅଟକ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ରାଜେନ୍ଦ୍ର ନଗରରେ ଜଳସେବା



**କଟକ,୨୩ା୫/ଏନ୍ଏନ୍ଏସ୍:** ପ୍ରଚଣ୍ଡ ରୌଦ୍ରତାପରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ସମୟରେ ସରକାରୀ ସ୍ତରରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନମାନେ ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହରୁ ନଜରରେ ରଖି ଜଳସେବା କରୁଛନ୍ତି । ଆଜି ଏହି ଅବସରରେ କଟକ ରାଜେନ୍ଦ୍ର ନଗର ୫୨ ନଂ ୱାର୍ଡ଼ ଅନ୍ତର୍ଗତ ଶନି ଓସ୍ତଗଛ ପାର୍ଶ୍ୱରେ ଆଗ୍ରୋଇଣ୍ଡିଆ ହାଇବ୍ରିଡ୍ ସ୍ୱିଡ୍ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ କରାଯାଇଛି । ଗ୍ରୀଷ୍ମପ୍ରବାହ ଜାରି ରହିଥିବା ପର୍ଯ୍ୟନ୍ତ ଏହି ଜଳ ବିତରଣ କେନ୍ଦ୍ର ଚାଲୁ ରହିବ ବୋଲି ସଂଗଠନ ପକ୍ଷରୁ ସୋପନ କୁମାର ଜାନା କହିଛନ୍ତି । ଏହି ଜଳ ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାଜେନ୍ଦ୍ର ଷଡ଼ଙ୍ଗୀ, ଜିତେନ୍ଦ୍ର କୁମାର ସାହୁ, ଦେବାଶିଷ ମହାପାତ୍ର, ସନ୍ତୁ କୁମାର ଜାନା, ମଧୁସୂଦନ ଦାସ, ଅନନ୍ତ ପରିଡ଼ା, ଫିରୋଜ ମହାପାତ୍ର, ବିଭୂତି ଭୂଷଣ ରାଉତରାୟ, ରମେଶ ବେଉରା, ଟିଙ୍କୁ କଳିଆ ସହିତ ରାଜେନ୍ଦ୍ର ନଗର ଅନେକ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

## ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**କଟକ,୨୩ା୫/ଏନ୍ଏନ୍ଏସ୍:** ଚାନ୍ଦିନୀଚୌକସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାମନ୍ଦିରର କାର୍ଯ୍ୟନିର୍ବାହୀ ସଭାପତି ତଥା କଥାକାର ତରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ଶିବିରରେ ଶିକ୍ଷାବିତ ବିଶ୍ୱରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ କଳ୍ପତରୁ ସାହୁ, ସମ୍ମାନିତ ଅତିଥି ଭାବେ ଚନ୍ଦନ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିର ଦ୍ୱାରା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଜ୍ଞାନର ପରିପ୍ରକାଶ ହୋଇଥାଏ ବୋଲି ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକ ଚିତ୍ତ ରଞ୍ଜନ ପାଢ଼ୀ କହିଥିଲେ । ଏହି ଶିବିରରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କମିଶନ୍‌ରେଟ୍ ପୁଲିସ ପକ୍ଷରୁ ଛତା ବଣ୍ଟନ

**କଟକ,୨୩ା୫/ଏନ୍ଏନ୍ଏସ୍:** ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ କଟକ ସହରରେ କାର୍ଯ୍ୟରତ ଟ୍ରାଫିକ ପୁଲିସ ମାନଙ୍କୁ ଛତା ଓ ପାନୀୟ ଜଳ ବଣ୍ଟନ କରାଯାଇଛି । କମିଶନରେଟ ପୁଲିସ ପକ୍ଷରୁ ଟ୍ରାଫିକ ଏସିପି ଜୟନ୍ତ ଡୋରା, ଜୋନ୍ - ୬ ଏସିପି ଅଶୋକ କୁମାର ଗିରି, ଟ୍ରାଫିକ ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଓ ବାଦାମବାଡ଼ି ଥାନା ଅଧିକାରୀ ଅଜୟ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହି ଛତା ଓ ପାନୀୟଜଳ ବଂଟନ କରିଥିଲେ ।

# ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ମାସିକ ଆଲୋଚନାଚକ୍ର



**କଟକ,୨୩ା୫/ଏନ୍ଏନ୍ଏସ୍:** ଓଡ଼ିଆ ସାହିତ୍ୟରେ ଋତୁଚକ୍ରର ପ୍ରଭାବ ଅନେକ । ସେହିପରି ଗ୍ରୀଷ୍ମ ଋତୁର ବର୍ଣ୍ଣନା ଗଳ୍ପ କବିତାରେ ଆଲୋଚନା କରାଯାଇଛି ବୋଲି ଖପୁରିଆ ସ୍ଥିତ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସ୍ୱତନ୍ତ୍ର ଗ୍ରୀଷ୍ମ ସାହିତ୍ୟ ଆସର, କବିତା ପାଠୋତ୍ସବ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ ପରିସରରେ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରକୁ ଉଦଘାଟକ ଭାବେ ବଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ, ବିଶିଷ୍ଟ ଅତିଥି ଭାବେ କବି କ୍ଷୀରୋଦ ଜେନା ଓ ସମ୍ମାନିତ ଅତିଥି ଭାବେ କବି ରଘୁନାଥ ତ୍ରିପାଠୀ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଗ୍ରୀଷ୍ମଋତୁର ପ୍ରଭାବ ଉପରେ ଆଲୋଚନା କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ କବୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହଯୋଗୀ ସମ୍ପାଦକ କବି ଅଶ୍ୱିନୀ ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତି ଶନିବାର 'ଗ୍ରୀନ୍ ମୋବିଲିଟି ଡେ'

**ଭୁବନେଶ୍ୱର,୨୩ା୫/ଏନ୍ଏନ୍ଏସ୍:** ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଦେଶର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରଶଂସନୀୟ ତଥା ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରାଯାଇଛି । କ୍ୟାମ୍ପସ ମଧ୍ୟରେ ସବୁଜିମା ବଜାୟ ରଖିବା ଏବଂ ଜଳବାୟୁ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ମାନ୍ୟବର କୁଳାଧିପତିଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ଦ୍ୱାରା ଏକ ନୂତନ ନିୟମ କାର୍ଯ୍ୟକାରୀ କରାଯାଇଛି । ଏଣିକି ପ୍ରତି ଶନିବାର ଦିନ ବିଶ୍ୱବିଦ୍ୟାଳୟ ପରିସରରେ 'ଇନ୍ଧନ ଇଞ୍ଜିନ-ମୁକ୍ତ ଦିବସ' ବା 'ସବୁଜ ଗତିଶୀଳତା ଦିବସ' (ଗ୍ରୀନ୍ ମୋବିଲିଟି ଡେ) ପାଳନ କରାଯିବ । ଏହି ବିଶେଷ ଦିନରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ଦେଇ କୌଣସି ପାରମ୍ପରିକ ଇନ୍ଧନ ଚାଳିତ ବାହନ ଯେପରିକି ବାଇକ୍, କାର୍ କିମ୍ବା ଅଟୋରିକ୍ସା ଆଦିକୁ କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉ ନାହିଁ । ଗତ ୨୧ ତାରିଖରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ଦ୍ୱାରା ଜାରି ହୋଇଥିବା ଆନୁଷ୍ଠାନିକ ବିଜ୍ଞପ୍ତି ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ ପ୍ରଦୂଷଣର ମାତ୍ରା ହ୍ରାସ କରିବା ପାଇଁ ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରାଧ୍ୟାପକ, ଶିକ୍ଷକ ମଣ୍ଡଳୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ପେଟ୍ରୋଲ-ଡିଜେଲ ଗାଡ଼ି ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଛି । ଏହାର ବିକଳ୍ପ ସ୍ୱରୂପ ସମସ୍ତଙ୍କୁ ସାଇକେଲ, ବୈଦ୍ୟୁତିକ ବାହନ (ଇ-ବାଇକ୍), ପଦଯାତ୍ରା କିମ୍ବା ସାଧାରଣ ପରିବହନ ବ୍ୟବସ୍ଥାର ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ମୂଲ୍ୟବାନ ଇନ୍ଧନର ଅପଚୟ ରୋକିବା ପାଇଁ ଅନାବଶ୍ୟକ ସରକାରୀ ଗାଡ଼ିର ବ୍ୟବହାରକୁ ସୀମିତ ରଖିବା ଏବଂ ପରିବହନର ସହଭାଗିତା ବା ମିଳିତ ଗାଡ଼ି ବ୍ୟବହାର (କାର୍ ପୁଲିଂ) ଉପରେ ସରକାରୀ ସର୍କୁଲାର୍‌ରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି । ଏହି ନିୟମକୁ ଶୃଙ୍ଖଳିତ ଏବଂ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ, ହଷ୍ଟେଲ ୱାର୍ଡେନ ଏବଂ କ୍ୟାମ୍ପସ ପରିସରରେ ଥିବା ବ୍ୟାଙ୍କ ଓ ସ୍ଥାନୀୟ ବଜାର କର୍ତ୍ତୃପକ୍ଷଙ୍କୁ ମଧ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇ ସହଯୋଗ ଲୋଡ଼ାଯାଇଛି ।

**କ୍ୟାମ୍ପସ୍‌କୁ ପେଟ୍ରୋଲ୍-ଡିଜେଲ୍ ଗାଡ଼ି ମନା**

## ସଂଭାବନାର 'ବେନହୁର ବହି ବିଶେଷ'

**ଭୁବନେଶ୍ୱର,୨୩ା୫/ଏନ୍ଏନ୍ଏସ୍:** ସଂଭାବନା ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଓ ସୁବକ୍ତା ଦାଶ ବେନହୁରଙ୍କ ରଚିତ ତିନିଟି ପୁସ୍ତକର ପାଠକାର୍ପଣ ଉତ୍ସବ, 'ବେନହୁର ବହି ବିଶେଷ' ଅନୁଷ୍ଠିତ ହୋଇଯାଇଛି । ଜୟଦେବ ଭବନରେ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ଓ ଗାଳ୍ପିକ ତଥା ପ୍ରଶାସକ ଦେବ ପ୍ରସାଦ ଦାଶ ପ୍ରମୁଖ ଅତିଥି ବକ୍ତା ଭାବେ ସାରଗର୍ଭକ ଆଲୋଚନା ଓ ବିଶ୍ଳେଷଣ କରିଥିଲେ । 'ସଂବିଧାନନାମା', ଭାରତୀୟ ସଂବିଧାନର ତିଆରି, ଅତୀତ, ପ୍ରୟୋଗ ପୁଣି ଅପବ୍ୟବହାର ଆଧାରରେ ଲିଖିତ ୬୯ଗୋଟି ସ୍ତମ୍ଭର ସମାହାର । ସାଧାରଣ ଓଡ଼ିଆ ଭାରତୀୟଟିଏ ବୁଝିପାରିଲା ଭଳି ଅନ୍ତରଙ୍ଗ ଢଙ୍ଗରେ ପ୍ରତିଟି ପ୍ରବନ୍ଧ ସରଳ ଓ ସହଜ ଭାବରେ ପରିବେଷିତ । ସେହିପରି 'ଦାଶ ବେନହୁର: ସୃଷ୍ଟି ବୈଚିତ୍ର', ଲେଖକ ଦାଶ ବେନହୁରଙ୍କ ସାହିତ୍ୟ ସର୍ଜନାକୁ ବିଭିନ୍ନ ଦିଗରୁ ଆକଳନ କରିଥିବା ୨୦ଟି ପ୍ରବନ୍ଧର ଏକ ସମ୍ପାଦିତ ରୂପ । ଦ୍ୱିତୀୟ ସଂସ୍କରଣର ରୂପ ନେଇଥିବା 'ବୟସ୍କର ନାନାବାୟା' ଏକ ନିଆରା ରୁଚିର କବିତା ବହି । ଏହାର ଗୋଟିଏ ଗୋଟିଏ ପଦରେ ଅଛି ଜୀବନର ନାନାଦିଗକୁ ନେଇ ଉଛୁଳି ପାରୁଥିବା ଗୋଟେ ବୟସ୍କ ମଣିଷର ଆଳିମାଳି ନନ୍ଦନବୋଧ । ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ତ୍ରଷ୍ଟି ସ୍ମୃତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ପକ୍ଷୀଘର ପ୍ରକାଶନୀର ସତ୍ତ୍ୱାଧିକାରୀ ବନଜ ତ୍ରିପାଠୀ, ପେନ୍ ଇନ୍‌ର ସହଯୋଗୀ ପବିତ୍ର ମୋହନ କର ଏବଂ ବିଶିଷ୍ଟ କବି ତଥା ଦାଶ ବେନହୁରଙ୍କ ସହଧର୍ମିଣୀ ଜୟନ୍ତୀ ପଣ୍ଡାଙ୍କୁ ସଂଭାବନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୀନାକ୍ଷୀ ପଟ୍ଟନାୟକ, ରଶ୍ମିତା ରଥ, ରେଖା ସାହୁ ଓ ପ୍ରଫୁଲ୍ଲ ଦେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆଜିଠୁ ହେବନି ରତ୍ନଭଣ୍ଡାର ଗଣତିମଣତି

**ପୁରୀ,୨୩ା୫/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟାକୁ ନେଇ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ରବିବାରଠାରୁ ଚଳିତ ପର୍ଯ୍ୟାୟର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟକୁ ସ୍ଥଗିତ ରଖାଯାଇ ଆସନ୍ତା ଜୁନ୍ ମାସରେ ଏହାକୁ ପୁନର୍ବାର ଆରମ୍ଭ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

**ଜୁନ୍‌ରେ ପୁଣି ଆରମ୍ଭ**

ବର୍ତ୍ତମାନର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଶ୍ରଦ୍ଧାଳୁମାନଙ୍କ ଅହେତୁକ ଭିଡ଼ ଏବଂ ମହାପ୍ରଭୁଙ୍କ ଆଗାମୀ ପ୍ରମୁଖ ପର୍ବପର୍ବାଣୀ, ବିଶେଷକରି ଦେବସ୍ନାନ ପୂର୍ଣ୍ଣିମା ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ବା ରଥଯାତ୍ରାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ସପ୍ତାହରୁ ଛତିଶା ନିଯୋଗ, ପରିଚାଳନା କମିଟି ଏବଂ ଏହାର ଉପ-କମିଟିଗୁଡ଼ିକର ବୈଠକ କ୍ରମାଗତ ଭାବେ ଆୟୋଜିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ।

### ଓପିଜିସିର ପ୍ରଥମ ୟୁନିଟ୍‌ର ଆଧୁନିକୀକରଣ କାର୍ଯ୍ୟ ସମ୍ପନ୍ନ

# ବିଦ୍ୟୁତ୍ କ୍ରୟ ଚୁକ୍ତିର ଅବଧି ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି

**ଇବ୍ ଥର୍ମାଲ,ଭୁବନେଶ୍ୱର,୨୩ା୫/ଏନ୍ଏନ୍ଏସ୍:** ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି) ର ପ୍ରଥମ ପର୍ଯ୍ୟାୟ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ବ୍ୟାପକ ଆଧୁନିକୀକରଣ ଓ ନବୀକରଣ କାର୍ଯ୍ୟ ସଫଳତାର ସହ ସମାପ୍ତ ହୋଇଛି । ଏହା ରାଜ୍ୟର ବିଦ୍ୟୁତ ଶକ୍ତି ଭିତ୍ତିଭୂମିର ସ୍ଥାୟୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ସ୍ଟୋନ୍ ଭାବେ ଚିହ୍ନିତ ହୋଇଛି । ବ୍ୟାପକ ଆଧୁନିକୀକରଣ କାର୍ଯ୍ୟ ପରେ ପ୍ରଥମ ୟୁନିଟ୍‌କୁ ୨୦୨୬ ମସିହା ମେ ମାସ ୧ ତାରିଖରେ ଆନୁଷ୍ଠାନିକ ଭାବରେ ମୁଖ୍ୟ ବିଦ୍ୟୁତ ଗ୍ରିଡ୍ ସହ ସଂଯୋଗ କରାଯାଇଥିଲା । କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ୟୁନିଟ୍ ବର୍ତ୍ତମାନ ପୂର୍ଣ୍ଣ କ୍ଷମତାରେ ପରିଚାଳିତ ହେଉଛି ଏବଂ ଏହାର କାର୍ଯ୍ୟଦକ୍ଷତାରେ ଲକ୍ଷଣୀୟ ଉନ୍ନତି ପରିଲକ୍ଷିତ ହୋଇଛି । ଅପରପକ୍ଷରେ ଦ୍ୱିତୀୟ ୟୁନିଟ୍‌ର ଆଧୁନିକୀକରଣ କାର୍ଯ୍ୟ ଗତବର୍ଷ ମାର୍ଚ୍ଚ ୨୦୨୫ରେ ସମାପ୍ତ ହୋଇଥିଲା ।

ଇବ୍ ଥର୍ମାଲ ପାୱାର ଷ୍ଟେସନ୍‌ରେ ଅବସ୍ଥିତ ପ୍ରଥମ ପର୍ଯ୍ୟାୟ ଅଧୀନରେ ଦୁଇଟି ୨୧୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ୟୁନିଟ୍ ରହିଛି, ଯାହା ଯଥାକ୍ରମେ ୧୯୯୪ ଓ ୧୯୯୬ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ୩୦ ବର୍ଷରୁ ଅଧିକ ସମୟ ଧରି ନିରନ୍ତର ସେବା ପ୍ରଦାନ କରିଥିବା ଏହି ପୁରୁଣା ୟୁନିଟ୍ ଗୁଡ଼ିକର ଦୀର୍ଘମିଆଦୀ



କାର୍ଯ୍ୟଦକ୍ଷତା ଓ ସ୍ଥିରତା ବଜାୟ ରଖିବା ପାଇଁ ଆବଶ୍ୟକ ବୈଷୟିକ ଓ ଇଞ୍ଜିନିୟରିଂ ହସ୍ତକ୍ଷେପର ଜରୁରୀ ଆବଶ୍ୟକତା ଥିଲା । ବିଦ୍ୟୁତ କ୍ରେତାଙ୍କ ଆନୁଷ୍ଠାନିକ ସମ୍ମତି ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ଅନୁମୋଦନ କ୍ରମେ ଏହି ବ୍ୟାପକ ଯାନ୍ତ୍ରିକ ଉନ୍ନୟନ କାର୍ଯ୍ୟ ସମ୍ପାଦିତ ହୋଇଛି । ଏହି ପ୍ରମୁଖ ଆଧୁନିକୀକରଣ ଓ ନବୀକରଣ କାର୍ଯ୍ୟ ମଧ୍ୟରେ ବାଷ୍ପ ଚାଳିତ ଟର୍ବାଇନ୍‌ର ଉଚ୍ଚ ଚାପ ଏବଂ ମଧ୍ୟମ ଚାପ ବିଶିଷ୍ଟ ମଡ୍ୟୁଲ୍‌ର ପରିବର୍ତ୍ତନ ଓ ନବୀକରଣ ସହ ସ୍ୱଳ୍ପ ଚାପ ବିଶିଷ୍ଟ ଟର୍ବାଇନ୍‌ର ଶେଷ ତିନିଟି ପର୍ଯ୍ୟାୟର ବ୍ଲେଡ୍ ପରିବର୍ତ୍ତନ କରାଯାଇଛି । ଏହା ସହିତ ବାୟୁ ପ୍ରାକ୍-ଉତ୍ତପ୍ତକରଣ ଯନ୍ତ୍ରର ପରିବର୍ତ୍ତନ, ବଏଲର ଏବଂ ସେଗୁଡ଼ିକର ପ୍ରମୁଖ ସହାୟକ ଯନ୍ତ୍ରାଂଶର ବ୍ୟାପକ ଯାଞ୍ଚ ଓ ମରାମତି କାର୍ଯ୍ୟ କରାଯାଇଛି । ପୁରୁଣା ଯନ୍ତ୍ରାଂଶର ସମସ୍ୟା ଦୂରୀକରଣ ପାଇଁ ବୈଦ୍ୟୁତିକ ଏବଂ ନିୟନ୍ତ୍ରଣ ପ୍ରଣାଳୀର ଉନ୍ନତି କରାଯିବା ସହ ଇଲେକ୍ଟ୍ରୋଷ୍ଟାଟିକ ପ୍ରିସିପିଟେଟର୍ ଓ ଧୂଆଁ ନିର୍ଗମନ ନଳୀ ଆଦିରେ ପ୍ରମୁଖ ହାର୍ଡୱେର ପରିବର୍ତ୍ତନ କରାଯାଇଛି । ଯାନ୍ତ୍ରିକ ପୁନର୍ଜୀବନ ସହିତ ଓପିଜିସି ଏହି ପ୍ରକଳ୍ପ ପାଇଁ ଦୀର୍ଘମିଆଦୀ ନିୟାମକ ସମର୍ଥନ ମଧ୍ୟ ହାସଲ କରିଛି । ପ୍ରଥମ ପର୍ଯ୍ୟାୟ ୟୁନିଟ୍‌ଗୁଡ଼ିକ ସହ ସମ୍ପୃକ୍ତ ପାୱାର ପର୍ଚେଜ୍ ଏଗ୍ରିମେଣ୍ଟ ବା ବିଦ୍ୟୁତ କ୍ରୟ ଚୁକ୍ତି, ଯାହାର ଅବଧି ୩୦ ଜୁନ୍ ୨୦୨୬ରେ ଶେଷ ହେବାକୁ ଥିଲା, ତାହାକୁ ଆନୁଷ୍ଠାନିକ ଭାବରେ ଅଧିକ ୧୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି । ନୂତନ ଅନୁମୋଦିତ ବ୍ୟବସ୍ଥା ଅନୁଯାୟୀ, ଏହି ବିଦ୍ୟୁତ କ୍ରୟ ଚୁକ୍ତି ବର୍ତ୍ତମାନ ୩୦ ଜୁନ୍ ୨୦୪୧ ପର୍ଯ୍ୟନ୍ତ ବୈଧ ରହିବ, ଯାହା ଆସନ୍ତା ପ୍ରାୟ ଦୁଇ ଦଶନ୍ଧି ଧରି ଓଡ଼ିଶା ରାଜ୍ୟ ପାଇଁ ଗ୍ରୀଡ୍ ସ୍ଥିରତା ଏବଂ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ସୁନିଶ୍ଚିତ କରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓପିଜିସି ବର୍ତ୍ତମାନ ୧୭୪୦ ମେଗାୱାଟ୍ ସ୍ଥାପିତ କ୍ଷମତା ସହ କାର୍ଯ୍ୟରତ ଅଛି ଏବଂ ରାଜ୍ୟର ମୋଟ ଶକ୍ତି ଚାହିଦାର ପ୍ରାୟ ଏକ-ତୃତୀୟାଂଶ ପୂରଣ କରୁଛି ।

# ସୋଫିଆ ଫିର୍ଦ୍ଦୋଷଙ୍କ ଜନସମ୍ପର୍କ ପଦଯାତ୍ରା

**କଟକ,୨୩ା୫/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ବାକିଥିବା ଜନ ସମ୍ପର୍କ ପଦଯାତ୍ରାକୁ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଆଜି ଶେଷ କରିଛନ୍ତି । ରାମଗଡ଼ ଛକରୁ ଏହି ପଦଯାତ୍ରା ବାହାରି ମାନସିଂପାଟଣା ଦେଇ ମସ୍ତରମନାଥ ଦେଇ ଶେଖବଜାର ବାଟେ ଚଣ୍ଡୀଛକ ଦେଇ କେନ୍ଦୁଝର କଲୋନୀ ଓ କନିକା ଛକଠାରେ ଶେଷ ହୋଇଥିଲା । ଏହି ପଦଯାତ୍ରା କାଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ । ପଦଯାତ୍ରା ସମୟରେ ବିଧାୟିକା ୱାର୍ଡବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।



ଲଗାତାର ଡ୍ରେନ ସଫା ନହେବା, ବରିଷ୍ଠ ନାଗରିକଙ୍କର ଭତ୍ତା, ଆବାସ ଯୋଜନାରେ ଘର, ପାନୀୟ ଜଳ ଓ ବାରମ୍ବାର ବିଦ୍ୟୁତ କାଟ ଭଳି ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ । ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟିକା କହିଛନ୍ତି । ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ସାମଲ, ନୂତନ ଦାସ, ଆସିଫ୍ ଖାନ୍, ଅଫସନା ବେଗମ୍, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ୍, ସଞ୍ଜୟ ଦାସ, ଜଫର୍ ବକ୍ସ, ବସନ୍ତ ନାୟକ, ଯୁଗଳ ସାମଲ ମଧ୍ୟରେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ ଓ ସୋନୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

## ସେଇ ରୂପସୀର ମୃତ୍ୟୁ...



ଆଶିଷ କୁମାର ସାହୁ

ସେଇ ରୂପସୀ
ଦେଖିନି ମୁଁ କେବେ ତାକୁ
କେମିତିକା ରୂପ ତା'ର
ଦର୍ପଣରେ ପୁଣି ନିଜ ପରିଚୟ
ମାପିବାକୁ।

ସତରେ ଏତେ ଲାସ୍ୟମୟୀ ସେ
ନାଆଁ ତାର 'ମୃତ୍ୟୁ' ଯିଏ ଚିରସ୍ଥାୟୀ,
ଯିଏ ଚାହେଁ ନିମିଷେକେ ଲେସିହେବାକୁ
ଆଉ ସେ କେବେ ଚାହିଁନି ଫେରିବାକୁ ଏ
ପୃଥିବୀକୁ।

କିଛି ସମ୍ମୋହନ ଶକ୍ତିକୁ ଝୁଣାର ଧୂଆଁରେ
କବରି ଦେଇଛି ଆତ୍ମା ପରମାତ୍ମା
ନଚେତ୍ କିଏ ବା ପାରିଛି
ସଂପୂର୍ଣ୍ଣ ସଂସାରକୁ
ସହଜେ ତ୍ୟାଗ କରି ।

ଏ ସଂସାରେ
ଭୋଗୀରୁ ଯୋଗୀ ହେବା
ସହଜ ନୁହେଁ
ସବୁକିଛି ସ୍ପଷ୍ଟ
ମୁଁ ଯଦି ସେଇଠୁ ଫେରେଆସେ ଥରେ।

ଏଇ ଯେମିତି ଆଦମ ଆଉ ଇଭ
ସମସ୍ତେ ସାମିଲ ଏଇ ଯାତ୍ରାରେ
କୃଷ୍ଣଠୁ ତଥାଗତ ଯେତେ ଇଷ୍ଟ
ସବୁ ନିରୁଦ୍ଦିଷ୍ଟ ସମୟ ଆଉ ଅସମୟରେ ହେ
ରୂପସୀ
ହଁ ମୁଁ ଯଦି ଫେରିଆସେ ଥରେ।
**କଟକ**

## ଅଧା ଲେଖା ଗପର କାହାଣୀ



ପଦ୍ମଜା ଶରଣ

କାହାଣୀ ଅଧାରେ କଣ
ଉଭେଇ ଯାଏ କଥାକାର ?
ରାତି ସରିନି ଯେ !

ଲାଗୁଛି ଘଟଣାର କ୍ଲାଇମାକ୍ସରେ
ଏମିତି କିଛି ହେବାର ଥିଲା।

ଅଥଚ ତୁମେ ମାରି ପାରିଲନି ତାକୁ
ଛାତି ଥରିଲା, ହାତ ଥରିଲା
ଓଦା ହେଲା ଡାଏରୀ
କାହାଣୀର ନାୟକ ହୋଇ
ସାରିଦେଲ ନିଜକୁ !

ଗୋଟେ ପୂର୍ଣ୍ଣାଙ୍ଗ କାହାଣୀ ପାଇଁ
ବେଳେବେଳେ ମରିଯିବାକୁ ହୁଏ, ହୁଏତ
ତୁମେ ନବୁଝ ବୁଝି ହୋଇଗଲା

ଆଜି ନହେଲେ କାଲି
ଭେଟିବାର ଥିଲା, ଭେଟ ହୋଇଗଲା।

ଯାଉଛ ଯଦି ନେଇଯାଅ
ଗୋଟେ ଚୈତ୍ରର ଶୂନ୍ୟ ଫର୍ଦ୍ଦ।

ଫୁଲ ଗଛ ମରିଯାଉ, କଥା ନସରୁ ।

ଶେଷ ଆଡ଼କୁ ଏତେ ଲୁହ କାହିଁକି ?
ଲେଖା ନଥିଲା ତ ...!
ତାକୁ ବି ନେଇଯାଅ,
ଫେରାଇବ ଫେରିଲେ ...।

**ନୀଳକଣ୍ଠପୁର, ଯାଜପୁର**
**ମୋ-୭୯୭୮୯୬୩୬୬୪**



୧୨୭ ତମ ଜନ୍ମଜୟନ୍ତୀ ଅବସରରେ

# 'ବିଦ୍ରୋହୀ' କବି ନଜରୁଲ୍ ଇସଲାମ୍: ଧୂମକେତୁର ଜୀବନ



ଡ. ମୃଣାଳ ଚାଟାର୍ଜୀ



'ବିଦ୍ରୋହୀ' କବି ଓ ଗୀତିକାର ଭାବେ ପରିଚିତ କାଜି ନଜରୁଲ୍ ଇସଲାମ୍ (୨୪ ମେ ୧୮୯୯ – ୨୯ ଅଗଷ୍ଟ ୧୯୭୬) ବିଭିନ୍ନ ସମ୍ବାଦ ଓ ସାମୟିକ ପତ୍ରିକା ସହ ଘନିଷ୍ଠ ଭାବେ ଜଡ଼ିତ ଥିଲେ। ପ୍ରବନ୍ଧ, ନିବନ୍ଧ ଲେଖୁଥିଲେ, ସାମ୍ବାଦିକତା ଏବଂ ସମ୍ପାଦନା କରୁଥିଲେ। କେତେକ ପତ୍ରିକା ସେ ନିଜେ ପ୍ରକାଶ କରିଛନ୍ତି। ଏ ପତ୍ରପତ୍ରିକା ଗୁଡିକରୁ ଅଧିକାଂଶ ଥିଲା ସାମ୍ୟବାଦର ଦିଶାରୀ ଏବଂ ତୀବ୍ର ଭାବରେ ବ୍ରିଟିଶ ବିରୋଧୀ। ତାଙ୍କ ଲେଖା ପାଇଁ କାଜି ନଜରୁଲ୍‌ଙ୍କୁ କାରାଦଣ୍ଡ ମଧ୍ୟ ଭୋଗ କରିବାକୁ ପଡ଼ିଛି। ସେ ପ୍ରକାଶ କରିଥିବା ସମ୍ବାଦ ପତ୍ରପତ୍ରିକାମାନଙ୍କ ଭିତରୁ ପ୍ରମୁଖ ହେଲା 'ଧୂମକେତୁ'। ସପ୍ତାହକୁ ଦୁଇ ଥର ପ୍ରକାଶିତ ହେଉଥିବା ଏହି ପତ୍ରିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ୧୯୨୨ ମସିହା ୧୧ ଅଗଷ୍ଟରେ; ଶେଷ ସଂଖ୍ୟାଟି ପ୍ରକାଶିତ ହୋଇଥିଲା ମାର୍ଚ୍ଚ ୧୯୨୩ରେ। ବର୍ଷକରୁ କମ ସମୟ ପ୍ରକାଶିତ ହୋଇଥଲେ ହେଁ 'ଧୂମକେତୁ' ସତରେ ଧୂମକେତୁ ଭଳି ଜନମାନସରେ ବିଦ୍ରୋହର ବହ୍ନି ଜାଳିବାରେ ସକ୍ଷମ ହୋଇଥିଲା ।

କାଜୀ ନଜରୁଲ୍‌ଙ୍କ ସାହିତ୍ୟିକ ଏବଂ ସାମ୍ବାଦିକତା ଜୀବନ ବି ଧୂମକେତୁ ଭଳି। ମାତ୍ର ଅଢ଼େଇ ଦଶନ୍ଧିର କର୍ମସକ୍ରିୟ ଜୀବନରେ ସେ ଯେତେ ବିଭିନ୍ନ ଧରଣର ଏବଂ ଯେଉଁମାନର କାର୍ଯ୍ୟ କରିଯାଇଛନ୍ତି ତାହା ଅକଳ୍ପନୀୟ। ତାଙ୍କ ଜୀବନ ବି ବଡ଼ ନାଟକୀୟ।

କାଜି ନଜରୁଲ୍‌ଙ୍କ ଜନ୍ମ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାର ଆସାନସୋଲର ଚୁରୁଲିଆ ଗ୍ରାମରେ। ତାଙ୍କ ବାପା ଫକୀର ଅହମ୍ମଦ ଥିଲେ ସ୍ଥାନୀୟ ମସଜିଦର ଇମାମ୍। ଉର୍ଦ୍ଦୁ ଓ ଫାର୍ସି ଭାଷା ଶିକ୍ଷାରୁ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ। ନଅ ବର୍ଷ ବୟସରେ ତାଙ୍କର ପିତାଙ୍କର ମୃତ୍ୟୁ ହେଲା। ପାରିବାରିକ ଅଭାବ ଅନାଟନ କାରଣରୁ ପାଠ ବନ୍ଦ ହେଲା। ମାତ୍ର ଦଶବର୍ଷ ବୟସରେ ଜୀବିକା ଅର୍ଜନ ପାଇଁ କାମ କରିବାକୁ ପଡ଼ିଲା ତାଙ୍କୁ। ବେଶ୍ କିଛି ଦିନ ସେ ଗାଁର ସ୍ଥାନୀୟ ମସଜିଦରେ ମୋଆଜ୍ଜିନ୍‌ର କାମ (ନମାଜ ପଢ଼ିବା ପାଇଁ ଲୋକଙ୍କୁ ଡାକିବା) କରିଛନ୍ତି। ପିଲାବେଳୁ ସେ ଲୋକକଳା ପ୍ରତି ଆକୃଷ୍ଟ ଥିଲେ। ତାଙ୍କର କାକା କାଜି ବଜଲେ କରିମ୍ ସେ ଅଞ୍ଚଳର ଗୋଟେ ଭ୍ରାମ୍ୟମାଣ ନାଟ୍ୟଦଳ (ସେ ଅଞ୍ଚଳରେ ତାକୁ ଲେଟୋ ବୋଲି କୁହାଯାଏ) ଚଳଉଥିଲେ। କିଶୋର ନଜରୁଲ ତାଙ୍କ ଦଳରେ ଯୋଗ ଦିଅନ୍ତି। କାଜି ବଜଲେ କରିମ୍ ଆରବୀ, ଫାର୍ସୀ ଓ ଉର୍ଦ୍ଦୁ ଭାଷାରେ ପ୍ରବୀଣ ଥିଲେ ଏବଂ ମିଶ୍ର ଭାଷାରେ ଗୀତ ମଧ୍ୟ ରଚନା କରୁଥିଲେ। ଏହି ଦଳରେ ଯୋଗଦେଲା ପରଠୁଁ କିଶୋର ନଜରୁଲ ବିଭିନ୍ନ ସ୍ଥାନକୁ ଗଲେ, ଅଭିନୟ ଶିଖିଲେ ଏବଂ ନାଟକ ପାଇଁ ଗୀତ ଆଉ କବିତା ଲେଖିବା ମଧ୍ୟ ଆରମ୍ଭ କଲେ।

୧୯୧୦ରେ ନଜରୁଲ ଲେଟୋ ଦଳ ଛାଡି ଛାତ୍ର ଜୀବନକୁ ଫେରି ଆସନ୍ତି। ଭଲ ଛାତ୍ର ଥିଲେ ସେ। ହେଲେ ଆର୍ଥିକ ସମସ୍ୟା ବରାବର ତାଙ୍କର ପିଛା କରିଛି ଏବଂ ସେ ମାଟ୍ରିକ ଶିକ୍ଷା ଶେଷ କରିପାରି ନାହାନ୍ତି। ମାଟ୍ରିକ ପରୀକ୍ଷା ପୂର୍ବରୁ ସେ ପାଠଛାଡି ଦେଇ ଯୋଗଦେଲେ ସେନାବାହିନୀରେ। କୋଲକତାର ଫୋର୍ଟ ଉଇଲିଅମ ଏବଂ ପରବର୍ତ୍ତି ସମୟରେ ପ୍ରଶିକ୍ଷଣ ପାଇଁ ସୀମାନ୍ତ ପ୍ରଦେଶର ନଓସେରାକୁ ଯାଆନ୍ତି। ତେବେ ସେ କେବେ ଯୁଦ୍ଧରେ ଭାଗ ନେଇ ନାହାନ୍ତି। ଫର୍ଟିନାଇନ ବେଙ୍ଗଲ ରେଜିମେଣ୍ଟରେ ସାଧାରଣ ସୈନିକରୁ କର୍ପୋରାଲ, କର୍ପୋରାଲରୁ ହାବିଲ୍‌ଦାର ପର୍ଯ୍ୟନ୍ତ ତାଙ୍କର ପଦୋନ୍ନତି ହୋଇଥିଲା। ଏ ରେଜିମେଣ୍ଟରେ ପଞ୍ଜାବୀ ମୌଲବୀଙ୍କଠାରୁ ସେ ଫାର୍ଶୀଭାଷା ଶିଖନ୍ତି। ସଂଗୀତ ସହ ପଦ୍ୟ ଓ ଗଦ୍ୟର ଚର୍ଚ୍ଚା ମଧ୍ୟ ଅବ୍ୟାହତ ରଖନ୍ତି। ଏଇଠି ଲେଖନ୍ତି 'ବାଉଣ୍ଡୁଲେର ଆତ୍ମ କାହାନି' (ଭବଘୁରେର ଆତ୍ମକାହାଣୀ) ଆଉ ତାଙ୍କର ପ୍ରଥମ ପ୍ରକାଶିତ କବିତା 'ମୁକ୍ତି'।

୧୯୨୦ରେ ଫର୍ଟିନାଇନ ବେଙ୍ଗଲ ରେଜିମେଣ୍ଟ ଭାଙ୍ଗି ଦିଆଗଲା। ସେ କୋଲକତା ଫେରି ଆସିଲେ। ବଙ୍ଗୀୟ ମୁସଲିମ୍ ସାହିତ୍ୟ ସମିତିର ଅଫିସ୍‌ରେ ସେ ରହିବା ଆରମ୍ଭ କଲେ। ଏହି ସମିତିର ଅନ୍ୟତମ କର୍ମକର୍ତ୍ତା ଥିଲେ ମୁଜାଫର ଅହମ୍ମଦ, ପରବର୍ତ୍ତୀ ସମୟରେ ସେ ଭାରତରେ କମ୍ୟୁନିଷ୍ଟ ଦଳ ଆରମ୍ଭର ଅଗ୍ରସାରଥୀ ହୋଇଥିଲେ। ତାଙ୍କ ସଂସ୍ପର୍ଶରେ ଆସି ସେ ସମସାମୟିକ ସାମାଜିକ ଘଟଣା ଓ ପ୍ରସଙ୍ଗ ସହ ଅଧିକ ଘନିଷ୍ଠ ହେଲେ। ମୁଜାଫର ଅହମ୍ମଦଙ୍କ ପ୍ରଚ୍ଛନ୍ନ ପ୍ରଭାବ ଏବଂ କଠିନ ବାଲ୍ୟଜୀବନ ନଜରୁଲ୍‌ଙ୍କୁ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଏବଂ ସାମ୍ୟବାଦର ଆଦର୍ଶ ଆଡ଼କୁ ଆଗେଇନେଇଥିଲା । ଯଦିଓ ଏ ଦୁଇଟି ଅବଧାରଣା ସ୍ତରରେ ପରସ୍ପର ଠୁଁ ଭିନ୍ନ, କିନ୍ତୁ ତରୁଣ ନଜରୁଲ୍ ଏ ଦୁଇଟି ଆଡ଼କୁ ଯୁଗପତ୍ ଆକର୍ଷିତ ହୋଇଥିଲେ। ଏଇଠି ହିଁ ତାଙ୍କ ସାହିତ୍ୟ ଏବଂ ସାମ୍ବାଦିକତା ଉଭୟ ଜୀବନର ଆରମ୍ଭ ହୋଇଥିଲା ବୋଲି କହିହେବ।

ଆରମ୍ଭରେ 'ମୁସଲିମ୍ ଭାରତ', 'ବଙ୍ଗୀୟ ମୁସଲମାନ ସାହିତ୍ୟ ପତ୍ରିକା', 'ଉପାସନା' ଆଦି ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୁଏ। ଏ ସମୟରେ ପ୍ରକାଶିତ ଲେଖା ଭିତରେ ରହିଛି ଉପନ୍ୟାସ 'ବାଁଧନହାରା (ବନ୍ଧନମୁକ୍ତ), କବିତା 'ବୋଧନ', 'ଶତ୍-ଇଲ୍-ଆରବ', 'ଆଗମନୀ' ଇତ୍ୟାଦି। ଲେଖାଗୁଡିକ ବେଶ୍ ପ୍ରଶଂସିତ ମଧ୍ୟ ହୁଏ।

**ନଜରୁଲ୍‌ଙ୍କ ସାମ୍ବାଦିକତା ଜୀବନ :**

୧୮୨୦ ଜୁଲାଇ ୧୨ ତାରିଖରେ 'ନବଯୁଗ' ନାମକ ଏକ ସାନ୍ଧ୍ୟ ଦୈନିକ ପତ୍ରିକା ପ୍ରକାଶିତ ହେଲା। ଅସହଯୋଗ ଏବଂ ଖିଲାଫତ ଆନ୍ଦୋଳନର ପ୍ରେକ୍ଷାପଟରେ ପ୍ରକାଶିତ ଏହି ପତ୍ରିକାର ସଂପାଦକ ଥିଲେ ଏ.କେ.ଫଜଲୁଲ ହକ। ମୁଜାଫର ଅହମ୍ମଦଙ୍କ ସହିତ ନଜରୁଲ ଇସଲାମ ଏହି ପତ୍ରିକାରେ ଯୋଗ ଦିଅନ୍ତି। ଏଇଠୁ ନଜରୁଲଙ୍କର ସାମ୍ବାଦିକତା ଜୀବନର ଆରମ୍ଭ। ଏ ପତ୍ରିକାଟି ପ୍ରକୃତରେ ନଜରୁଲ୍ ଏବଂ ମୁଜାଫର ଅହମ୍ମଦ ହିଁ ସମ୍ପାଦନା କରୁଥିଲେ। ହେଲେ ସମ୍ପାଦକ ଭାବରେ ସେମାନଙ୍କର ନାଁ ବାହାରୁନଥିଲା।

ଏହି ସମୟରୁ ନଜରୁଲଙ୍କର ଲିଖିତ କବିତା, ଗୀତ, ପ୍ରବନ୍ଧରେ ବିଦ୍ରୋହର ଭାବ ଏବଂ କ୍ରମଶଃ ସାମ୍ୟବାଦର ଭାବ ଲକ୍ଷ୍ୟ କରାଯାଇପାରେ। 'ନବଯୁଗ'ରେ ସେ ବ୍ରିଟିଶ ସରକାରଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ: ଏହି ସବୁ ଅପକର୍ମର, ଏହିସବୁ ଅମାର୍ଜନୀୟ ପାପର, ଏହି ସବୁ ନିର୍ମମ ଉତ୍ପୀଡନ ପାଇଁ ବିବେକର ଯେଉଁ ଦଂଶନ ସେଥିରୁ ତୁମମାନଙ୍କୁ ରକ୍ଷା କରିବ କିଏ ?

ନବଯୁଗ ପତ୍ରିକାରେ ହିଁ 'ମୋରା ସବାଇ ସ୍ୱାଧୀନ ରାଜା' (ଆମେ ସମସ୍ତେ ସ୍ୱାଧୀନ ରାଜା) ଶୀର୍ଷକ ସଂପାଦକୀୟ ନିବନ୍ଧରେ ଲେଖିଥିଲେ: ସ୍ୱରାଜ ଅର୍ଥ କଣ ? ସ୍ୱରାଜ ଅର୍ଥ ନିଜେ ରାଜା ବା ସମସ୍ତେ ରାଜା। ମୁଁ କାହାରି ଅଧିନସ୍ଥ ନୁହେଁ । ଆମେ କାହାରି ସିଂହାସନ ବା ପତାକା ତଳେ ଆସୀନ ନୁହଁ। ଏହି ବାଣୀ ଯଦି ଛାତି ଫୁଲେଇ କୌଣସି ଭୟକୁ ପରୁଆ ନକରି ମୁକ୍ତ କଣ୍ଠରେ କହିପାର ତେବେ ତୁମେମାନେ ସ୍ୱରାଜ ଲାଭ କରିବ। ସ୍ୱାଧୀନ ହେବ। ନିଜକୁ ନିଜେ ରାଜା କରି ପାରିବ। ନହେଲେ ନାହିଁ।

ଧୂମକେତୁ ପତ୍ରିକାର ୨୬ ସେପ୍ଟେମ୍ବର ୧୯୨୨ ସଂଖ୍ୟାରେ ନଜରୁଲଙ୍କ ଏକ ରାଜନୈତିକ କବିତା 'ଆନନ୍ଦମୟୀର ଆଗମନୀ' ପ୍ରକାଶିତ ହୁଏ। କବିତାଟି ପ୍ରକାଶିତ ହେବା ପରେ ନଭେମ୍ବର ୮ ତାରିଖ ଏ ପତ୍ରିକାର ସଂଖ୍ୟାଟିକୁ ନିଷିଦ୍ଧ ଘୋଷଣା କରାଯାଏ। ସେଇ ବର୍ଷ ୧୩ ନଭେମ୍ବର ନଜରୁଲ୍‌ଙ୍କ ଯୁଗବାଣୀପ୍ରବନ୍ଧ ଗ୍ରନ୍ଥଟି ବାଜ୍ୟାପ୍ତ କରାହୁଏ ଏବଂ ତାଙ୍କୁ କୁମିଲ୍ଲା (ବର୍ତ୍ତମାନ ଏହା ବାଂଲାଦେଶରେ)ରୁ ଗିରଫ କରାଯାଏ। ଗିରଫ କଲାପରେ ତାଙ୍କୁ କୁମିଲ୍ଲାରୁ କୋଲକାତାକୁ ଅଣାଯାଏ। ୧୯୨୩, ୭ ଜାନୁଆରି ନଜରୁଲ ବିଚାରଧୀନ ବନ୍ଦୀ ଭାବରେ ଆତ୍ମପକ୍ଷ ସମର୍ଥନ କରି ଗୋଟେ ଜମାନବନ୍ଦୀ ଦିଅନ୍ତି । ଏଥିରେ ନଜରୁଲ କହିଥିଲେ: ମୋ ଉପରେ ଅଭିଯୋଗ ଯେ ମୁଁ ରାଜବିଦ୍ରୋହୀ। ସେଇଥିପାଇଁ ମୁଁ ଆଜି ରାଜକାରାଗାରରେ ବନ୍ଦୀ ଏବଂ ରାଜଦ୍ୱାରରେ ଅଭିଯୁକ୍ତ। ମୁଁ କବି। ମୁଁ ଅପ୍ରକାଶିତ ସତ୍ୟକୁ ପ୍ରକାଶ କରିବା ପାଇଁ, ଅମର୍ତ୍ତ୍ୟ ସୃଷ୍ଟିକୁ ମୂର୍ତ୍ତିଦାନ ପାଇଁ ଇଶ୍ୱରଙ୍କ ଦ୍ୱାରା ପ୍ରେରିତ। କବିଙ୍କ କଣ୍ଠରେ ଇଶ୍ୱର ଆସି ବସନ୍ତି। ମୋ ବାଣୀ ସତ୍ୟର ପ୍ରକାଶିକା ଇଶ୍ୱରଙ୍କର ବାଣୀ। ସେ ବାଣୀ ରାଜ ବିଚାରରେ ରାଜଦ୍ରୋହୀ ହେଇପାରେ କିନ୍ତୁ ନ୍ୟାୟ ବିଚାରରେ ସେ ବାଣୀ ନ୍ୟାୟଦ୍ରୋହୀ ନୁହଁ, ସତ୍ୟାଦ୍ରୋହୀ ନୁହଁ। ସତ୍ୟର ପ୍ରକାଶ ନିରୁଦ୍ଧ ହେବନାହିଁ। ମୋ ହାତର ଧୂମକେତୁ ଏଥର ଇଶ୍ୱରଙ୍କ ହାତର ଅଗ୍ନି ମଶାଲ ହୋଇ ଅନ୍ୟାୟ ଅତ୍ୟାଚାରକୁ ଦଗ୍ଧ କରିବ।

୧୬ ଜାନୁଆରି ବିଚାର ପରେ ନଜରୁଲଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାହୁଏ ।

ଏହି ସମୟରେ ନଜରୁଲ୍ କ୍ରମଶଃ ବାମପନ୍ଥୀ ଆଦର୍ଶ ଆଡ଼କୁ ଅଧିକ ମୁହାଁଇବାରେ ଲାଗିଥିଲେ। ୧୯୨୫ ଡିସେମ୍ବର ୧୬ରେ ପ୍ରକାଶିତ ହେଲା ତାଙ୍କ ସମ୍ପାଦିତ ବାମପନ୍ଥୀ ସାହିତ୍ୟିକ ପତ୍ରିକା ଲାଙ୍ଗଲ୍ (ହଳ)। ଏ ପତ୍ରିକାଟି ଥିଲା କୃଷି ସ୍ୱରାଜ ପାର୍ଟିର ମୁଖପାତ୍ର। ଏଥିରେ କମ୍ୟୁନିଷ୍ଟ ଚିନ୍ତାନାୟକମାନଙ୍କ ସମ୍ପର୍କରେ ଲେଖା, ସାମ୍ୟବାଦୀ କବିତା ଇତ୍ୟାଦି ପ୍ରକାଶିତ ହେଉଥିଲା। ନଜରୁଲ୍‌ଙ୍କ ଅନୁରୋଧରେ ରବୀନ୍ଦ୍ରନାଥ ଠାକୁର ମଧ୍ୟ ଏଥିରେ କିଛି ଲେଖା ଲେଖିଥିଲେ । ୧୯୨୬ ଜାନୁଆରିରେ ଏ ପତ୍ରିକାଟି ବନ୍ଦ ହୋଇଗଲା । ଶେଷ ସଂଖ୍ୟା ପ୍ରକାଶିତ ହୋଇଥିଲା ୨୧ ଜାନୁଆରିରେ।

ଏହା ପରଠୁଁ କାଜି ନଜରୁଲ୍ କ୍ରମଶଃ ସାହିତ୍ୟ ଓ ସଙ୍ଗୀତ ଆଡ଼କୁ ଅଧିକ ମୁହାଁଇ ଗଲେ। କେତୋଟି ଚଳଚ୍ଚିତ୍ରରେ ସେ ଗୀତ ଲେଖିଛନ୍ତି ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। 'ଧ୍ରୁବ' ବୋଲି ଗୋଟେ ଚଳଚ୍ଚିତ୍ରରେ ସେ ନାରଦ ଭୂମିକାରେ ଅଭିନୟ ମଧ୍ୟ କରିଛନ୍ତି।

**ଶେଷ ଜୀବନ:**

୧୯୪୨ ବେଳକୁ ସେ ଅସୁସ୍ଥ ହେଇ ପଡନ୍ତି। ବାକ୍‌ଶକ୍ତି ହରାନ୍ତି, ପାରିବାରିକ ଅନେକ ଟ୍ରାଜେଡି ବି ହୁଏ । ୧୯୪୨ ଶେଷ ବେଳକୁ ସେ ମାନସିକ ଭାରସାମ୍ୟ ବି ହରେଇ ବସନ୍ତି। ୧୯୭୧ରେ ବାଂଲାଦେଶ ସ୍ୱାଧୀନ ରାଷ୍ଟ୍ର ଭାବରେ ପ୍ରତିଷ୍ଠା ହେଲା ପରେ ନଜରୁଲଙ୍କୁ ସପରିବାରେ ବାଂଲାଦେଶକୁ ନିଆଯାଏ। କବିଙ୍କର ବାକି ଜୀବନ ସେଇଠି କଟେ। ୧୯୭୬ରେ ନଜରୁଲଙ୍କୁ ସ୍ୱାଧୀନ ବାଂଲାଦେଶର ନାଗରିକତ୍ୱ ଏବଂ ଜାତୀୟ କବିର ମାନ୍ୟତା ଦିଆଯାଏ। ୧୯୭୬ ଖ୍ରୀଷ୍ଟାବ୍ଦର ୨୯ ଅଗଷ୍ଟ ତାରିଖରେ ତାଙ୍କର ଦେହାନ୍ତ ହୁଏ।

**ନଜରୁଲଙ୍କର ନିଷିଦ୍ଧ ଗ୍ରନ୍ଥ**

କାଜି ନଜରୁଲ ଇସଲାମଙ୍କର ୨୩ ବର୍ଷ ସାହିତ୍ୟିକ ଜୀବନରେ ସୃଷ୍ଟିର ଯେଉଁ ପ୍ରାଚୁର୍ଯ୍ୟ ତାହା ଅତୁଳନୀୟ। ସାହିତ୍ୟର ନାନା ଶାଖାରେ ବିଚରଣ କଲେ ମଧ୍ୟ ତାଙ୍କର ପ୍ରଧାନ ପରିଚୟ ଥିଲା ସେ ଜଣେ କବି। ବିଦ୍ରୋହୀ କବି। ପ୍ରେମ, ସାମ୍ୟ, ସୌନ୍ଦର୍ଯ୍ୟର କବି।

ବ୍ରିଟିଶ୍ ସାମ୍ରାଜ୍ୟ ଅଧିନସ୍ଥ ଅବିଭକ୍ତ ଭାରତରେ ବିଦ୍ରୋହୀ କବିଙ୍କର ବେଶ୍ କେତୋଟି ସାହିତ୍ୟ କର୍ମ ଶାସକଙ୍କ କୋପାନଳରେ ପଡିଥିଲା। ୧୯୨୨ରୁ ୧୯୩୧ ମସିହା ଭିତରେ କାଜି ନଜରୁଲ ଇସଲାମଙ୍କର ୫ଟି ବହି ବାଜ୍ୟାପ୍ତ କରାହୁଏ। ତାଙ୍କର ନିଷିଦ୍ଧ କାବ୍ୟଗ୍ରନ୍ଥ ଗୁଡିକ ହେଲା ଯୁଗବାଣୀ, ବିଶେର ମାସୀ, ଭାନାର ଗାନ୍, ପ୍ରଳୟ ଶିଖା ଏବଂ ଚନ୍ଦ୍ରବିନ୍ଦୁ। ଦେଶଦ୍ରୋହୀତାର ଅଭିଯୋଗରେ ଅଭିଯୁକ୍ତ ହୁଏ ତାଙ୍କର ଆହୁରି କେତେଗୁଡିଏ ବହି। ନିଷିଦ୍ଧ ବହିଗୁଡାକ ଛଡା ତାଙ୍କର ବାଜ୍ୟାପ୍ତ ବହିର ତାଲିକା ଭିତରୁ ଥିଲା ଅଗ୍ନିବୀଣା, ସଂଚିତା, ଖଣି ମନସା, ସର୍ବହରା ଓ ରୁଦ୍ର ମଙ୍ଗଲ। ତାଲିକାଭୁକ୍ତ ଥିଲା ଆହୁରି ୧୦ଟି ବହି। ଏହାଛଡା ୨୫ଟି ବହିର କୌଣସି ଦ୍ୱିତୀୟ ସଂସ୍କରଣ ବାହାର କରାଯାଇପାରି ନାହିଁ। ୯ଟି ଗ୍ରନ୍ଥର ପ୍ରକାଶକ ମୁଦ୍ରକ ଥିଲେ ଲେଖକ ସ୍ୱୟଂ। ଏହିଥିରୁ ଜଣାଯାଏ ଯେ ବ୍ରିଟିଶ ଶାସକଙ୍କ ଭୟରେ ସେତେବେଳେ ପ୍ରକାଶକମାନେ ମଧ୍ୟ ତାଙ୍କ ବହି ଛାପିବାପାଇଁ ଭୟ କରୁଥିଲେ।

ଏ ସମୟରେ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର 'ପଥେର ଦାବୀ' ଗ୍ରନ୍ଥକୁ ମଧ୍ୟ ନିଷିଦ୍ଧ କରାଯାଇଥିଲା। ତେବେ ବଙ୍ଗଳା ସାହିତ୍ୟରେ ସବୁଠାରୁ ନିପୀଡିତ କବି ଥିଲେ ନଜରୁଲ। ଏତେ ରାଷ୍ଟ୍ରୀୟ ନିପୀଡନ ଆଉ କୌଣସି ସୃଷ୍ଟିଶୀଳ ଲେଖକ, ଶିଳ୍ପୀ, ସାହିତ୍ୟିକ ଭୋଗ କରି ନାହାନ୍ତି।

ଗୋଟେ ସମୟରେ ବ୍ରିଟିଶ୍ ସରକାର ତାଙ୍କୁ ରାଜଦ୍ରୋହୀତାର ଅପରାଧରେ କାରାବନ୍ଦୀ କରନ୍ତି। ତା' ସହିତ ତାଙ୍କ ଲେଖା ମଧ୍ୟ ନିଷିଦ୍ଧ କରାହୁଏ। ପୃଥିବୀରେ ଶାସକ ଶ୍ରେଣୀର ରୋଷରେ ପଡିଥିବା କବି ସାହିତ୍ୟିକ ଖୁବ୍ କମ୍ ତ ନୁହନ୍ତି। ତୁରସ୍କର ନାଜିମ୍ ହିକମତ, ରୋମାନ କବି ଓଭିଡ, ଓମର ଖୈୟାମ, ରୁଷୀୟ କଥାକାର ଦସ୍ତୋଭସ୍କି...। ଏ ତାଲିକା ବହୁତ ଦୀର୍ଘ। କାଜୀ ନଜରୁଲ ମଧ୍ୟ ଅଛନ୍ତି ଏ ତାଲିକାରେ।

ଲେଖକ ଭାବରେ ସେ ସବୁବେଳେ ହିନ୍ଦୁ - ମୁସଲମାନ ମୈତ୍ରୀର କଥା କହିଆସିଛନ୍ତି ଏବଂ ଦୁଇ ଧର୍ମର ଲୋକମାନଙ୍କ ଭିତରେ ବିଭେଦ ସୃଷ୍ଟି କରୁଥିବା ଗୋଷ୍ଠୀକୁ କଠୋର ସମାଲୋଚନା କରିଆସିଛନ୍ତି। ଏଥିପାଇଁ ସେ ଉଭୟ ପଟର ଅତିବାଦୀଙ୍କର ଆକ୍ରମଣର ଶିକାର ହୋଇଛନ୍ତି।

**ନିର୍ମାଲ୍ୟ, ଭିଆଇପି ୨୧, ଲିଟିଲ ଓଡିଶା,**
**ଛତାବର, ଭୁବନେଶ୍ୱର, ମୋ-୯୪୩୭୦ ୨୬୧୯୪**

## ଦୁଇଟି ମିନିଗପ



କୃଷ୍ଣ କୁମାର ମହାନ୍ତି

### ଭାଗ

ଶେଷରେ ଭାଗଫଳ ଛିଡିଲା। ସୁଧାକର ବାବୁ ଡାକ ବିଭାଗରୁ ଅବସର ଗ୍ରହଣ କରି ସହରରେ ନିଜର ଘର ଖଣ୍ଡେ କରିଥିଲେ। ପତ୍ନୀ ମନସ୍ୱିନୀ ଦେବୀଙ୍କୁ ଅତ୍ୟନ୍ତ ଭଲପାଉଥିବାରୁ ଘରର ନାଁ ରଖିଥିଲେ 'ମନସୁଧା'। ଆଜି ସେଇ ଘରେ ଚାଲିଛି ଭାଗବଣ୍ଟା। ବଡ଼ ପୁଅ ଓ ସାନପୁଅ ଭିତରେ ସମାନ ଭାବରେ ଘର ଓ ସମ୍ପତ୍ତି ଭାଗ କରିଦେଇ ସୁଧାକର ବାବୁ ଅନେଇଲେ ପତ୍ନୀଙ୍କୁ।

ମନସ୍ୱିନୀ ଦେବୀ ପଚାରିଲେ, 'ଆମେ ରହିବା କୋଉଠି ?'

'ତମେ ରହିବ ସାନ ପାଖରେ ଆଉ ବାପା ରହିବେ ମୋ ପାଖରେ', ବଡ଼ ପୁଅ କହିଲା।

ସୁଧାକର ବାବୁ ନିରବ ରହିଲେ। ଏତେ ବର୍ଷର ସମ୍ପର୍କ ମନସ୍ୱିନୀଙ୍କ ସହିତ। ପୁଅମାନେ ଆମକୁ ବି ଭାଗ କରିଦେଲେ! ବୋଧେ ଭାବୁଥିଲେ ସେ।

ସେ ରାତିରେ କେହି ଶୋଇଲେ ନାହିଁ। ଭୋର୍ ହେବା ଆଗରୁ ସୁଧାକର ବାବୁ ମନସ୍ୱିନୀ ଦେବୀଙ୍କ ହାତ ଧରି କହିଲେ, 'ଚାଲ, ଶେଷଥର ପାଇଁ 'ମନସୁଧା'କୁ ବୁଲି ଆସିବା।'

ସକାଳ ହେଲା ଯଥାରୀତି। କିନ୍ତୁ ଦୁଇ ପୁଅ ପାଇଲେ ନାହିଁ ବାପାମାଆଙ୍କୁ ଘର ଭିତରେ। ଖାଲି ଡ୍ରଇଂ ରୁମ୍ ଟେବୁଲ୍ ଉପରେ ଥିଲା ଗୋଟେ ଚାବି ଆଉ ଗୋଟେ ଦଲିଲ୍।

ବଡ଼ପୁଅ ଦଲିଲ୍ ଖୋଲି ପଢିଲା। ହାତ ଥରିଗଲା।

'ମନସୁଧା' ଘରଟା କାଲି ରାତିରେ ହିଁ ଦାନ କରିଦେଇଥିଲେ ସୁଧାକର ବାବୁ- ସ୍ଥାନୀୟ 'ଆଶ୍ରୟ' ବୃଦ୍ଧାଶ୍ରମ ନାଁରେ। ସର୍ତ୍ତ ଗୋଟିଏ: 'ଏ ଘରେ ଯେତେ ବୃଦ୍ଧବୃଦ୍ଧା ରହିବେ, କେହି କାହାଠୁ ଅଲଗା ହେବେନି। ସ୍ୱାମୀ-ସ୍ତ୍ରୀ ଗୋଟିଏ କୋଠରୀରେ ହିଁ ରହିବେ।'

ଚାବି ତଳେ ଛୋଟ ଚିରକୁଟ୍: 'ପୁଅ, ତମେ ଘର ଭାଗ କଲ, ଆମେ ଘରଟାକୁ ହିଁ 'ଘର' କରିଦେଲୁ। 'ମନସୁଧା' ଆଜିଠୁ ସମସ୍ତଙ୍କର। ଆମେ ଦୁହେଁ ଏବେ ଏଇଠି ରହିବୁ। ହଁ, କେବେ ଯଦି ଦେଖା କରିବାକୁ ଆସିବ ବାହାରେ ଜୋତା ଖୋଲିକି ଆସିବ। ଆଶୀର୍ବାଦ।'

ଦୁଇପୁଅ ଧାଇଁକି ବାହାରକୁ ଆସିଲେ ଓ ଦେଖିଲେ, 'ମନସୁଧା' ନାଁ ଫଳକ ତଳେ ଆଜି ନୂଆ ବୋର୍ଡ ଝୁଲୁଥିଲା: 'ମନସୁଧା ବୃଦ୍ଧାଶ୍ରମ'।

ଆଉ ଘର ଭିତରୁ ଶୁଭୁଥିଲା ସୁଧାକର ବାବୁଙ୍କ ପ୍ରିୟ ଭଜନ- ଯାହାକୁ ମନସ୍ୱିନୀ ଦେବୀ ସବୁଦିନେ ତାଙ୍କ ସହ ଗାଉଥିଲେ। ଏକାଠି। ଠାକୁର ଘରେ।

ନିର୍ବାକ ଦୁଇପୁଅ ସେତେବେଳେ ଅନୁଭବ କରୁଥିଲେ ବାପମାଆଛେଉଣ୍ଡ ହେବାର କଷ୍ଟ।

### ଭାତ

ପ୍ରେମର ଘରେ ଦି'ଜଣ ଅତିଥି।

ଜଣେ ଖାଉଛି ଓ ଆଉ ଜଣେ ଖୁଆଇ ଦେଉଛି। ଯିଏ ଖାଉଛି ସେ କୁମାର। ଯିଏ ଖୁଆଇ ଦେଉଛି ସେ ପ୍ରିୟଙ୍କା। ଜଣେ ପ୍ରେମିକ ତ ଆରଜଣକ ପ୍ରେମିକା।

କଲେଜ କ୍ୟାଣ୍ଟିନ୍‌ରେ ପ୍ରିୟଙ୍କା ନିଜ ହାତରେ ଭାତ ଗୁଣ୍ଡା ଗଢି ଖୁଆଇ ଦିଏ, 'ଖାଅ ଧନ, ଶୁଖି ଯାଉଛ ତମେ।'

କୁମାର ହସେ, 'ତୋ ହାତରୁ ବିଷ ବି ଅମୃତ। କେତେ କେୟାର୍ ତୋର !'

ଏବେ ବୟସର ବସାଘରେ ଦି'ଜଣ ଅତିଥି। ଜଣେ ବୁଢ଼ା, ଜଣେ ବୁଢ଼ୀ।

ବୟସ୍କ କୁମାର ଏବେ ବେଡ୍‌ରେ। ଆଖି ବନ୍ଦ। ତିନିମାସ ହେଲା କୋମାରେ। ଡାକ୍ତର କହିଲେ, 'ନଳୀରେ ଖାଇବା ଦିଅ।'

ବୟସ୍କା ପ୍ରିୟଙ୍କା ମନା କଲା। ଥରୁଥିବା ଶିରାଳ ହାତରେ ସେ ଭାତ ଗୁଣ୍ଡା ଗଢେ। ବୁଢାକୁ କୁହେ: ଆଁ କର। ନିଅ ଖାଅ, ଶୁଖି ଯାଉଛ।

ନର୍ସ ହସେ, 'ମଲା ଲୋକକୁ କିଏ ଖୁଆଏ ?'

ରାତିରେ ମନିଟର୍ ବାଜିଲା। କୁମାର ଗଲା।

ସକାଳେ ୱାର୍ଡରେ ଦୁଇଟା ଡେଡ୍ ବଡି। ପାଖାପାଖି। ପ୍ରିୟଙ୍କା ବି ନାହିଁ। ଟେବୁଲ୍‌ରେ ଦୁଇଟା ପ୍ଲେଟ୍। ପାଖାପାଖି । ଗୋଟେ ଖାଲି। ଆରଟାରେ ଭାତ ଗୁଣ୍ଡା ଗଢା ହୋଇ ପଡିଛି, କିଏ ଯେମିତି ଖାଇବାକୁ ଅପେକ୍ଷା କରିଛି।

ୱାର୍ଡବୟ କାହାକୁ ଯେମିତି ଶୁଣାଉଥିଲା, 'ରାତି ଅଧରେ ଦେଖିଲି, ବୁଢ଼ା ଉଠିଥିଲା। ଆଉ ବୁଢ଼ୀକୁ ଭାତ ଗୁଣ୍ଡା ଗଢି ନିଜେ ଖୁଆଇ ଦେଉଥିଲା। କହୁଥିଲା, 'ଖାଆ, ତୁ ଶୁଖି ଗଲୁଣି।'

ପ୍ରେମର ପ୍ଲେଟରେ ଦୁଇବୁନ୍ଦା ଲୁହ ଉବୁକୁଥିଲା। ଏକାଠି। ପାଖାପାଖି।

**କଳିଙ୍ଗ ନଗର, ବାଲେଶ୍ୱର,**
**ମୋ: ୭୦୦୮୮୪୫୯୨୦**

## ତୁ ସେଇ



ପୂରବୀ ଶତପଥୀ

ମୋ ଆତ୍ମାର ପ୍ଲାବିତ ସୂକ୍ଷ୍ମଚେତନାକୁ,
ମୁଁ ଦେଖିଥିଲି
ପୂର୍ବଜନ୍ମ ଶେଷସ୍ୱପନରେ।
ଏଇ ଜନ୍ମ ଆରମ୍ଭରୁ ଆଜିଯାଏ ....
ମୁଁ ତାକୁ କେତେ ଖୋଜିଚିରେ!

ଆଙ୍କୁ ଆଙ୍କୁ ଆଙ୍ଗୁଳି ମୋ ଆଙ୍କୁଥିଲା
ମୋର ମନୋଭରା କାରୁଦେହୀ
ତନ୍ନତନ୍ନ କରି ଆଜି ଖୋଜିଛି ଯତ୍ନରେ
ତୁହି ତ ସେଇ ବିଦଗ୍ଧ ବିରହୀ!

କବିତା ମୋ ମନୋଭିନ୍ନ ଆଖି ଯଦି
ପ୍ରାଣମୟୀ,
ତୁହି ସୁରଞ୍ଜନୀ ପ୍ରେମାଞ୍ଜନା।
ପ୍ରାଣମୟ କୋଷ ହୁଏ ପୂର୍ଣ୍ଣ ଆହ୍ଲାଦିତ
ତୁ ମୋ ସେଇ ଜୀବନ୍ତ-କବିତା ପ୍ରତିମା।

କହ କାହିଁକି ?
କାହିଁ କେତେ ଯୁଗ ଧରି ଏକାଠି!
ଆମେ! ଏଠି ସେଠି ସବୁଠି ?

**ଭୁବନେଶ୍ୱର,**
**ମୋ- ୮୮୪୭୮୨୫୬୪୮**

## ତୁମେ ଗୋଟେ ମିଛ ଚିତ୍ର



ବାଇଧର ନାୟକ

ସପନ ଗୋ ତୁମେ ଗହଳ ଅନ୍ଧାରେ
ବହଳ ନିଦରେ
ଛପି ଛପି ନିତି ଆସ
ସତ ପରି ସିନା ଅଭିନୟ କର
ତୁମେ ଗୋଟେ ମିଛ
ସକାଳ କୁହୁଡ଼ି ଚିତ୍ର...।
ତୁମେ ଆସ କେଉଁ ଅତୀତକୁ ନେଇ
ଅଭୁଲା ଦିନର ଚିତ୍ର ଆଙ୍କି ଦେଇ
ନିଦ ଚାଲିଗଲେ ତୁମେ ଚାଲିଯାଅ
ଭାବିବାକୁ କିଛି କଥା ଦେଇଯାଅ
ତୁମେ ଗୋଟେ ମିଛ
ମରୁ ପଥିକର ଶୋଷ...।
କେଉଁ ରାଇଜର ତୁମ ଚିତ୍ରଘର
କେହି ଜାଣି ନାହିଁ ଠିକଣା ତୁମର
ଶୂନ୍ୟରୁ ମୁଁ ଆସେ ଭାସି ଭାସି
କେତେ କଥା ପୁଣି କୁହ ହସିହସି
ତୁମେ ଗୋଟେ ମିଛ
ଭାବ ଭାଷା ଭରା ଗୀତ...।
କେତେବେଳେ ଆସି ଲୁହରେ ଭିଜାଅ
କେତେବେଳେ ମନେ ଖୁସି ଭରିଦିଅ
ଛଳନାର ମଧୁଚନ୍ଦ୍ରିକା ତୋଳି
ଛବିଳ ଛନ୍ଦରେ ନାଚ ଢ଼ଳି ଢ଼ଳି
ତୁମେ ଗୋଟେ ମିଛ
ବିଶ୍ୱାସରେ ଅବିଶ୍ୱାସ ...।
**ପରମାନନ୍ଦପୁର, ବାହାବଲପୁର,**
**ତିହିଡ଼ି, ଭଦ୍ରକ**
**ମୋ- ୯୯୩୮୦୦୭୮୩୩**

**ଆଜିର ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ମୁମ୍ବାଇ

କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: କୋଲ୍‌କାତା

# ପାଟିଦାର ଆଇପିଏଲ୍‌ର ନୂଆ ସିକ୍ସର୍ କିଙ୍ଗ୍



**ହାଇଦ୍ରାବାଦ,୨୩।୫/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) କ୍ୟାପ୍ଟେନ୍ ରଜତ ପାଟିଦାର ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ରେ ଏକ ନୂଆ ରେକର୍ଡ କରିଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବିପକ୍ଷରେ ଶୁକ୍ରବାର ସେ ମାରିଥିବା ଏକମାତ୍ର ଛକା ଆଇପିଏଲ୍‌ରେ ତାଙ୍କର ୧୦୦ତମ ଛକା ଥିଲା। ପାଟିଦାର ବଲ୍ ହିସାବରେ ଦ୍ରୁତତମ ୧୦୦ ଛକା ମାରିବାରେ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ସେ ଏହି ରେକର୍ଡ କେବଳ ୯୩୩ ବଲ୍‌ରେ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଶିଭମ୍ ଦୁବେଙ୍କ ନାମରେ ଥିଲା। ଦୁବେ ୯୯୨ ବଲ୍‌ରେ ୧୦୦ ଛକା ପୂରା କରିଥିଲେ। ଆର୍‌ସିବି କ୍ୟାପ୍ଟେନ୍ ଚଳିତ ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ମୋଟ ୩୯୩ ରନ୍ କରିଥିବା ବେଳେ ଏହା ମଧ୍ୟରେ ୩୨ ଛକା ସାମିଲ ଅଛି। ରଜତ ପାଟିଦାରଙ୍କ ନେତୃତ୍ୱରେ ହିଁ ଆର୍‌ସିବି ୨୦୨୫ରେ ପ୍ରଥମ ଆଇପିଏଲ୍ ଟ୍ରଫି ଜିତିଥିଲା। ଚଳିତ ସିଜନ୍‌ରେ ମଧ୍ୟରେ ଆର୍‌ସିବି ପଏଣ୍ଟ୍ ଟେବଲ୍ ଶୀର୍ଷରେ ରହିଛି।

# ଆର୍‌ଆର୍‌ରେ ଇମନ୍‌ଜୋତ୍ ଚହଲ ବଦଳ ଖେଳାଳି

**ନୂଆଦିଲ୍ଲୀ,୨୩।୫/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ୱିକେଟ୍‌କିପର୍ ବ୍ୟାଟର୍ ରବି ସିଂହଙ୍କ ସ୍ଥାନରେ ଇମନ୍‌ଜୋତ୍ ଚହଲଙ୍କୁ ବଦଳ ଖେଳାଳି ଭାବେ ଟିମ୍‌ରେ ସାମିଲ କରିଛି। ମେ' ୧୭ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଚଳିତ ସିଜନ୍‌ର ଏକମାତ୍ର ମ୍ୟାଚ୍ ଖେଳିଥିବା ରବି ସିଂହ ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ କାରଣରୁ ଆଇପିଏଲ୍ ୨୦୨୬ରୁ ବାଦ୍ ପଡ଼ିଛନ୍ତି। ପତିଆଲାର ବାମହାତୀ ସ୍ପିନ୍ ଅଲ୍‌ରାଉଣ୍ଡର୍ ଇମନଜୋତ୍ ପଞ୍ଜାବ ପକ୍ଷରୁ ତିନିଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୧ ୱିକେଟ୍ ଅକ୍ତିଆର କରିଛନ୍ତି। ଏହା ବ୍ୟତୀତ ଚହଲ୍ ୨୦୨୫-୨୬ ରଣଜୀ ଟ୍ରଫିରେ କର୍ଣ୍ଣାଟକ ବିପକ୍ଷରେ ୮୩ ରନ୍ ମଧ୍ୟ କରିଥିଲେ। ଶନିବାର ୱାଙ୍ଖେଡେରେ ଖେଳାଯିବାକୁ ଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ନିଜର ଅନ୍ତିମ ଲିଗ୍ ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ରାଜସ୍ଥାନ ଏହି ନିଷ୍ପତ୍ତି ନେଇଛି। ପ୍ଲେଅଫ୍ ଦୌଡ଼ରେ ସାମିଲ ଥିବା ଆର୍‌ଆର୍ ଗୋଟିଏ ମ୍ୟାଚ୍ ଜିତିଲେ ଚତୁର୍ଥ ସ୍ଥାନ ସୁନିଶ୍ଚିତ କରିବ।

# ଭାରତୀୟ ମହିଳା ଟିମ୍‌ର ଇଂଲଣ୍ଡ ଯାତ୍ରା



**ମୁମ୍ବାଇ,୨୩।୫/ଏଜେନ୍ସି:** ଭାରତୀୟ ମହିଳା କ୍ରିକେଟ୍ ଟିମ୍ ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ପାଇଁ ଶନିବାର ମୁମ୍ବାଇରୁ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଛି। ଏହି ଅବସରରେ ମୁମ୍ବାଇ ବିମାନ ବନ୍ଦରରେ ପ୍ରଶଂସକମାନେ ଢୋଲ ବାଜା ମଧ୍ୟରେ ଖେଳାଳିମାନଙ୍କୁ ତିଳକ ଲଗାଇ ବିଦାୟ ଦେଇଥିଲେ। ଗତ ବର୍ଷ ଭାରତକୁ ପ୍ରଥମ ଥର ମହିଳା ଦିନିକିଆ ବିଶ୍ୱକପ୍ ବିଜୟୀ କରାଇଥିବା କ୍ୟାପ୍ଟେନ୍ ହରମନପ୍ରୀତ୍ କୌର୍‌ଙ୍କ ନେତୃତ୍ୱରେ ଟିମ୍ ଚଳିତ ଥର ଟି-୨୦ ବିଶ୍ୱକପ୍ ଖେଳିବ। ସେହି ଟିମ୍‌ର ୧୧ ଜଣ ଖେଳାଳି ସ୍କ୍ୱାଡ୍‌ର ସଦସ୍ୟ ଅଛନ୍ତି। ଭାରତ ବିଶ୍ୱକପ୍‌ରେ ନିଜର ପ୍ରଥମ ମ୍ୟାଚ୍ ଜୁନ୍ ୧୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଏଜ୍‌ବାଷ୍ଟନ୍‌ରେ ଖେଳିବ। ଏହାପରେ ଟିମ୍ ଇଣ୍ଡିଆ ନେଦରଲାଣ୍ଡ୍‌ସ, ସାଉଥ୍ ଆଫ୍ରିକା, ବାଂଲାଦେଶ ଏବଂ ଅଷ୍ଟ୍ରେଲିଆକୁ ଭେଟିବ। ଟୁର୍ଣ୍ଣାମେଣ୍ଟ୍‌ରେ ୧୨ ଟିମ୍‌କୁ ୬-୬ର ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇ ଟିମ୍ ସେମିଫାଇନାଲ୍ ଖେଳିବେ। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ। ଏହି ସିରିଜ୍ ଆଇସିସି ଟୁର୍ଣ୍ଣାମେଣ୍ଟ୍‌ର ପ୍ରସ୍ତୁତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସିରିଜ୍ ମେ' ୨୮ରୁ ଆରମ୍ଭ ହେବ।

# ଶ୍ରେୟସ୍‌ଙ୍କ ଶତକରେ ପଞ୍ଜାବ ବିଜୟୀ

**ଟିମ୍‌ର ପ୍ଲେଅଫ୍ ଆଶା ବଜାୟ**

**ଲକ୍ଷ୍ନୌକୁ ୭ ୱିକେଟ୍‌ରେ ହରାଇଲା**

**ପ୍ରଭସିମ୍‌ରନ ସିଂହଙ୍କ ଅର୍ଦ୍ଧଶତକ**

**ଚହଲ-ଜାନ୍‌ସେନ୍‌ଙ୍କୁ ୨-୨ ୱିକେଟ୍**



**ଲକ୍ଷ୍ନୌ,୨୩।୫/ଏଜେନ୍ସି:** ପଞ୍ଜାବ କିଙ୍ଗ୍‌ସ ଶନିବାର ଚଳିତ ଆଇପିଏଲ୍‌ରେ ନିଜର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌କୁ ୭ ୱିକେଟ୍‌ରେ ହରାଇଦେଇଛି। ଏହି ବିଜୟ ଫଳରେ ପଞ୍ଜାବର ପ୍ଲେଅଫ୍ ଆଶା ଉଜ୍ଜୀବିତ ରହିଛି। ଯଦି ଶନିବାର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପରାଜିତ ହୁଏ, ତେବେ ପଞ୍ଜାବ କିଙ୍ଗ୍‌ସ (୧୫ ପଏଣ୍ଟ) ଚତୁର୍ଥ ଟିମ୍ ଭାବେ ପ୍ଲେଅଫ୍‌ରେ ସ୍ଥାନ ହାସଲ କରିବ। ସ୍ଥାନୀୟ ଇକାନା ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ୬ ୱିକେଟ୍‌ରେ ୧୯୬ ରନ୍ କରିଥିଲା। ଜବାବରେ ପଞ୍ଜାବ କ୍ୟାପ୍ଟେନ୍ ଶ୍ରେୟସ୍ ଆୟର୍‌ଙ୍କ ଅପରାଜିତ ଶତକ (୧୦୧ ରନ୍) ଏବଂ ପ୍ରଭସିମରନ୍ ସିଂହଙ୍କ ଅର୍ଦ୍ଧଶତକ (୬୯ ରନ୍) ବଳରେ ୧୮ ଓଭର୍‌ରେ ମାତ୍ର ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଆୟର୍ ଛକା ମାରି ଶତକ ପୂରଣ କରିବା ସହିତ ଟିମ୍‌କୁ ବିଜୟ ଦେଇଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ପ୍ରଥମ ଶତକ।

୧୯୭ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ପଞ୍ଜାବର ଆରମ୍ଭ ଭଲ ନଥିଲା। ଇନିଂସ୍‌ର ପ୍ରଥମ ବଲ୍‌ରେ ମହମଦ ଶମୀ ଓପ୍ନର୍ ପ୍ରିୟାଂଶ ଆର୍ଯ୍ୟଙ୍କୁ ଅର୍ଜୁନ୍ ତେନ୍ଦୁଲକରଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ଶମୀ ଇନ୍‌ଫର୍ମ ବ୍ୟାଟର୍ କୁପର୍ କୋନୋଲୀ (୧୮ ରନ୍)ଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ୨୨ ରନ୍‌ରେ ଦୁଇ ୱିକେଟ୍‌ର ପତନ ପରେ ପ୍ରଭସିମ୍‌ରନ୍‌ଙ୍କ ସହ କ୍ୟାପ୍ଟେନ୍ ଆୟର୍ ୭୬ ବଲ୍‌ରେ ୧୪୦ ରନ୍‌ର ଦ୍ରୁତ ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ। ପ୍ରଭସିମ୍‌ରନ୍ ୩୯ ବଲ୍‌ରେ ୬୯ ରନ୍ କରି ଅର୍ଜୁନ ତେନ୍ଦୁଲକରଙ୍କ ବଲ୍‌ରେ ଆଉଟ୍ ହେବା ପରେ ଆୟର୍ ଓ ସୁର୍ଯ୍ୟାଂଶ ଶେଗଡ଼େ ଟିମ୍‌କୁ ୧୮ ଓଭର୍‌ରେ ବିଜୟୀ କରାଇଥିଲେ। ଶ୍ରେୟସ୍ ୫୧ ବଲ୍‌ରେ ୧୧ ଚୌକା ଓ ୫ ଛକା ସହାୟତାରେ ଅପରାଜିତ ୧୦୧ ରନ୍ କରିଥିବା ବେଳେ ଶେଗଡ଼େ ୯ ରନ୍‌ରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ମହମ୍ମଦ ଶମୀ ଦୁଇଟି ଏବଂ ଅର୍ଜୁନ ତେନ୍ଦୁଲକର ଗୋଟିଏ ୱିକେଟ୍ ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ଆରମ୍ଭ ଭଲ ନଥିଲା। ଆର୍ଶିନ୍ କୁଲ୍‌କର୍ଣ୍ଣି ଖାତା ଖୋଲିବା ପୂର୍ବରୁ ଏବଂ ନିକୋଲାସ୍ ପୁରନ୍ ୨ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଓପ୍ନର୍ ଜୋଶ୍ ଇଙ୍ଗଲିସ୍ ଇନିଂସ୍ ସମ୍ଭାଳି ଆୟୁଷ ବଡ଼ୋନୀ (୪୩)ଙ୍କ ସହ ୩ୟ ୱିକେଟ୍ ପାଇଁ ୪୯ ରନ୍ ଏବଂ କ୍ୟାପ୍ଟେନ୍ ଋଷଭ ପନ୍ତଙ୍କ ସହ ୪ର୍ଥ ୱିକେଟ୍ ପାଇଁ ୬୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ବଡ଼ୋନୀ ୧୮ ବଲ୍‌ରେ ୪୩ ଏବଂ ପନ୍ତ୍ ୨୨ ବଲ୍‌ରେ ୨୬ ରନ୍ କରି ଆଉଟ୍ ହୋଇଥିଲେ। ଇଙ୍ଗଲିସ୍ ୪୪ ବଲ୍‌ରେ ୯ ଚୌକା ଓ ୨ ଛକା ସହାୟତାରେ ୭୨ ରନ୍‌ର ସର୍ବାଧିକ ଇନିଂସ୍ ଖେଳିଥିଲେ। ଆଉଟ୍ ପୂର୍ବରୁ ସେ ଅବ୍‌ଦୁଲ୍ ସମଦଙ୍କ ସହ ୩୫ ରନ୍‌ର ପାର୍ଟନରଶିପ୍ ମଧ୍ୟ କରିଥିଲେ। ସମଦ ୨୦ ବଲ୍‌ରେ ୩ ଛକା ଓ ୩ ଚୌକା ବଳରେ ୩୭ ରନ୍ କରି ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ମାର୍କୋ ଜାନ୍‌ସେନ୍ ଓ ଯୁଜବେନ୍ଦ୍ର ଚହଲ ୨-୨ ୱିକେଟ୍ ନେଇଥିବା ବେଳେ ଉମରଜଇ ଓ ଶଶାଙ୍କ ସିଂହଙ୍କୁ ୧-୧ ସଫଳତା ମିଳିଥିଲା।

**କ୍ରିକେଟ୍ ନିୟମରେ ବଡ଼ ପରିବର୍ତ୍ତନ ଯୋଜନା**

# ଟେଷ୍ଟ ମ୍ୟାଚ୍ ଉପରେ ପଡ଼ିବ ସିଧା ପ୍ରଭାବ

**ମୁମ୍ବାଇ,୨୩।୫/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପ୍ଲେଇଙ୍ଗ୍ କଣ୍ଡିସନ୍‌ରେ ବଡ଼ ପରିବର୍ତ୍ତନ ଯୋଜନା କରୁଛି। ଏହାର ସିଧା ପ୍ରଭାବ ଟେଷ୍ଟ ମ୍ୟାଚ୍ ଉପରେ ପଡ଼ିବ। ଏବେ ମ୍ୟାଚ୍‌ରେ ଲାଲ୍ ବଲ୍ ଏବଂ ପିଙ୍କ୍ (ଗୋଲାପୀ) ବଲ୍‌ର ବ୍ୟବହାର ଦେଖିବାକୁ ମିଳିପାରେ। ଏହା ବ୍ୟତୀତ ଟି-୨୦ ମ୍ୟାଚ୍‌ର ବ୍ରେକ୍ ଟାଇମ୍, କୋଚ୍‌ଙ୍କ ପଡ଼ିଆରେ ପ୍ରବେଶ ଏବଂ ସନ୍ଦିଗ୍ଧ ବୋଲିଂ ଆକ୍ସନ୍‌କୁ ନେଇ ମଧ୍ୟ ନୂଆ ନିୟମ ଲାଗୁ ହେବ।

**ମ୍ୟାଚ୍ ମଝିରେ ବ୍ୟବହାର ହେବ ଲାଲ୍ ବଲ୍ ସ୍ଥାନରେ ପିଙ୍କ୍ ବଲ୍**



କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ପରିବର୍ତ୍ତନ ସହ ଜଡ଼ିତ ପ୍ରସ୍ତାବ ଗୁରୁବାର ଆଇସିସି ଚିଫ୍ ଏଗ୍‌ଜିକ୍ୟୁଟିମ୍ କମିଟି (ସିଇସି)ର ଭର୍ଚୁଆଲ୍ ବୈଠକରେ ରଖାଯାଇଛି। ଆଇସିସି କ୍ରିକେଟ୍ କମିଟି ପ୍ରମୁଖ ସୌରଭ ଗାଙ୍ଗୁଲି ମଧ୍ୟ ବୈଠକରେ ସାମିଲ ଥିଲେ। ଏହି ପ୍ରସ୍ତାବ ଉପରେ ମେ' ୩୦ ତାରିଖରେ ଅହମଦାବାଦରେ ହେବାକୁ ଥିବା ଆଇସିସି ବୈଠକରେ ଆଲୋଚନା ହେବ ଏବଂ ମଞ୍ଜୁରୀ ମିଳିଲେ ନୂଆ ନୟମ ଚଳିତ ବର୍ଷ ଅକ୍ଟୋବର ୧ ତାରିଖରୁ ଲାଗୁ କରାଯାଇପାରେ।

ସବୁଠୁ ବଡ଼ ପ୍ରସ୍ତାବ ଲାଲ୍ ବଲ୍‌ରୁ ଆରମ୍ଭ ହୋଇଥିବା କୌଣସି ଟେଷ୍ଟ ମ୍ୟାଚ୍‌ର ମଝିରେ ପିଙ୍କ୍ ବଲ୍‌ର ବ୍ୟବହାର। ଖରାପ ଆଲୋକ କାରଣରୁ ଖେଳ ରୋକାଯିବା ପରିସ୍ଥିତିରେ ହିଁ ବଲ୍ ପରିବର୍ତ୍ତନ କରାଯିବ। ଲାଲ୍ ବଲ୍ ଫ୍ଲଡ୍‌ଲାଇଟ୍ସରେ ଠିକ୍ ଭାବେ ଦେଖାଯାଇ ନଥାଏ। ଯେତେ ସମୟ ଖରାପ ଆଲୋକ ରହିବ, ସେ ପର୍ଯ୍ୟନ୍ତ ଲାଲ୍ ବଲ୍ ସ୍ଥାନରେ ପିଙ୍କ୍ ବଲ୍‌ରେ ଖେଳ ହେବ। ତେବେ ଏଥିପାଇଁ ଦୁଇ ଟିମ୍‌ର କ୍ୟାପ୍ଟେନ୍‌ଙ୍କ ସହମତି ଆବଶ୍ୟକ। ଏହି ପ୍ରସ୍ତାବ କେବଳ ଦିନରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ପାଇଁ। ଏହା ସହିତ ଏହି ନିୟମ ପୂର୍ବରୁ ଫ୍ଲଡ୍‌ଲାଇଟ୍ସ ଥିବା ପଡ଼ିଆରେ ହିଁ ଲାଗୁ ହେବ। ଦିନିକିଆ ମ୍ୟାଚ୍‌ର ପ୍ରତ୍ୟେକ ଇନିଂସ୍‌ରେ ଦୁଇଥର ଡ୍ରିଙ୍କ୍‌ସ ବ୍ରେକ୍ ହୋଇଥାଏ। ଏବେ ଡ୍ରିଙ୍କ୍‌ସ ବ୍ରେକ୍ ଅବସରରେ କେବଳ ବଦଳ ଖେଳାଳି ହିଁ ପଡ଼ିଆକୁ ଯାଇପାରିବେ। ସେହିପରି ଡ୍ରିଙ୍କ୍‌ସ ନେଇ ଯାଉଥିବା ଖେଳାଳି କ୍ରିକେଟ୍ ଡ୍ରେସ୍‌ରେ ଥିବା ଅନିବାର୍ଯ୍ୟ। ପ୍ରସ୍ତବ ଅନୁସାରେ ମୁଖ୍ୟ କୋଚ୍‌ଙ୍କୁ ମଧ୍ୟ ଖେଳାଳିମାନଙ୍କ ସହିତ କଥାବାର୍ତ୍ତା ପାଇଁ ପଡ଼ିଆକୁ ଯିବାର ଅନୁମତି ମିଳିବ। ପୂର୍ବରୁ ଟି-୨୦ ଅନ୍ତର୍ଜାତୀୟରେ କୋଚ୍‌ଙ୍କୁ ଏହାର ଅନୁମତି ଦିଆଯାଇଛି।

ସେହିପରି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଦୁଇ ଇନିଂସ୍ ମଝିରେ ବ୍ରେକ୍ ସମୟ ୨୦ ମିନିଟ୍‌ରୁ ହ୍ରାସ କରି ୧୫ ମିନିଟ୍ କରିବାର ପ୍ରସ୍ତାବ ରହିଛି। ଫଳରେ ମ୍ୟାଚ୍ ଶୀଘ୍ର ଶେଷ ହେବ ଏବଂ ବ୍ରଡ୍‌କାଷ୍ଟ କାର୍ଯ୍ୟସୂଚୀ ମଧ୍ୟ ସହଜ ହେବ। ଏହା ବ୍ୟତୀତ ଆଇସିସି ଅନ୍-ଫିଲ୍ଡ ଅମ୍ପାୟାର୍‌ଙ୍କୁ ହକ୍-ଆଇ ଟେକ୍‌ନିକ୍ ଉପଲବ୍ଧ କରାଇବା ଉପରେ ବିଚାର କରୁଛି। ଏହା ଦ୍ୱାରା ମ୍ୟାଚ୍ ଅବସରରେ ସନ୍ଦିଗ୍ଧ ବୋଲିଂ ଆକ୍ସନ୍ ଉପରେ ନଜର ରଖାଯାଇପାରିବ।

# ଜେନେଭା ଓପନ୍ ଫାଇନାଲ୍‌ରେ ଭାମ୍ବ୍ରୀ-ଭିନସ୍

**ଜେନେଭା,୨୩।୫/ଏଜେନ୍ସି:** ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରୀ ଏବଂ ତାଙ୍କ ନ୍ୟୁଜିଲାଣ୍ଡ ଯୋଡ଼ିଦାର ମାଇକେଲ୍ ଭିନସ୍ ଜେନେଭା ଓପନ୍ ପୁରୁଷ ଡବଲ୍ସ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ୍‌ରେ ଭାମ୍ବ୍ରୀ-ଭିନସ୍ ଚେକ୍ ଗଣରାଜ୍ୟର ପେତ୍ର ରିକ୍ଲ ଏବଂ ଆଦାମ୍ ପାଭଲାସେକ୍‌ଙ୍କ ଯୋଡ଼ିକୁ ୭-୫, ୬-୩ ସିଧା ସେଟ୍‌ରେ ହରାଇ ଚଳିତ ସିଜନ୍‌ର ପ୍ରଥମ ଏଟିପି ଫାଇନାଲ୍ ସୁନିଶ୍ଚିତ କରିଛନ୍ତି। ଭାମ୍ବ୍ରୀ ଓ ଭିନସ୍ ମହତ୍ତ୍ୱପୂର୍ଣ୍ଣ ଅବସରରେ ଚମତ୍କାର ଖେଳ ପ୍ରଦର୍ଶନ କରି ଲଗାତାର ପ୍ରଭାବୀ ସର୍ଭିସ୍ ଦମ୍‌ରେ ଏକ ଘଣ୍ଟା ୧୨ ମିନିଟ୍‌ର ମ୍ୟାଚ୍ ନିଜ ନାମରେ କରିଛନ୍ତି। ଫାଇନାଲ୍‌ରେ ଏବେ ସେମାନଙ୍କ ମୁକାବିଲା ରୋମେନ୍ ଅର୍ନିୟାଡୋ ଏବଂ ମାର୍କ ପୋଲମାନ୍ସଙ୍କ ଯୋଡ଼ି ସହ ହେବ। ଏହି ଯୋଡ଼ି ଅନ୍ୟ ସେମିଫାଇନାଲ୍‌ରେ କନ୍‌ଷ୍ଟେଣ୍ଟିନ୍ ଫ୍ରାଣ୍ଟଜେନ୍ ଓ ରବିନ୍ ହାସେଙ୍କୁ ୭-୬(୪), ୬-୨ରେ ହରାଇଥିଲେ।



**ଦେଶ ବିଦେଶ**

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ଆମେରିକା ବିଦେଶ ମନ୍ତ୍ରୀ

**ପଶ୍ଚିମ ଏସିଆ ସ୍ଥିତି ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା**



**ନୂଆଦିଲ୍ଲୀ,୨୩।୫/ଏଜେନ୍ସି:** ଭାରତ ଗସ୍ତରେ ଆସିଥିବା ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେବା ତୀର୍ଥରେ ଭେଟିଛନ୍ତି। ଏହି ଅବସରରେ ରୁବିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକା ଯିବା ପାଇଁ ଆମନ୍ତ୍ରଣ କରିଛନ୍ତି। ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ ଅନୁସାରେ ଦୁଇ ନେତା ପ୍ରତିରକ୍ଷା, ବ୍ୟାପାର ଓ ନିବେଶ, ଶକ୍ତି ସୁରକ୍ଷା, ରଣନୈତିକ ପ୍ରଯୁକ୍ତି, ଯୋଗାଯୋଗ, ଶିକ୍ଷା, ନାଗରିକ ସମ୍ପର୍କ ଏବଂ ଇଣ୍ଡୋ-ପ୍ୟାସିଫିକ୍ ସହଯୋଗ ସମେତ କେତେକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବୈଠକରେ ପଶ୍ଚିମ ଏସିଆ ସ୍ଥିତି ଏବଂ ଇରାନ୍ ସଂକଟ ଉପରେ ମଧ୍ୟ କଥାବାର୍ତ୍ତା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ପଶ୍ଚିମ ଏସିଆରେ ଶାନ୍ତି ପ୍ରୟାସ ନେଇ ଭାରତର ନିରନ୍ତର ସମର୍ଥନକୁ ଦୋହରାଇଥିଲେ। ଆପୋସ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ପ୍ରଧାନମନ୍ତ୍ରୀ ପୁଣିଥରେ ଆହ୍ୱାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶୁଭକାମନା ଜଣାଇବା ଲାଗି ରୁବିଓଙ୍କୁ ଅନୁରୋଧ କରିବା ସହିତ ସେମାନଙ୍କ ମଧ୍ୟରେ ନିୟମିତ ଆଲୋଚନା ଜାରି ରହିବ ବୋଲି କହିଥିଲେ।

ବୈଠକରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ଭାରତରେ ଆମେରିକାର ରାଜଦୂତ ସର୍ଜିୟୋ ଗୋର୍ ଏବଂ ଆମେରିକା ଅଣ୍ଡର ସେକ୍ରେଟାରୀ ଏଲିସନ୍ ହୁକର୍ ମଧ୍ୟ ଉପସ୍ଥିତ ଥିଲେ।

# ରାଘବ ଚଢ଼ା ସଂସଦର ପିଟିସନ୍ କମିଟି ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୩।୫/ଏଜେନ୍ସି:** ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କୁ ସଂସଦର ପିଟିସନ୍ କମିଟି (ଆବେଦନ ସମିତି)ର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ରାଜ୍ୟସଭା ସଭାପତି ସିପି ରାଧାକୃଷ୍ଣନ୍ ଏହି କମିଟିର ପୁନର୍ଗଠନ କରିବା ସହିତ ଏଥିରେ ସଦନର ୧୦ ସଦସ୍ୟଙ୍କୁ ସାମିଲ କରିଛନ୍ତି। ଏହି କମିଟିରେ ରାଘବ ଚଢ଼ାଙ୍କ ବ୍ୟତୀତ ହର୍ଷ ମହାଜନ, ଗୁଲାମ ଅଲୀ, ଶମ୍ଭୁ ଚରଣ ପଟେଲ୍, ମୟଙ୍କ କୁମାର ନାୟକ, ମସ୍ତାନ ରାଓ ଯାଦବ ବିଧା, ଜେବି ମାଥେର ହିଶାମ୍, ସୁଭାଶିଷ ଖୁଣ୍ଟିଆ, ରୋଙ୍ଗଭରା ନରଜାରୀ ଏବଂ ସନ୍ତୋଷ କୁମାର ପି'ଙ୍କୁ ସଦସ୍ୟ ନିଯୁକ୍ତ କରାଯାଇଛି।



## କର୍ଣ୍ଣାଟକରେ କାର୍-ଲରି ଧକ୍କା, ୫ ମୃତ

**ବେଙ୍ଗାଲୁରୁ,୨୩।୫/ଏଜେନ୍ସି:** କର୍ଣ୍ଣାଟକର କଲବୁର୍ଗୀ ଜିଲ୍ଲାରେ ଶନିବାର କାର୍ ଓ ଲରି ମଧ୍ୟରେ ଧକ୍କା ଘଟିବା ଫଳରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଲାଡ଼ଲାପୁର ଅଞ୍ଚଳ ନିକଟରେ ଘଟିଥିବା ବେଳେ ଏହାର କାରଣ ଏବଂ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏହା ପୂର୍ବରୁ ଗତମାସରେ ରାଜ୍ୟର ୟାଦଗୀର ଜିଲ୍ଲାରେ କାର୍ ଓ ବସ୍ ମଧ୍ୟରେ ଧକ୍କା ଘଟି ୭ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା।

# ଆଇପିଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ପ୍ରଶାସନକୁ ଆହୁରି ସୁଦୃଢ଼ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟପାଳଙ୍କ ଆଦେଶକ୍ରମେ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ତ୍ରିଲୋଚନ ମାଝୀଙ୍କ ସ୍ୱାକ୍ଷରରେ ପ୍ରକାଶିତ ସରକାରୀ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ୧୮ ଜଣ ବରିଷ୍ଠ ଆଇପିଏସ୍ ଏବଂ ଓପିଏସ୍ ଅଧିକାରୀଙ୍କୁ ତୁରନ୍ତ ପ୍ରଭାବରୁ ବଦଳି କରାଯାଇ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ପ୍ରଶାସନିକ ଅଦଳବଦଳରେ ଅନେକ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବଦଳି ହୋଇଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ପଦବୀରେ ମଧ୍ୟ ନୂତନ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ସରକାରୀ ବିଜ୍ଞପ୍ତି ଅନୁସାରେ, ନବରଙ୍ଗପୁରର ଆରକ୍ଷୀ ଅଧୀକ୍ଷକ (ଡିଆଇଜିପି ପଦବୀରେ) ଥିବା ମଡକର ସନ୍ଦୀପ ସମ୍ପତ, ଭା.ପୁ.ସେ (୨୦୧୨ ବ୍ୟାଚ୍)ଙ୍କୁ କଟକ ସ୍ଥିତ କ୍ରାଇମବ୍ରାଞ୍ଚ (ସିଆଇଡି-ସିବି)ର ଡି.ଆଇ.ଜି ଭାବେ ବଦଳି କରାଯାଇଛି। ସେହିପରି କଟକ ସିଆଇଡି, ସିବିର ଆରକ୍ଷୀ ଅଧୀକ୍ଷକ ଥିବା ପରମାର ସ୍ମିତ ପରଷୋତ୍ତମଦାସ, ଭା.ପୁ.ସେ (୨୦୧୩ ବ୍ୟାଚ୍)ଙ୍କୁ ନୟାଗଡ଼ର ନୂତନ ଆରକ୍ଷୀ ଅଧୀକ୍ଷକ (ଏସ.ପି.) ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧାର ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଭା.ପୁ.ସେ (୨୦୧୪ ବ୍ୟାଚ୍)ଙ୍କୁ କଟକ ସିଆଇଡି, ସିବିର ଆରକ୍ଷୀ ଅଧୀକ୍ଷକ ପଦବୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାୟଗଡ଼ାର ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ସ୍ୱାତୀ ଏସ. କୁମାର, ଭା.ପୁ.ସେ (୨୦୧୭ ବ୍ୟାଚ୍)ଙ୍କୁ ଭୁବନେଶ୍ୱର ସ୍ଥିତ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ଆରକ୍ଷୀ ଅଧୀକ୍ଷକ ଭାବେ ନୂତନ ଦାୟିତ୍ୱ ମିଳିଛି। ଅପରପକ୍ଷରେ ବରଗଡ଼ର ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଭା.ପୁ.ସେ (୨୦୧୭ ବ୍ୟାଚ୍)ଙ୍କୁ ଗଜପତିର ଏସ.ପି. ଭାବେ ବଦଳି କରାଯାଇଛି। ନୟାଗଡ଼ର ଏସ.ପି. ଥିବା ଏସ. ସୁଶ୍ରୀ, ଭା.ପୁ.ସେ (୨୦୧୮ ବ୍ୟାଚ୍)ଙ୍କୁ ଭିଜିଲାନ୍ସର ଆରକ୍ଷୀ ଅଧୀକ୍ଷକ ଭାବେ ନୂତନ ନିଯୁକ୍ତି ମିଳିଛି। ସ୍ପେଶାଲ ବ୍ରାଞ୍ଚର ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଭା.ପୁ.ସେ (୨୦୧୮ ବ୍ୟାଚ୍)ଙ୍କୁ ରାୟଗଡ଼ାର ଏସ.ପି. ଏବଂ ଗଞ୍ଜାମର ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଭା.ପୁ.ସେ (୨୦୧୯ ବ୍ୟାଚ୍)ଙ୍କୁ ଖୋର୍ଦ୍ଧାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। ବୌଦ୍ଧର ଏସ.ପି.ରାହୁଲ ଗୋୟଲ, ଭା.ପୁ.ସେ (୨୦୨୦ ବ୍ୟାଚ୍)ଙ୍କୁ ସ୍ପେଶାଲ ବ୍ରାଞ୍ଚର ଆରକ୍ଷୀ ଅଧୀକ୍ଷକ ଭାବେ ଏବଂ କନ୍ଧମାଳର ଏସ.ପି. ହରିଶା ବି. ସି., ଭା.ପୁ.ସେ (୨୦୨୦ ବ୍ୟାଚ୍)ଙ୍କୁ ଗଞ୍ଜାମର ନୂତନ ଏସ.ପି. ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହା ବ୍ୟତୀତ ଭଦ୍ରକର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଥିବା କାଶ୍ୟପ ପାର୍ଥ ଜଗଦୀଶ, ଭା.ପୁ.ସେ (୨୦୨୧ ବ୍ୟାଚ୍)ଙ୍କୁ ପଦୋନ୍ନତି ସହ ନବରଙ୍ଗପୁରର ଏସ.ପି. ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳଙ୍କ ଏଡିସ ଭାବେ କାର୍ଯ୍ୟ କରୁଥିବା କୁଲଦୀପ ମୀନା, ଭା.ପୁ.ସେ (୨୦୨୧ ବ୍ୟାଚ୍)ଙ୍କୁ ବୌଦ୍ଧର ଆରକ୍ଷୀ ଅଧୀକ୍ଷକ ଏବଂ ରାୟଗଡ଼ାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ, ଭା.ପୁ.ସେ (୨୦୨୨ ବ୍ୟାଚ୍)ଙ୍କୁ କନ୍ଧମାଳର ନୂତନ ଏସ.ପି. ଭାବେ ଅବସ୍ଥାପିତ କରାଯାଇଛି। କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ର ଏସିପି ଥିବା ଅନନ୍ୟା ଅଓ୍ୱସ୍ତି, ଭା.ପୁ.ସେ (୨୦୨୨ ବ୍ୟାଚ୍)ଙ୍କୁ ରାଜ୍ୟପାଳଙ୍କ ନୂତନ ଏଡିସି ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ପୁଲିସ ସେବା (ଓ.ପୁ.ସେ) ଅଧିକାରୀମାନଙ୍କ ମଧ୍ୟରେ କଟକ ସିଆଇଡି, ସିବିର ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଓ.ପୁ.ସେ (ଏସଏଜି)ଙ୍କୁ ବଦଳି କରାଯାଇ ସିଗନାଲ୍ସର ଆରକ୍ଷୀ ଅଧୀକ୍ଷକ କରାଯାଇଛି। ସେହିପରି ଭୁବନେଶ୍ୱର ସ୍ଥିତ ଏସ୍‌ଟିଏଫ୍‌ର ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ, ଓ.ପୁ.ସେ (ଏସଏଜି)ଙ୍କୁ ବରଗଡ଼ର ନୂତନ ଏସପି. ଭାବେ ଦାୟିତ୍ୱ ଦିଆଯାଇଛି। ସ୍ପେଶାଲ ବ୍ରାଞ୍ଚର ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ଦାସ, ଓ.ପୁ.ସେ (ଏସ)ଙ୍କୁ ରାଉରକେଲାର ଏସଆରପି ଏବଂ ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର ଡିସିପି(ୟୁପିଡି)ଭାବେ କାର୍ଯ୍ୟରତ କିଶୋର ଚନ୍ଦ୍ର ମୁଣ୍ଡ, ଓ.ପୁ.ସେ (ଏସ)ଙ୍କୁ ଦେବଗଡ଼ର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। ତୁରନ୍ତ ନୂତନ ପଦବୀରେ ଯୋଗଦେବା ପାଇଁ ସଂଶ୍ଲିଷ୍ଟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra